R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୧୨
ତିଥି : ଚତୁର୍ଦ୍ଦଶୀ
୧୦ ମେ’ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 212
10 May 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamaya...@gmail.com
ww...ayalive

Bhubaneswar | Balasore | Angul | Berhampur | Sambalpur | Jeypore



# ଜବାବୀ ଆକ୍ରମଣରେ ପାକ୍ ଧରାଶାୟୀ



ନୂଆଦିଲ୍ଲୀ : ସୂର୍ଯ୍ୟାସ୍ତ ପରେ ପାକିସ୍ତାନ ତା’ର ରୂପ ଦେଖାଉଛି । ବ୍ଲାକ୍‌ଆଉଟ୍ ହେବା ପରେ ଭାରତର ଏଲ୍‌ଓସି ନିକଟରେ ଥିବା ଅନେକ ଅଞ୍ଚଳକୁ ଟାର୍ଗେଟ କରୁଛି । ସାମ୍ବା କ୍ଷେତ୍ରରେ ଡ୍ରୋନ୍ ଯୋଗେ ପୁଣି ଆକ୍ରମଣ କରିବାକୁ ଚେଷ୍ଟା କରିଛି । ତେବେ ଏୟାର ଡିଫେନ୍ସ ସିଷ୍ଟମ୍ ଏସ୍-୪୦୦ ଏହାକୁ ନିଷ୍କ୍ରିୟ କଲା ପରେ ସେଠାରେ ବଡ ବିସ୍ଫୋରଣ ହୋଇଛି । ଜାମ୍ମୁରେ ଅଧିକାଂଶ ସହରରେ ବ୍ଲାକ୍‌ଆଉଟ୍ କରାଯାଇଛି । ଅଧିକାଂଶ ସ୍ଥାନରେକ ସାଇରନ ବାଜୁଛି । ଲୋକମାନଙ୍କୁ ସଚେତନ କରାଯାଉଛି । ଜାମ୍ମୁ, ସାମ୍ବା, ପଠାଣକୋଟ, ଅଖ୍ନୁର, ଉଦ୍ଧାମପୁର, ଜୈସଲମାର, ଜାମ୍ମୁ ବିମାନ ବନ୍ଦର, ରାଜସ୍ଥାନର ପୋଖରାନରେ ଡ୍ରୋନ୍‌ରେ ଆକ୍ରମଣ ପାଇଁ ଚେଷ୍ଟା କରାଯାଇଛି । ୨୬ ସ୍ଥାନକୁ ଟାର୍ଗେଟ କରାଯାଇଥିଲା । ତେବେ ଭାରତୀୟ ସେନା ପକ୍ଷରୁ ଏହି ଆକ୍ରମଣକୁ ସଫଳତାର ସହ ପ୍ରତିହତ କରାଯାଇଛି ।

ପୁନର୍ବାର ପାକିସ୍ତାନର ଆକ୍ରମଣ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ଡାକିଛନ୍ତି । ଏଥିରେ ୩ ସେନାର ମୁଖ୍ୟଙ୍କ ସମେତ ବୈଦେଶିକ ସଚିବ, ଜାତୀୟ ସୁରକ୍ଷା ପରାମର୍ଶ ଦାତା ଅଜିତ୍ ଡୋଭାଲ, ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଉପସ୍ଥିତ ଥିଲେ । ଶ୍ରୀନଗର ବିମାନ ବନ୍ଦର ନିକଟରେ ଡ୍ରୋନ୍ ଆକ୍ରମଣ କରାଯାଇଛି । ସେହିଭଳି ଅବନ୍ତିୱାଡା ଏୟାରବେସ୍‌ରେ ମଧ ଡ୍ରୋନ୍ ଆକ୍ରମଣ ପାଇଁ ଚେଷ୍ଟା କରାଯାଇଛି । (୯ ପୃଷ୍ଠାରେ)

### ସେନା ବିଫଳ କରୁଛି ଡ୍ରୋନ୍ ଆକ୍ରମଣ ପ୍ରୟାସ
### ପ୍ରଧାନମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ
### ପୁଣି ୨୬ ସହରକୁ ପାକ୍‌ର ଟାର୍ଗେଟ୍
### ଶ୍ରୀନଗରରେ ବଡ ବିସ୍ଫୋରଣ
### ଗୋଟିଏ ପରିବାରର ୩ ସଦସ୍ୟ ଆହତ

## ୨୪ ବିମାନବନ୍ଦର ମେ’ ୧୫ ଯାଏଁ ବନ୍ଦ

ନୂଆଦିଲ୍ଲୀ, ୯।୫ : ଭାରତ-ପାକ୍ ମଧ୍ୟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇଥିବାରୁ ୨୪ ବିମାନବନ୍ଦରକୁ ମେ ୧୫ ତାରିଖ ଯାଏ ବନ୍ଦ କରିବା ଲାଗି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହାଛଡ଼ା ଏୟାର ଲାଇନ୍ସଗୁଡ଼ିକୁ ଯାତ୍ରାର ମାର୍ଗଦର୍ଶିକା ଜାରି କରାଯାଇଛି । ସୁରକ୍ଷା ପ୍ରୋଟୋକଲକୁ ବିମାନବନ୍ଦରରେ ବୃଦ୍ଧି କରାଯାଇଛି ।

ମେ ୧୫ ଯାଏ ଚଣ୍ଡିଗଡ଼, ଶ୍ରୀନଗର, ଅମୃତସର, ଲୁଧିଆନା, ଭୁନ୍ତାର, କିଶନଗଡ଼, ପଟିଆଲା, ସିମ୍ଲା, ଜୟସାଲିମାର, ପଠାନକୋଟ, ଜାମ୍ମୁ, ବିକେନାର, ଲେହ, ପୋରବନ୍ଦର ଆଦି ସହରରେ ଏହି ବିମାନବନ୍ଦରଗୁଡ଼ିକ ବନ୍ଦ ହୋଇଛି । ଆଉ ଏକ ବିଜ୍ଞପ୍ତିରେ କୁହାଯାଉଛି ଯେ ଜାମ୍ମୁ, ଶ୍ରୀନଗର, ଲେହ, ଯୋଧପୁର, ଅମୃତସର, ଭୁଜ, ଚଣ୍ଡୀଗଡ଼, ଜାମନଗର ଓ ରାଜକଟରୁ ଏୟାର ଇଣ୍ଡିଆର ଯେଉଁ ବିମାନ ଉଡ଼ିବାର ଥିଲା ତାକୁ ମଧ ୧୫ ତାରିଖ ଯାଏ ବାତିଲ କରାଯାଇଛି । ଯେଉଁ ଯାତ୍ରୀମାନେ ଯାତ୍ରା ପାଇଁ ବୈଧ ଟିକେଟ କିଣିଥିବେ, ସେମାନଙ୍କୁ ଗୋଟିଏ ଥର ଲାଗି ଟିକଟ ବାତିଲ ଲାଗି କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଦିଲ୍ଲୀର ଆଇଜିଆଇ ଏୟାର ପୋର୍ଟ କର୍ତ୍ତୃପକ୍ଷ କହିଛନ୍ତି ଯେ ସୁରକ୍ଷା ପ୍ରୋଟୋକୋଲ ଯୋଗୁ ବିମାନ ଚଳାଚଳ ବ୍ୟାହତ (୯ ପୃଷ୍ଠାରେ)

## ସେନା ମୁଖ୍ୟଙ୍କ ସହ ପ୍ରତିରକ୍ଷା ମନ୍ତ୍ରୀଙ୍କ ଆଲୋଚନା

ନୂଆଦିଲ୍ଲୀ, ୯।୫ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ୩ ସେନା ମୁଖ୍ୟଙ୍କ ସହ ବୈଠକ କରିଛନ୍ତି । ଏହି ବୈଠକରେ ସିଡିଏସ୍ ଜେନେରାଲ ଅନୀଲ ଚୌହ୍ୱାନ, ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ମାର୍ଶାଲ ଏପି ସିଂହ, ନୌସେନା ମୁଖ୍ୟ ଆଡ୍‌ମିରାଲ ଦିନେଶ କେ ତ୍ରିପାଠୀ ଯୋଗ ଦେଇଥିଲେ ।

ପାକିସ୍ତାନ ପକ୍ଷରୁ ଭାରତର ପଶ୍ଚିମ ସୀମାରେ ଗତ ୨୪ ଘଣ୍ଟା ମଧ୍ୟରେ ଡ୍ରୋନ୍ ଏବଂ ମିସାଇଲ ଯୋଗେ ଆକ୍ରମଣ ପରେ ଏହି ବୈଠକ କରାଯାଇଛି । ଶ୍ରୀ ସିଂହ ବୈଠକରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ପାକିସ୍ତାନ ପକ୍ଷରୁ ଗତକାଲି ରାତିରେ ଯେଉଁ ପଦକ୍ଷେପ ନିଆଗଲା ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି । ବୈଠକରୁ ଏକ ସ୍ୱଷ୍ଟ ବାର୍ତ୍ତା ଦିଆଯାଇଛି ଯେ ଭାରତ ସୁରକ୍ଷିତ ରହିଛି ଓ ସେନା ସତର୍କ ଦୃଷ୍ଟି ରଖିଛି । କୌଣସି ଚିନ୍ତାର କାରଣ ନାହିଁ । ପ୍ରାୟ ୨ଘଣ୍ଟା ଧରି ଏହି ବୈଠକ ଚାଲିଥିଲା । ବୈଠକରେ ସେନା ମୁଖ୍ୟ ପାକିସ୍ତାନ ସହ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ । ସେହିଭଳି ବାୟୁସେନା ମୁଖ୍ୟ ମଧ ପାକିସ୍ତାନ ଆକ୍ରମଣର ଜବାବ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ମେ ୮ରେ ପାକିସ୍ତାନ ଆକାଶ ମାର୍ଗରୁ ଯେଉଁ ଆକ୍ରମଣ କରିଥିଲା ତାହାକୁ କେଉଁଭଳି ଭାବେ ପ୍ରତିହତ କରିଛି, ସେସମ୍ପର୍କରେ ସୂଚନା ଦିଆଯାଇଥିଲା । ପ୍ରକୃତ ନିୟନ୍ତ୍ରଣ ରେଖା ଓ ଅନ୍ତର୍ଜାତୀୟ ସୀମାରେ ସେନାର ଭିତ୍ତିଭୂମିଗୁଡ଼ିକୁ ଟାର୍ଗେଟ କରାଯାଇଛି । ଦେଶ ପାଖରେ ଥିବା ଇଣ୍ଟରସେପ୍ଟର ମିସାଇଲ ଇଣ୍ଟିଗ୍ରେଟେଡ୍ ଥିଏଟର କମାଣ୍ଡ ସର୍ଭେଲାନ୍ସ ରାଡରକୁ କାର୍ଯ୍ୟରେ ନିୟୋଜିତ କରାଯାଇଛି । ପ୍ରାୟ ୫୦ ଡ୍ରୋନ୍‌କୁ ୧୫ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସ୍ଥଳ ନିକଟରେ ଅକାମୀ କରିଦିଆଯାଇଛି । ଭାରତର ବାୟୁ ସୀମାର ୧୮୦୦ କିମି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଭାରତ ପକ୍ଷରୁ ବହୁସ୍ତର ବିଶିଷ୍ଟ ବାୟୁ ପ୍ରତିରକ୍ଷା ଗ୍ରୀଡ୍ କାର୍ଯ୍ୟ କରୁଛି । ସେନା ମଧ ବାୟୁସେନାର ୟୁନିଟ୍‌କୁ ସହଯୋଗ କରୁଛି । ଉଦ୍ଧାମପୁର, ସାମ୍ବା, ଜାମ୍ମୁ, ଅଖନୁର, ନଗ୍ରୋଟା, ପଠାନ୍‌କୋଟରେ ଏହି ଡ୍ରୋନ୍‌ଗୁଡ଼ିକୁ ଅକାମୀ (୯ ପୃଷ୍ଠାରେ)

## ୪୦୦ ଡ୍ରୋନ୍‌ରେ ୩୬ ସହରକୁ ଟାର୍ଗେଟ କରିଥିଲା ପାକ୍



ନୂଆଦିଲ୍ଲୀ, ୯।୫ : ପାକିସ୍ତାନର ଡ୍ରୋନ୍ ଆକ୍ରମଣକୁ ସଫଳତାର ସହ ପ୍ରତିହତ କରିପାରିଛି ଭାରତୀୟ ସେନା । ଗତକାଲି ପାକିସ୍ତାନ ଭାରତର ୩୬ ସହରକୁ ଟାର୍ଗେଟ କରି ୩୦୦ରୁ ୪୦୦ ତୁର୍କୀ ଦ୍ୱାରା ନିର୍ମିତ ଡ୍ରୋନ୍‌ରେ ଆକ୍ରମଣ କରିଥିଲା । ମାତ୍ର ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ୍ ଏହାକୁ ଅଚଳ କରିଦେଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

ବୈଦେଶିକ ସଚିବ ବିକ୍ରମ ମିଶ୍ରି, କର୍ଣ୍ଣେଲ ସୋଫିଆ କ୍ୟୁରେସୀ, ୱିଙ୍ଗ୍ କମାଣ୍ଡର ବୋମିକା ସିଂ ଆଜି ମିଳିତ ଭାବେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଯେଉଁ ଡ୍ରୋନ୍‌ର ଅଂଶବିଶେଷ ଗୁଡିକ ମିଳିଛି ପ୍ରାରମ୍ଭିକ ଫରେନ୍‌ସିକ୍ ବିଶ୍ଳେଷଣରୁ ଜଣାପଡିଛି ଯେ, ଏହା ତୁର୍କୀରେ ନିର୍ମାଣ କରାଯାଇଥିଲା । ଆସିସ୍‌ଗାର୍ଡ ସୋନଗାର ମଡେଲର ଏହି ଡ୍ରୋନ୍ ଆକ୍ରମଣରେ ବ୍ୟବହାର କରାଯାଇଥିଲା । ୮-୯ ତାରିଖ ମଧ୍ୟରାତ୍ରିରେ ପାକିସ୍ତାନ ସେନା ପକ୍ଷରୁ ଭାରତୀୟ ବାୟୁସୀମାକୁ ବହୁବାର ଉଲ୍ଲଘଂନ କରାଯାଇ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସମସ୍ତ ପଶ୍ଚିମାଞ୍ଚଳ ସୀମାରେ ଥିବା ସେନା ଭିତ୍ତିଭୂମିକୁ ଟାର୍ଗେଟ କରିଥିଲେ । ପାକିସ୍ତାନର ସେନା ପକ୍ଷରୁ ମଧ ଅତ୍ୟନ୍ତ ଭାରି ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ରେଖା ନିକଟରେ ଗଚ୍ଛିତ କରାଯାଇ ଗୁଳିମାଡ କରାଯାଉଛି । ଆନ୍ତର୍ଜାତୀୟ ସୀମା ଓ ଏଲ୍‌ଓସି ନିକଟରେ ଡ୍ରୋନ୍‌ଗୁଡିକୁ ବ୍ୟବହାର କରି ୩୬ ସ୍ଥାନକୁ ଟାର୍ଗେଟ କରାଯାଇଥିଲା । ପ୍ରାୟ ୩୦୦ରୁ ୪୦୦ ଡ୍ରୋନ୍ ବ୍ୟବହାର କରାଯାଇଥିଲା । ଏଭଳି ବଡଧରଣର ଆକାଶମାର୍ଗରୁ ଆକ୍ରମଣ ସମ୍ପର୍କରେ ଗୁଇନ୍ଦା ତଥ୍ୟ ସଂଗ୍ରହ କରାଯାଇ ତାକୁ ଅକାମୀ କରାଯାଇଥିଲା । ପାକିସ୍ତାନ ପକ୍ଷରୁ ଭଟିଣ୍ଡା (୯ ପୃଷ୍ଠାରେ)

### ଯାତ୍ରିବାହୀ ବିମାନକୁ ଢ଼ାଲ କରି ଆକ୍ରମଣ କରିଥିଲା
### ପ୍ରକୃତ ନିୟନ୍ତ୍ରଣରେଖା ନିକଟରେ ଅସ୍ତ୍ର ଠୁଳ କରି କରୁଛି ଆକ୍ରମଣ

## ଟେରିଟୋରିଆଲ୍ ଆର୍ମିକୁ ଡାକିବା ଲାଗି ନିର୍ଦ୍ଦେଶ

ନୂଆଦିଲ୍ଲୀ, ୯।୫ ଅପରେସନ ସିନ୍ଦୂର ପରେ ଭାରତ ଓ ପାକ୍ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଯେଉଁମାନେ ଟେରିଟୋରିଆଲ୍ ଆର୍ମିରେ ପଞ୍ଜିକୃତ ହୋଇଛନ୍ତି ସେମାନଙ୍କୁ ଡାକିବା ପାଇଁ କେନ୍ଦ୍ର ସରକାର ସେନା ମୁଖ୍ୟଙ୍କୁ ଅନୁମତି ପ୍ରଦାନ କରିଛନ୍ତି । ଯଦି ଆବଶ୍ୟକ ପଡେ ସେମାନଙ୍କୁ ଡକାଯିବ ବୋଲି ଉଲ୍ଲେଖ କରାଯାଇଛି । ଏମାନେ ନିୟମିତ ସେନା ବାହିନୀକୁ ସାହାଯ୍ୟ କରିବେ ।

ଉଲ୍ଲେଖନୀୟ ଘଟଣା କ୍ରମରେ ଭାରତ ଏବେ ତା’ର ସାମରିକ ପ୍ରସ୍ତୁତିକୁ ଜୋର୍‌ଦାର କରିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ସେନା ମୁଖ୍ୟଙ୍କୁ ଟେରିଟୋରିଆଲ୍ ଆର୍ମିଙ୍କୁ ଡାକିବା ସହ ସମ୍ପୂର୍ଣ୍ଣ କ୍ଷମତା ଦେବା ସହ ସେମାନଙ୍କୁ ବିଭିନ୍ନ ସ୍ଥାନରେ କାର୍ଯ୍ୟରେ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛି । ୨୦୨୫ ମେ’ ୬ ବିଜ୍ଞପ୍ତି ଅନୁସାରେ ସରକାର ସେନା ମୁଖ୍ୟଙ୍କୁ ଅନୁମତି ଦେଇଛନ୍ତି ଯେ ଯେଉଁ ବ୍ୟକ୍ତିମାନେ ଟେରିଟୋରିଆଲ୍ ଆର୍ମିରେ ପଞ୍ଜିକୃତ ହୋଇଛନ୍ତି, ସେମାନଙ୍କୁ ଡକାଯାଉ । ଟେରିଟୋରିଆଲ ଆର୍ମିରେ ୩୨ ପଦାତିକ ଟେରିଟୋରିଆଲ୍ ଆର୍ମିକ ରହିଛନ୍ତି । ସେହିଭଳି ଭାରତୀୟ ସେନାରେ (୯ ପୃଷ୍ଠାରେ)

## ସପ୍ତାହେ ଯାଏଁ ତାତିରୁ ନିସ୍ତାର ନାହିଁ

ଭୁବନେଶ୍ୱର, ୯।୫ (ସବ୍ୟୁ) : ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଆଜି ଉପକୂଳ ଓଡ଼ିଶା କିଛି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଉଷ୍ମ ଓ ଆର୍ଦ୍ରତା ବଢ଼ିଛି । ଦିନକରେ ୨-୪ ଡିଗ୍ରୀ ଯାଏ ବୃଦ୍ଧି ପାଇଛି ତାପମାତ୍ରା । ଶୁକ୍ରବାର ୫ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀ ରହିଛି ।

ପାଣିପାଗ ବିଭାଗ କହିବାର ସମ୍ଭାବନା, ଶୁକ୍ରବାର ଅନୁଗୁଳରେ ସର୍ବାଧିକ ତାପମାତ୍ରା ୪୦.୧ ଡିଗ୍ରୀ ଥିବା ବେଳେ ହୀରାକୁଦରେ ୪୦.୧ ଡିଗ୍ରୀ, ଝାରସୁଗୁଡ଼ା, ଟିଟିଲାଗଡ଼ ଓ ବୌଦ୍ଧରେ ୪୦ ଡିଗ୍ରୀ ଏବଂ ଭୁବନେଶ୍ୱରରେ ୩୯.୨ ଡିଗ୍ରୀ ତାପମାତ୍ରା ରହିଛି । ୧୦ ଓ ୧୧ ତାରିଖରେ ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, ବୌଦ୍ଧ ଜିଲ୍ଲାର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଏବଂ ଗଜପତି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଉଷ୍ମ ଓ ଆର୍ଦ୍ର ଅବସ୍ଥା ରହିବ । ୧୨ରୁ ୧୪ ତାରିଖ ମଧ୍ୟରେ (୯ ପୃଷ୍ଠାରେ)

## ପୁଣି ୨୩ ସଂଗ୍ରାମୀଙ୍କୁ ମିଳିବ ପେନସନ

ଭୁବନେଶ୍ୱର, ୯।୫ (ସବ୍ୟୁ): ଓଡିଆ ଅସ୍ମିତାର ନିଦର୍ଶନ ସ୍ୱରୂପ ବରପୁତ୍ର ଓ ସଂଗ୍ରାମୀମାନଙ୍କୁ ସମ୍ମାନ ଜଣାଇବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ପ୍ରକ୍ରିୟାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଭତ୍ତା ବୃଦ୍ଧି କରାଯାଇଛି । ଜରୁରୀକାଳୀନ ପରିସ୍ଥିତି ସମୟରେ ମିସା ଆଇନରେ ବନ୍ଦୀ ହୋଇଥିବା ସଂଗ୍ରାମୀଙ୍କ ପାଇଁ ମଧ ପେନସନ ଘୋଷଣା କରାଯାଇଛି ।

ଶୁକ୍ରବାର ମୁଖ୍ୟମନ୍ତ୍ରୀ ୨୩ ଜଣ ମିସା ବନ୍ଦୀ (୧୯ ଜଣ ମିସା, ୪ ଜଣ ଡିଆଇଏସ୍‌ଆଇଆର୍) ମାନଙ୍କୁ ପେନସନ ପ୍ରଦାନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ପୂର୍ବରୁ ୨୧ ଜଣ ମିସା ବନ୍ଦୀଙ୍କ ପେନସନ ଅନୁମୋଦନ କରାଯାଇଥିଲା । ସମୁଦାୟ ୪୪ ଜଣ ମିସା ବନ୍ଦୀ ପେନସନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ଏହି ସଂଗ୍ରାମୀ ମାନେ ମାସକୁ ୨୦ ହଜାର ଟଙ୍କାର ପେନସନ ପାଇବା ସହିତ ସେମାନଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ୧୯୭୫ ଜୁନ ୨୫ରୁ ୨୧ ମାର୍ଚ୍ଚ ୧୯୭୭ ପର୍ଯ୍ୟନ୍ତ ଦେଶର ଜରୁରୀକାଳୀନ ପରିସ୍ଥିତିକୁ (୯ ପୃଷ୍ଠାରେ)

## ୭ ଆତଙ୍କବାଦୀ ନିପାତ

ନୂଆଦିଲ୍ଲୀ, ୯।୫ : ଜାମ୍ମୁ-କାଶ୍ମୀରର ସାମ୍ବା ଜିଲ୍ଲାରେ ସୀମା ସୁରକ୍ଷା ବାହିନୀ ଅନୁପ୍ରବେଶ କରୁଥିବା ପାକ୍ ପ୍ରଶିକ୍ଷିତ ୭ ଆତଙ୍କବାଦୀଙ୍କୁ ନିପାତ କରିବାରେ ସକ୍ଷମ ହୋଇଛି । ଏହି ଆତଙ୍କବାଦୀମାନେ ଜୈସ୍-ଇ-ମହମ୍ମଦ ଗୋଷ୍ଠୀର ବୋଲି ଜଣାପଡିଛି । ବିଏସ୍‌ଏଫ୍ ଯବାନମାନେ ଗତକାଲି ରାତିରେ ସାମ୍ବା ସୀମାରେ ସନ୍ଦେହଜନକ କାର୍ଯ୍ୟକଳାପକୁ ଦୃଷ୍ଟିଗୋଚର କରିଥିଲେ । ଆନ୍ତର୍ଜାତୀୟ ସୀମା ନିକଟରେ ଏହି ଆତଙ୍କବାଦୀମାନେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ । ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା ବେଳେ ଏହାର ସୁଯୋଗ ନେଇ ଅନୁପ୍ରବେଶ କରିବାକୁ ଆତଙ୍କବାଦୀ ଚେଷ୍ଟା କରିଥିଲେ । ବିଏସ୍‌ଏଫ୍ ଏନେଇ ଭିଡିଓ ଜାରି କରାଯାଇଛି ।

# ଓଡ଼ିଶାରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି

## ହୀରାକୁଦ ଡ୍ୟାମ ଉପରେ ତୀକ୍ଷ୍ଣ ନଜର

ସମ୍ବଲପୁର, ୯।୫ (ସବ୍ୟୁ) : ଭାରତ- ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ବିଶେଷ ଭାବେ ଏସିଆର ସର୍ବବୃହତ ନଦୀବନ୍ଧ ହୀରାକୁଦର ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି । ବୁର୍ଲା ଓ ହୀରାକୁଦର ଉଭୟ ପାର୍ଶ୍ୱରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଓଆଇଏସ୍‌ଏଫ୍ ଏବଂ ଆଇଆରବି ମୁତୟନ ହୋଇଛନ୍ତି । ଅସ୍ଥାୟୀ ରକେଟ୍ ଲଞ୍ଚର ମଧ୍ୟ ସ୍ଥାପନ କରାଯାଇଛି । ପ୍ରବେଶ ପଥରେ କଡାକଡି ଯାଞ୍ଚ କରାଯାଉଛି । କାହାକୁ ଏହି ଅଞ୍ଚଳକୁ ଯିବାପାଇଁ ଛଡା ଯାଉନାହିଁ । ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ହୀରାକୁଦ ଡ୍ୟାମ ରହିଛି । ସମସ୍ତ ଗତିବିଧିକୁ ତୀକ୍ଷ୍ଣ ନଜର କରାଯାଉଛି । ଆକ୍ରମଣର ଆଶଙ୍କା ହେଲେ ଏସବୁ ବ୍ୟବହାର ପାଇଁ ଫୋର୍ସ ମୁତୟନ ହୋଇଛନ୍ତି । ଅନ୍ୟପଟେ ଆଜି ଠାରୁ ଜଳଭଣ୍ଡାର ଅଞ୍ଚଳ ବୁଲିବା ଉପରେ ରୋକ ଲଗାଯାଇଛି । ପର୍ଯ୍ୟଟକଙ୍କୁ ହୀରାକୁଦ ଡ୍ୟାମ ବୁଲିବାକୁ ମନା କରାଯାଉଛି । ଏପରିକି ଜଳଭଣ୍ଡାରକୁ ମତ୍ସ୍ୟଜିବୀଙ୍କ ପ୍ରବେଶକୁ ମଧ୍ୟ ନିଷେଧ କରାଯାଇଛି । ଏୟାର ଡିଫେନ୍ସ ସିଷ୍ଟମ ଅନୁଯାୟୀ ସମସ୍ତ ପଦକ୍ଷେପ ନିଆଯାଇଥିବା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ସମ୍ବଲପୁରରେ ଏସିଆର ଦୀର୍ଘତମ ନଦୀବନ୍ଧ ହୀରାକୁଦ ରହିଛି । ମୋଟ ୭୪୬ବର୍ଗ କିଲୋମିଟର ଜଳଭଣ୍ଡାର ବିଶିଷ୍ଟ (୯ ପୃଷ୍ଠାରେ)

## ବିମାନ ବନ୍ଦର, ଶ୍ରୀଲିଙ୍ଗରାଜ ମନ୍ଦିରକୁ ଆଲର୍ଟ



ଭୁବନେଶ୍ୱର, (ସବ୍ୟୁ) : ପହଲଗାମ ଆକ୍ରମଣ ପରେ ଭାରତ -ପାକିସ୍ତାନ ଆକ୍ରମଣ ପ୍ରତିଆକ୍ରମଣ ବଢିବାରେ ଲାଗିଛି । ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ସାରା ଦେଶରେ କଡାକଡି କରାଯାଇଥିବା ବେଳେ ରାଜଧାନୀ ସମେତ ଓଡ଼ିଶାର ବିଭିନ୍ନ ସମ୍ବେଦନଶୀଳ ସ୍ଥାନମାନଙ୍କରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ପର୍ଯ୍ୟଟକ ଓ ଯାତ୍ରୀମାନଙ୍କୁ ତନ ତନ ଯାଞ୍ଚ କରାଯାଉଛି ।

ବିମାନ ବନ୍ଦର, ରେଳଷ୍ଟେସନ ଓ ଶ୍ରୀଲିଙ୍ଗରାଜ ମନ୍ଦିର ସୁରକ୍ଷାକୁ କଡାକଡି କରାଯିବା ସହ ଯାଞ୍ଚ ବ୍ୟବସ୍ଥାକୁ ତ୍ୱରାନ୍ୱିତ (୯ ପୃଷ୍ଠାରେ)

## ଚାନ୍ଦିପୁର ଆଇଟିଆର୍, ପିଏକ୍ସଇ ଅଞ୍ଚଳରେ ସୁରକ୍ଷା ବଢ଼ିଲା

ବାଲେଶ୍ୱର, ୯।୫ (ସବ୍ୟୁ) : ଭାରତ-ପାକ ସୀମାରେ ଉଭୟ ଦେଶର ସେନାବାହନୀମାନଙ୍କ ମଧ୍ୟରେ ଗୁଳିଗୁଳା ବିନିମୟ ଚାଲିଥିବା ବେଳେ ଭାରତ ସରକାରଙ୍କ ପକ୍ଷରୁ ଅପରେସନ ସିନ୍ଦୁରକୁ ଯୋରଦାର କରାଯାଇଛି । ଗତ ୨୨ ତାରିଖ ଦିନ ସନ୍ତ୍ରାସବାଦୀଙ୍କ ଗୁଳିମାଡ଼ରେ ପେହେଲଗାମ୍ ଠାରେ ୨୮ ଜଣ ପର୍ଯ୍ୟଟକ ମୃତ୍ୟୁବରଣ କରିଥିବା ବେଳେ ତାହାର ପ୍ରତିଶୋଧ ନେବାପାଇଁ ଭାରତ ସରକାରଙ୍କ ପକ୍ଷରୁ ଗତ ୬ ତାରିଖ ମଙ୍ଗଳବାର ବିଳମ୍ବିତ ରାତିରେ ଅପରେସନ ସିନ୍ଦୁର କାର୍ଯ୍ୟକ୍ରମକୁ ଯୋରଦାର କରାଯାଇଥିଲା । ବାଲେଶ୍ୱର ଜିଲ୍ଲା ସଦରମହକୁମା ଠାରୁ ୧୪ କି.ମି. ଦୂର ଚାନ୍ଦିପୁର ଠାରେଥିବା ଗୋଳାବାରୁଦ ପରୀକ୍ଷାଗାର,ଡିଆର୍‌ଡିଓ, ପିଏକ୍ସଇର ସୁରକ୍ଷାକୁ ଦୃଷ୍ଟିରେ ରଖି ଶୁକ୍ରବାର ଅପରାହ୍ନ ୨ଟା ସମୟରେ ବାଲେଶ୍ୱରସ୍ଥିତ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ଅଧକ୍ଷତାରେ ଡିଆର୍‌ଡିଓ କ୍ୟାମ୍ପସ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। । ଏହି ବୈଠକରେ ଆଇଟିଆର ଡାଇରେକ୍ଟର, ପିଏକ୍ସଇ ଡାଇରେକ୍ଟର, ଚାନ୍ଦିପୁର ଥାନା ପୁଲିସ, ମେରାଇନ ଥାନା ପୁଲିସ ଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ କଣ ସବୁ ଆଲୋଚନା ହୋଇଥିଲା ସେ ବାବଦରେ ଗଣ ମାଧ୍ୟମକୁ କୌଣସି (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



"ଜମ୍ମୁ ଉପରେ ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ କରାଯାଇଛି । ଭାରତର ଡିଫେନ୍ସ ସିଷ୍ଟମ ଏହାକୁ ରୋକିବାରେ ସଫଳ ହୋଇଛନ୍ତି । ଜମ୍ମୁବାସୀ ମଜଭୁତ ରୁହନ୍ତୁ ।

କଙ୍ଗନା ରାଣାୱତ, ଅଭିନେତ୍ରୀ



"ରାସ୍ତାରେ ଯାଉଥିବା ଲୋକଙ୍କ ସହିତ ଆମେ କେବେ ବି ଆଗ ଲାଗି ନଥାଉ । ହେଲେ ଯଦି ଆମ ସହିତ କିଏ ଲାଗେ ତେବେ ଆମେ ତାକୁ କଦାପି ଛାଡି ନଥାଉ ।

ରଣବୀର ସିଂ, ଅଭିନେତା



"ଜମ୍ମୁରେ ମୋର ସମ୍ପର୍କୀୟ ଅଛନ୍ତି । ମୁଁ ତାଙ୍କ ସହିତ କଥା ହୋଇ ଜାଣିଲି ତାଙ୍କର ଆମ ଭାରତୀୟ ସେନା ଉପରେ ସମ୍ପୂର୍ଣ୍ଣ ଭରସା ରହିଛି । ସେମାନେ ଗର୍ବିତ କି ସେମାନେ ଭାରତରେ ଅଛନ୍ତି ।

ଅନୁପମ ଖେର, ଅଭିନେତା

## ଇତିହାସ

୧୫୦୩ – ଇଟାଲୀର ଆବିଷ୍କାରକ ଏବଂ ନାବିକ କଲମ୍ବସ କାୟମାନ ଦ୍ୱୀପର ଆବିଷ୍କାର କରିଥିଲେ ।

୧୬୫୫ – ବ୍ରିଟିଶ ସେନା ଜମୈକା ଉପରେ କବ୍ଜା କରିଥିଲେ ।

୧୭୪୪ – ଲୁଇ ୧୬ତମ ଫ୍ରାନ୍ସର ରାଜା ଭାବେ ଦାୟିତ୍ୱ ନେଇଥିଲେ ।

୧୭୯୬ – ନେପୋଲିୟନଙ୍କ ଦ୍ୱାରା ଅଷ୍ଟ୍ରିଆ ପରାସ୍ତ ।

୧୮୫୭ – ଇଷ୍ଟଇଣ୍ଡିଆ କମ୍ପାନୀ ବିରୋଧରେ ସିପାହୀ ବିଦ୍ରୋହର ଆରମ୍ଭ ହୋଇଥିଲା ।

୧୮୯୩ – ଲଣ୍ଡନରେ ଇମ୍ପିରିଆଲ ଅର୍ଗାନାଇଜେସନର ଆରମ୍ଭ ।

# ପିଲାଙ୍କ କ୍ଷେତ୍ରରେ ମେଦବହୁଳତା

**ବର୍ତ୍ତମାନ ପରିବର୍ତ୍ତିତ ଲାଇଫଷ୍ଟାଇଲର ପ୍ରଭାବ ଛୋଟ ଠାରୁ ବଡ ସମସ୍ତଙ୍କ ଉପରେ ପଡୁଛି । ଏହାର ପ୍ରଭାବରେ ଛୋଟପିଲାଙ୍କ କ୍ଷେତ୍ରରେ ଅନେକ ଏଭଳି ସମସ୍ୟା ଦେଖିବାକୁ ମିଳୁଛି ଯାହା ସେମାନଙ୍କୁ ଅନେକ କଷ୍ଟ ଦେଉଛି । ସେହିଭଳି ଏକ ସମସ୍ୟା ହେଲା ପିଲାଙ୍କ କ୍ଷେତ୍ରରେ ମେଦବହୁଳତା ବା ଚାଇଲ୍ଡହୁଡ୍ ଓବେସିଟି । ଓବେସିଟି ଛୋଟ ହେଉ କିମ୍ବା ବଡ ସମସ୍ତଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ । ବର୍ତ୍ତମାନ ପିଲାଙ୍କର ଜଙ୍କ ଫୁଡ୍ ଖିଆରେ ବୃଦ୍ଧି ଘଟିଛି, ଯେଉଁ କାରଣରୁ ସେମାନଙ୍କ ନିକଟରେ ଓବେସିଟି ବା ମେଦବହୂଳତା ଦେଖିବାକୁ ମିଳୁଛି । ଏହି ଓବେସିଟି କାରଣରୁ ଆହୁରି ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ ଛୋଟପିଲାଙ୍କୁ ହେଉଥିବାର ନଜରକୁ ଆସୁଛି । ତେବେ କିଛି ଟ୍ରିକ୍ ଅଛି ଯାହାକୁ ଫଲୋ କରି ଆପଣ ପିଲାଙ୍କୁ ଓବେସିଟି ଠାରୁ ଦୂରରେ ରଖିପାରିବେ । ତଥାପି ଯଦି ଆପଣଙ୍କ ପିଲା ଓବେସିଟିର ଶିକାର ହେଉଛି, ତେବେ ତୁରନ୍ତ ଡାକ୍ତରଙ୍କର ପରାମର୍ଶ ନିଅନ୍ତୁ ।**



**ଶିଶୁଙ୍କ ଆଗରେ ଜଙ୍କଫୁଡ୍ ଖାଆନ୍ତୁନି–** ସବୁବେଳେ ପିଲାମାନେ ଘରର ବଡ ଲୋକଙ୍କ ସମସ୍ତ କାର୍ଯ୍ୟକୁ ଅନୁକରଣ କରିଥାଆନ୍ତି । ତେଣୁ କେବେ ବି ସେମାନଙ୍କ ଆଗରେ ଜଙ୍କ ଫୁଡ୍ ଖାଆନ୍ତୁ ନାହିଁ । ଏପରି କରିବା ଦ୍ୱାରା ସେମାନଙ୍କର ଇଚ୍ଛା ବଢିଥାଏ । ସେମାନେ ଘରର ରନ୍ଧା ଖାଦ୍ୟ ପରିବର୍ତ୍ତେ ସବୁବେଳେ ସେହି ଖାଦ୍ୟ ଖାଇବାର ଲାଳସା ରଖିଥାଆନ୍ତି । ତେଣୁ ସବୁବେଳେ ସେମାନଙ୍କ ସହ ଘର ରନ୍ଧା ଖାଦ୍ୟ ଖାଆନ୍ତୁ ।

**ସେମାନଙ୍କୁ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟାରେ ମିଶାନ୍ତୁ–** ପିଲାଙ୍କୁ ଖାଦ୍ୟ ପ୍ରସ୍ତୁତି ପୂର୍ବରୁ କିମ୍ବା ସମୟରେ ନିଜ ପାଖରେ ରଖନ୍ତୁ । ଏପରି କରିବା ଦ୍ୱାରା ସେମାନଙ୍କର ଖାଇବା ପ୍ରତି ଆଗ୍ରହ ବଢିଥାଏ । ସେମାନେ ଘର ଖାଦ୍ୟର ଗୁରୁତ୍ୱତା ବୁଝନ୍ତି ଯାହା ତାଙ୍କୁ ବାହାରର ଜଙ୍କ ଖାଦ୍ୟଠାରୁ ଦୂରରେ ରଖିଥାଏ ।

**ଶିକ୍ଷା ଦିଅନ୍ତୁ–** ସବୁବେଳେ ଜଙ୍କ ଫୁଡ୍ ଖାଇଲେ କଣ ଅସୁବିଧା ହେବ ସେ ନେଇ ଛୁଆଙ୍କୁ ଶିକ୍ଷିତ କରାନ୍ତୁ । ସେମାନେ ଏହାର ପ୍ରଭାବ ବିଷୟରେ ବୁଝିବା ପରେ ଏହା ଖାଇବା କମାଇବେ । ତେଣୁ ସେମାନଙ୍କୁ ଏହାର ଖରାପ ପ୍ରଭାବ ବିଷୟରେ ଅବଗତ କରାନ୍ତୁ ।



# ଅଣ୍ଡା କିମା ପଲଉ

**ସାମଗ୍ରୀ–** ଗୋଟିଏ କପ ଚାଉଳ, ଗୋଟିଏ କଟା ପିଆଜ, ଟମାଟ କଟା, ୩ଟି ଅଣ୍ଡା, ଗୋଟି ଗରମ ମସଲା, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦି ଗୁଣ୍ଡ, ଲୁଣ, ଦହି ।

**ପ୍ରଣାଳୀ–** ପ୍ରଥମେ ଭାତକୁ ରାନ୍ଧି ନିଅନ୍ତୁ । ଏହାପରେ ଗୋଟିଏ ପ୍ୟାନରେ ତେଲ ପକାଇ ସମସ୍ତ ଗୋଟା ମସଲା ପକାନ୍ତୁ । ଏହାପରେ ଏଥିରେ ପିଆଜ କଟା ପକାଇ ଭାଜନ୍ତୁ । ପିଆଜ ବ୍ରାଉନ ହେବା ପରେ ଏଥିରେ ଟମାଟୋ ବଟା ଦିଅନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ପକାଇ ଗୋଳାନ୍ତୁ । ଟମାଟୋ ଭଲଭାବେ ମିଶିବାପରେ ଏଥିରେ ଦହି ପକାନ୍ତୁ । କିଛି ସମୟ ପରେ ଏଥିରେ ଅଣ୍ଡା ଭାର୍ଜି ପକାଇ ଭାଜନ୍ତୁ । ଅଣ୍ଡା ଭାଜି ହୋଇଯିବାପରେ ଏଥିରେ ପୂର୍ବରୁ ରନ୍ଧା ହୋଇଥିବା ଭାତ ପକାଇ ଭାଜନ୍ତୁ । ଶେଷରେ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ଅଣ୍ଡା କିମା ପଲଉ ।



# ପିମ୍ପୁଡିଙ୍କ ଚୋରାଚାଲାଣ



ବିଶ୍ୱରେ ଏଭଳି ଅନେକ ଘଟଣା ସାମନାକୁ ଆସିଥାଏ ଯାହା ବେଶ ଭାଇରାଲ ହୋଇଥାଏ । ଅନେକ ସମୟରେ ବିଭିନ୍ନ ପଶୁଙ୍କର ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଥାଏ । ହାତୀ,ବାଘ,ହରିଣ ଆଦି ଜୀବଙ୍କର ସବୁଠାରୁ ଅଧିକ ଚୋରା ଚାଲାଣ ହୋଇଥାଏ । ହେଲେ ନିକଟରେ ମିଳିଥିବା ସୂଚନା ଅନୁସାରେ ପିମ୍ପୁଡି ମାନଙ୍କର ମଧ ଚୋରା ଚାଲାଣ ହୋଇଥାଏ । କେନିଆରେ ଏଭଳି ଘଟଣା ଘଟିଥିବା ଜଣା ପଡିଛି । ଏଠାରେ କିଛି ଶିକାରୀ ଗିରଫ ହୋଇଛନ୍ତି ଯେଉଁମାନେ ପିମ୍ପୁଡିଙ୍କର ଚୋରା ଚାଲଣ କରୁଥିଲେ । ଏମାନଙ୍କୁ ଗିରଫ କରାଯିବା ସହିତ ଦଣ୍ଡରେ ଜରିମାନା କରାଯାଇଛି । ତେବେ ସେମାନେ କେବଳ ରାଣୀ ପିମ୍ପୁଡିଙ୍କର ଚୋରାଚାଲାଣ କରୁଥିବା ଜଣାପଡିଛି । ସେହି ଲୋକମାନେ ଏହି ପିମ୍ପୁଡିଙ୍କୁ ଲକ୍ଷଲକ୍ଷ ଟଙ୍କାରେ ବିକ୍ରି କରୁଥିବା ଜଣା ପଡିଛି । ତେବେ ସେମାନଙ୍କ ଗିରଫ କରାଯିବା ସହିତ ଏହି ଜରିମାନା ଲଗାଯାଇଛି । ସେହିଭଳି ସୂଚନା ଅନୁସାରେ ସେମାନଙ୍କ ପାଖରୁ ପାଖାପାଖି ୫ହଜାରରୁ ଅଧିକ ପିମ୍ପୁଡି ଜବତ କରାଯାଇଛି । ଯାହାକୁ ସେମାନେ ଅନଲାଇନ୍‌ରେ ପରିଚାଳନା କରାଯାଉଥିବା ରାକେଟ୍‌ରେ ବିକ୍ରି କରିଥାଆନ୍ତେ ।

## ଟାଟୁ ପ୍ରେମୀ

ଅନେକ ସମୟରେ ଦେଖିବାକୁମିଳେ ବିଭିନ୍ନ ବ୍ୟକ୍ତିମାନେ ନିଜକୁ ପରିବର୍ତ୍ତନ କରିବାକୁ ପରିଶ୍ରମ କରନ୍ତି । କିଏ ଟାଟୁ କରି ତ ଆଉ କିଏ ପ୍ଲାଷ୍ଟିକ ସର୍ଜରୀ କରି ନିଜର ବିଭିନ୍ନ ଅଙ୍ଗକୁ ପରିବର୍ତ୍ତନ କରନ୍ତି । ସେହିଭଳି ଘଟଣା ଆମେରିକାରେ ଦେଖିବାକୁ ମିଳିଛି । ସେଠିକାର ଜଣେ ମହିଳା ବର୍ତ୍ତମାନ ନିଜର ଟାଟୁ ପାଇଁ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ସେ ନିଜର ଚେହେରା ବଦଳାଇବାକୁ ପାଖାପାଖି ୫୮ ଲକ୍ଷ ଖର୍ଚ୍ଚ କରିବା ସହିତ ୧୨ ବର୍ଷରେ ସେ ନିଜ ଚେହେରାରେ ଅନେକ ଟାଟୁ ଆଙ୍କିଛନ୍ତି । ଏହି ୨୬ ବର୍ଷୀୟଙ୍କର ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ମାତ୍ର ୧୪ ବର୍ଷରେ ସେ ନିଜର ପ୍ରଥମ ଟାଟୁ କରିଥିଲେ । ଏପରିକି ସେ ନିଜ ଆଖି ଡୋଳାରେ ମଧ ଟାଟୁ କରିଛନ୍ତି । ଏହାସହିତ ସେ ନିଜ ଜିଭକୁ ଦୁଇ ଭାଗରେ କାଟି ଦେଇଛନ୍ତି, ଏହାକୁ ସେ ସର୍ଜରୀ ମାଧମରେ କରିଛନ୍ତି । ସେ ଏହି ପରିବର୍ତ୍ତନ ପାଇଁ ଅନେକ ଟ୍ରୋଲିଂର ମଧ ଶିକାର ହୋଇଛନ୍ତି । ଲୋକମାନେ ତାଙ୍କୁ ଭୁତ ସହିତ ତୂଳନା କରୁଥିବା ନିକଟରେ ସେ ସୋସିଆଲ ମିଡିଆରେ ପ୍ରକାଶ କରିଛନ୍ତି ।



# ପ୍ରେରଣା ଦେଇଥାଆନ୍ତି ମା'

ଅଭିନେତ୍ରୀ ପଲକ ତିୱାରୀ ସବୁବେଳେ ନିଜ ମା'ଙ୍କ ସହିତ ସମ୍ପର୍କ ପାଇଁ ଚର୍ଚ୍ଚାରେ ରହିଥାଆନ୍ତି । ଅନେକ ସମୟରେ ସେ ନିଜ ମା'ଙ୍କର ପ୍ରଶଂସା କରୁଥିବାର ଦେଖିବାକୁ ମିଳୁଛି । ନିକଟରେ ଏକ ସାକ୍ଷାତକାରରେ ସେ ନିଜ ମା'ଙ୍କୁ ନିଜ ଜୀବନର ପ୍ରେରଣା ବୋଲି ସମ୍ବୋଧନ କରିଛନ୍ତି । ସେ ମା'ଙ୍କ ଠାରୁ ଅନେକ କଥା ଶିଖିଛନ୍ତି । ଜୀବନରେ କିଭଳି ମ୍ୟାଚୋର ହୋଇ କାମ କରିବ ସେ ନେଇ ସେ ମା'ଙ୍କ ଠାରୁ ଶିଖିଛନ୍ତି । ତାଙ୍କ ମାଆ ଖୁବ କମ୍ ବୟସରେ ବି ଏକାକୀ ସେମାନଙ୍କୁ ବଡ କରିବା ସହ ଜୀବନରେ କିଭଳି ଚଳିବ ସେ ନେଇ ଶିକ୍ଷା ଦେଇଛନ୍ତି । ତେଣୁ ତାଙ୍କୁ ଖୁବ କମ ବୟସରେ ବି ଜୀବନର ଅନେକ ବଡବଡ ଶିକ୍ଷା ମିଳିଥିବା ପଲକ ପ୍ରକାଶ କରିଛନ୍ତି । ସେହିଭଳି ସୋସିଆଲ ମିଡିଆର ପ୍ରଭାବ ତାଙ୍କ ଉପରେ ପଡି ନଥାଏ ବୋଲି ସେ ମତ ଦେଇଛନ୍ତି । ତାଙ୍କ ମତରେ ୟୁଜର୍ସ ଅଭିନେତାଙ୍କୁ ପରିବାର ଭଳି ଭଲପାଇବା ଦେଇଥାଆନ୍ତି, ସେହିଭଳି ବେଳେବେଳେ ଶତ୍ରୁ ଭଳି ମଧ ବ୍ୟବହାର କରନ୍ତି । ହେଲେ ଜଣେ ଅଭିନେତା ପାଇଁ ଦର୍ଶକ ସବୁବେଳେ ବେଶ ଗୁରୁତ୍ୱପୂର୍ଣ୍ଣ ।



# ପ୍ରାକୃତିକ ଶୀତଳକରଣ ପ୍ରଣାଳୀ



**ଏହା ଏକ ଚମତ୍କାର ଧାରଣା ! କୋଠା ଡିଜାଇନରେ ପ୍ରାକୃତିକ ଶୀତଳକରଣ ପ୍ରଣାଳୀକୁ ସାମିଲ କରିବା ଦ୍ୱାରା ଏୟାର କଣ୍ଡିସନିଂର ଆବଶ୍ୟକତା ଯଥେଷ୍ଟ ହ୍ରାସ ପାଇପାରେ, ଯାହାଦ୍ୱାରା ଶକ୍ତି ବ୍ୟବହାର ଏବଂ କାର୍ବନ ନିର୍ଗମନ ହ୍ରାସ ପାଇଥାଏ ।**

**କିଛି ଅଭିନବ ପ୍ରାକୃତିକ ଶୀତଳକରଣ ପ୍ରଣାଳୀ ଏଥିରେ ଅନ୍ତର୍ଭୁକ୍ତ**

**ସବୁଜ ଛାତ:** ଉତ୍ତାପ ଶୋଷଣ କରିବା ଏବଂ ତାପମାତ୍ରା ହ୍ରାସ କରିବା ପାଇଁ ଛାତ ଉପରେ ଉଦ୍ଭିଦ ରୋପଣ କରିବା ।

**ସୌର ଚିମନି:** ପ୍ରାକୃତିକ ବାୟୁଚଳନ ପ୍ରଦାନ କରି ବାୟୁର ଏକ ସଂଚଳନଶୀଳ ପ୍ରବାହ ସୃଷ୍ଟି କରିବା ପାଇଁ ସୌର ଶକ୍ତି ବ୍ୟବହାର କରିବା ।

**ପବନ ଟାୱାର:** ବାୟୁଚଳନ ମାଧମରେ କୋଠାକୁ ଥଣ୍ଡା କରିବା ପାଇଁ ପବନ ଶକ୍ତି ବ୍ୟବହାର କରିବା ।

**ପୃଥିବୀ ବାୟୁ ସୁଡ଼ଙ୍ଗ:** ପୃଥିବୀର ପ୍ରାକୃତିକ ଶୀତଳକରଣ ମାଧମରେ ବାୟୁକୁ ଥଣ୍ଡା କରିବା ପାଇଁ ଭୂତଳ ସୁଡ଼ଙ୍ଗ ବ୍ୟବହାର କରିବା ।

**ଜଳ-ଆଧାରିତ ଶୀତଳକରଣ ପ୍ରଣାଳୀ:** ଚାରିପାଖର ବାୟୁକୁ ଥଣ୍ଡା କରିବା ପାଇଁ ପୋଖରୀ କିମ୍ବା ଝରଣା ଭଳି ଜଳ ବୈଶିଷ୍ଟ୍ୟ ବ୍ୟବହାର କରିବା ।

**ଛାଇ ଉପକରଣ:** ସିଧାସଳଖ ସୂର୍ଯ୍ୟକିରଣକୁ ଅବରୋଧ କରିବା ଏବଂ ତାପ ବୃଦ୍ଧି ହ୍ରାସ କରିବା ପାଇଁ ଓଭରହ୍ୟାଙ୍ଗ, ଲୁଭର କିମ୍ବା ସ୍କ୍ରିନକୁ ଅନ୍ତର୍ଭୁକ୍ତ କରିବା ।

**ପ୍ରାକୃତିକ ବାୟୁଚଳନ:** ପ୍ରାକୃତିକ ବାୟୁପ୍ରବାହକୁ ସର୍ବାଧିକ କରିବା ପାଇଁ କୋଠା ଡିଜାଇନ୍ କରିବା, ଯାନ୍ତ୍ରିକ ଶୀତଳକରଣର ଆବଶ୍ୟକତା ହ୍ରାସ କରିବା ।

( ସଂଗୃହିତ)

ସନ୍ତୋଷ କୁମାର ପଣ୍ଡା, କଟକ

# ଶିରଡ଼ି ସାଇ ଟ୍ରଷ୍ଟ ବସନ୍ତପୁର ପକ୍ଷରୁ ପ୍ରତୀଭା ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ଗରଦପୁର ଅଧିନ ବସନ୍ତପୁର ଗ୍ରାମରେ ଥିବା ଶ୍ରୀ ଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଆୟୋଜିତ ପ୍ରତୀଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫଜଲ ହକ୍ ଉଚ୍ଚ ବିଦ୍ୟାଳୟ, ତେଣ୍ଡାକୁଡାର ଛାତ୍ର ଦେବେନ୍ଦ୍ରପାତ୍ର ଓ କଳିଙ୍ଗଭାରତୀ ସ୍କୁଲ ର ତେଣ୍ଡାକୁଡା ଛାତ୍ରୀ ଭାଗ୍ୟଶ୍ରୀ ମହାନ୍ତି ବ୍ଲକ ସ୍ତରରେ ଏ –୧ ଗ୍ରେଡ ରେ କୃତିର ସହ ଉତ୍ତୀର୍ଣ୍ଣ ହୋଇଥିବାରୁ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଡ.ରୁଦ୍ର ମହାନ୍ତି ଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାରୋହରେ ସଂପାଦକ ସୁନିଲ ମହାନ୍ତି ଓ ରବୀନ୍ଦ୍ର ମହାପାତ୍ର ଉତ୍ତରୀୟ ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଶୋର ମହାନ୍ତି, ଚଣ୍ଡି ପ୍ରସାଦ ମହାନ୍ତି, ରଂଜିତ ମହାନ୍ତି ,ସ୍ୱରୂପ ମହାନ୍ତି ଓ ନଳିନି ମହାନ୍ତି ସହଯୋଗ କରିଥିଲେ ।

## ‘ପ୍ରାଚୁର୍ଯ୍ୟର ଇଲାକାରେ ଗୋଟିଏ ମାସ’

# ମୁଖ୍ୟମନ୍ତ୍ରୀଙ୍କୁ ଭ୍ରମଣ ପୁସ୍ତକ ପ୍ରଦାନ କଲେ ଲେଖକ ବିଶ୍ୱମୋହନ ପଟ୍ଟନାୟକ



ଭୁବନେଶ୍ୱର, (ସବ୍ୟୁ): ବରିଷ୍ଠ ଲେଖକ ତଥା ପର୍ଯ୍ୟଟକ ବିଶ୍ୱମୋହନ ପଟ୍ଟନାୟକ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ଭେଟି ତାଙ୍କ ଲିଖିତ ଦୁଇଟି ଭ୍ରମଣ ପୁସ୍ତକର ପ୍ରଥମ ଖଣ୍ଡ ପ୍ରଦାନ କରିଛନ୍ତି । ଏହି ଦୁଇ ପୁସ୍ତକ ହେଲା ଓଡିଆରେ ଲିଖିତ ‘ପ୍ରାଚୁର୍ଯ୍ୟର ଇଲାକାରେ ଗୋଟିଏ ମାସ’ ଏବଂ ଏହାର ଇଂରାଜୀ ଅନୁବାଦ । ମୁଖ୍ୟମନ୍ତ୍ରୀଙ୍କୁ ଏହି ଦୁଇ ପୁସ୍ତକର ପ୍ରଥମ ଖଣ୍ଡ ଉପହାର ଦେବା ଅବସରରେ ଲେଖକ କହିଛନ୍ତି ଯେ ଏକ ବିଶାଳ ଏବଂ ସୁନ୍ଦର ଦେଶ ଆମେରିକା ପରିଦର୍ଶନ କରିବାର ସୌଭାଗ୍ୟ ପାଇଥିଲି । ପୃଥିବୀର ଅନେକ ଦେଶ ବୁଲିଥିଲେ ବି ଆମେରିକାରୁ ଫେରିବା ପରେ, ସେଠାରେ ମୋର ରହଣିର ସ୍ମୃତିକୁ ଲେଖିବାର ଇଚ୍ଛାକୁ ନିୟନ୍ତ୍ରଣ କରିପାରି ନଥିଲି । ଏହାକୁ କଫି ଟେବୁଲ୍ ପୁସ୍ତକର ରୂପ ଦେଇଥିଲି । ଏହା ମୋ ମାତୃଭାଷାରେ ଲେଖିଥିଲି, ଯେପରି ଅଧିକରୁ ଅଧିକ ଲୋକ, ବିଶେଷକରି ରାଜ୍ୟର ଛାତ୍ରଛାତ୍ରୀମାନେ ଏହାକୁ ପାଠ କରିପାରିବେ । ଏହା ମୋତେ ଏକ ଇଂରାଜୀ ସଂସ୍କରଣ ପ୍ରକାଶ କରିବାକୁ ପ୍ରେରଣା ଦେଇଥିଲା ।

### ୧୦ ହଜାର ହାଇସ୍କୁଲ ଓ ୨ ହଜାର କଲେଜରେ ପୁସ୍ତକ ବଣ୍ଟନ କରିବେ ଲେଖକ

ରାଜ୍ୟର ୧୦,୦୦୦ ହାଇସ୍କୁଲ ଏବଂ ୨,୦୦୦ କଲେଜ ଛାତ୍ରଛାତ୍ରୀଙ୍କ ବୃହତ ସ୍ୱାର୍ଥରେ ନିଜ ଖର୍ଚ୍ଚରେ ପୁସ୍ତକଟିକୁ ଉତ୍ସର୍ଗ କରିବାକୁ ଆମେ ନିଷ୍ପତ୍ତି ନେଇଥିଲୁ । ରାଜ୍ୟ ସରକାରଙ୍କ ଓଏସ୍ଇପିଏ ମାଧ୍ୟମରେ ଅନୁମତି ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଲୋକ–ସରକାରଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରିଥିଲେ ଲେଖକ ବିଶ୍ୱମୋହନ ପଟ୍ଟନାୟକ । ଭ୍ରମଣ ପୁସ୍ତକ ‘‘ପ୍ରାଚୁର୍ଯ୍ୟର ଇଲାକାରେ ଗୋଟିଏ ମାସ’’ର ପ୍ରଥମ ଖଣ୍ଡ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ଲେଖକଙ୍କ ପ୍ରୟାସର ସଫଳତା ଏବଂ ଶୁଭକାମନା କରିଥିଲେଛ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ପୁସ୍ତକର ପ୍ରଥମ ସଂଖ୍ୟା ଗ୍ରହଣ କରି ପୁସ୍ତକର ପ୍ରକାଶିକା ଶ୍ରୀମତୀ ଜୟଶ୍ରୀ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ । ୧୨ ହଜାର ପୁସ୍ତକ ସ୍କୁଲ ଓ କଲେଜଗୁଡ଼ିକୁ ନିଜ ଖର୍ଚ୍ଚରେ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବାର ଉଦାହରଣ ଆଗାମୀ ଦିନରେ ଅନ୍ୟାନ୍ୟ ପ୍ରକାଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ । ଓଡିଆ ଭ୍ରମଣ ସାହିତ୍ୟ ଏବଂ ବିକଶିତ ରାଷ୍ଟ୍ରଗୁଡିକର ଉଦାହରଣ ଆମର ଉତ୍ତରପିଢ଼ିଙ୍କୁ ଉତ୍ସାହିତ କରିବ । ମୁଖ୍ୟମନ୍ତ୍ରୀ ଉଭୟ ଲେଖକ ଓ ପ୍ରକାଶିକାଙ୍କୁ ଧନ୍ୟବାଦ ଦେଇଥିଲେ । ଏଥିପାଇଁ ଅନୁଷ୍ଠିତ ସମାବେଶରେ ଶିକ୍ଷାବିତ ତଥା ସୁସାହିତ୍ୟିକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ସ୍ତମ୍ଭକାର ଜାନକୀଶ ବଡ଼ପଣ୍ଡା ତଥା ଲେଖକଙ୍କ ସୁପୁତ୍ର ଅଭିଜିତ ଉପସ୍ଥିତ ଥିଲେ ।

## ଓଡ଼ିଶା ରାଜ୍ୟ ପାନୀୟ ନିଗମ

# ଅବକାରୀ ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର, (ସବ୍ୟୁ): ଅବକାରୀ, ପୂର୍ତ୍ତ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓଡ଼ିଶା ରାଜ୍ୟ ପାନୀୟ ନିଗମର କାର୍ଯ୍ୟାଳୟରେ ସେଣ୍ଟ୍ରାଲ ସିସିଟିଭି ମନିଟରିଙ୍ଗ ସିଷ୍ଟମ, ଅଟୋ ଇଣ୍ଡେଟିଂ ଅନୁମୋଦନ ସିଷ୍ଟମ, ଓଡ଼ିଶା ରାଜ୍ୟ ପାନୀୟ ନିଗମର ସରକାରୀ ଟ୍ରେଜେରୀ ସହିତ ସଂଯୋଗୀକରଣର ଉଦ୍ଘାଟନ କରିଛନ୍ତି । ଏହା ଦ୍ୱାରା ଓଡ଼ିଶା ରାଜ୍ୟ ପାନୀୟ ନିଗମର ଚାରିଗୋଟି ପଣ୍ୟାଗାର ସିଧାସଳଖ କାର୍ଯ୍ୟଧାରା ମୁଖ୍ୟ କାର୍ଯ୍ୟାଳୟରେ ଦେଖିପାରିବେ ଏବଂ ନିଗମର କାର୍ଯ୍ୟ ସରଳ ଓ ସୁଗମ ହୋଇପାରିବ । ଏହି ଅବସରରେ ଚଳିତ ବର୍ଷ ଆସିବାକୁ ଥିବା ନୂଆ ତଥା ପରିବର୍ତ୍ତିତ ଅବକାରୀ ନୀତି ସହ ନିୟମିତ ଭାବରେ ମାଦକ ଦ୍ରବ୍ୟ ସେବନ ବିରୁଦ୍ଧରେ ଯୁବପିଢ଼ି ମଧ୍ୟରେ ଜାଗରୂକତା ଆଣିବା ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ପାନୀୟ ନିଗମ ଓ ଅବକାରୀ ବିଭାଗ ମଧ୍ୟରେ ବାର୍ଷିକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଥିଲା । ଓଡ଼ିଶା ରାଜ୍ୟ ପାନୀୟ ନିଗମ ଦ୍ୱାରା ଚଳିତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟକ୍ରମ ଏବଂ ଅବକାରୀ ରାଜସ୍ୱ ଆଦାୟର ଲକ୍ଷ୍ୟ ନେଇ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ଏହି ଅବସରରେ ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ୧୨ କୋଟି ସହ ଆନ୍ତରୀଣ ଲାଭାଂଶ ୨୫ କୋଟି ଏବଂ ବାର୍ଷିକ ଲାଭାଂଶ ୧୪ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ଏହି ଅବସରରେ ଅବକାରୀ ବିଭାଗ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର, ମହାପ୍ରବନ୍ଧକ (ପ୍ରଶାସନିକ) ସଞ୍ଜୟ କୁମାର ରାଉତ, ମୁଖ୍ୟ ପରିଚାଳନା (ଅପରେସନ୍) ମାନସ ରଞ୍ଜନ ସ୍ୱାଇଁଙ୍କ ସମେତ ନିଗମର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଶ୍ୱାସକ୍ରିୟା ସ୍ୱାସ୍ଥ୍ୟରେ ଆଭ୍ୟନ୍ତରୀଣ ବାୟୁ ଗୁଣବତା ଉପରେ ଧ୍ୟାନ ଦେବା ଜରୁରୀ

ଭୁବନେଶ୍ୱର, (ସବ୍ୟୁ): ଗ୍ଲୋବାଲ ବର୍ଡନ ଅଫ ଡିଜିଜ୍ ରିପୋର୍ଟ ଅନୁଯାୟୀ, ଭାରତରେ ଆଷ୍ଟମା ୩୦ ମିଲିୟନରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଛି, ଯାହା ବିଶ୍ୱବ୍ୟାପୀ ସମସ୍ତ ଆଷ୍ଟମା–ସମ୍ପର୍କିତ ମୃତ୍ୟୁର ପ୍ରାୟ ୫୦% ପାଇଁ ଦାୟୀ ଅଟେ। ଘର ଭିତରର ବାୟୁ ୧୦ ଗୁଣ ପର୍ଯ୍ୟନ୍ତ ଖରାପ ହୋଇପାରେ, ଯାହାକି ଡଷ୍ଟ ମାଇଟ, ପୋଲେନ, ପେଡ ଡାଣ୍ଡର ଓ ଭିଓସିଗୁଡିକ ଭଳି ଆଲର୍ଜେନରେ ପରିପୂର୍ଣ୍ଣ ଥାଏ। ଏଭଳି କଣିକାଗୁଡିକ ବନ୍ଦ ସ୍ଥାନଗୁଡିକରେ ବିକଶିତ ହୋଇଥାନ୍ତି ଯାହା ଆଲର୍ଜି ଓ ଶ୍ୱାସକ୍ରିୟାଜନିତ ଅସହଜତାକୁ ବୃଦ୍ଧି କରିଥାଏ । ବିଶ୍ୱ ଆଷ୍ଟମା ଦିବସ ଅବସରରେ ଡାଇସନର ସିନିୟର ରିସର୍ଚ୍ଚ ଇନିୟର ଡାଲିଲା ଏଲ୍ଜୈନ, ଆମର ଘରଗୁଡିକରେ ବାୟୁ ଗୁଣବତାକୁ ଉନ୍ନତ କରିବା କିଭଳି କ୍ଷତିକାରକ ଆଲର୍ଜେନଗୁଡିକ ପ୍ରତି ଏକ୍ସପୋଜରକୁ ହ୍ରାସ କରିଥାଏ ଏବଂ ଆଷ୍ଟମା ଓ ଆଲର୍ଜି ଥିବା ବ୍ୟକ୍ତିଙ୍କ ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିଥାଏ ତାହା ସମ୍ପର୍କରେ ସୂଚନା ଦେଇଛନ୍ତି ।

## ପୁରୀଘାଟ ଥାନାରୁ ଖସି ଯାଇଥିଲା ଚୋର

# କାବୁ କଲେ ଦୁଇ କନେଷ୍ଟବଳ

କଟକ,(ସବ୍ୟୁ): ପୁରୀଘାଟ ଥାନାରେ ଗିରଫ ହୋଇ ହାଜତରେ ଥିବା ଜଣେ ଚୋର ଖସିଯିବା ଘଟଣା ଏବେ ସାମ୍ନାକୁ ଆସିଛି । ପୁଲିସ ଉପସ୍ଥିତିରେ ହାଜତ ଭିତରୁ ଚୋର ଦୌଡ଼ି ପଳାଇବା ଦୃଶ୍ୟ ସେଠାରେ ଲାଗିଥିବା ସିସି କ୍ୟାମେରାରେ କଏଦ ହୋଇଛି । ଥାନାରେ ଉପସ୍ଥିତ ଥିବା ୨ଜଣ କନେଷ୍ଟବଳଙ୍କ ଯୋଗୁଁ ଖସି ଯାଇଥିବା ଚୋରକୁ ପୁଣି ଥରେ ହାଜତ ନିଆଯାଇଥିଲା । ତେବେ କମିଶନରେଟ୍ ବ୍ୟବସ୍ଥା ଭିତରେ ସହରର ପ୍ରମୁଖ ଥାନା ଭିତରୁ ଚୋର ଖସିଯିବା ଭଳି ସଂଗୀନ ଘଟଣା ପୁଲିସର ପାରିବାପଣିଆକୁ ସାମ୍ନାକୁ ଆଣୁଛି । ଏକ ଚୋରି ଘଟଣାରେ ଏହି ଥାନା ଅନ୍ତର୍ଗତ ବାଙ୍କିସାହିର ରତ୍ନାକର ନାୟକ(୩୮)କୁ ପୁଲିସ ଆଜି ଗିରଫ କରି ହାଜତରେ ରଖିଥିଲା । ତେବେ ସନ୍ଧ୍ୟା ୬ଟା୩୦ରେ ଥାନା ଭିତରୁ ଅଭିଯୁକ୍ତ ରତ୍ନାକର ଦୌଡ଼ି ଦୌଡ଼ି ତଳ ତେଲେଙ୍ଗାବଜାର ଅଭିମୁଖେ ଯାଇଥିଲା । ତା’ପଛରେ ୨ଜଣ କନେଷ୍ଟବଳ ତାକୁ ପିଛା କରି କାବୁ କରିଥିଲେ ।




# ଭାରତୀୟ ସମ୍ବାଦପତ୍ର ମହାସଂଘର ସଭାପତି ହେଲେ ଡ଼. ପବିତ୍ର ମୋହନ ସାମନ୍ତରାୟ




ଭୁବନେଶ୍ୱର (ସବ୍ୟୁ): ଭାରତୀୟ କ୍ଷୁଦ୍ର ଏବଂ ମଧ୍ୟମ ସମ୍ବାଦପତ୍ର ମହାସଂଘ ତରଫରୁ ନୂଆଦିଲ୍ଲୀର ହୌଜଖାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ଅଡିଟୋରିୟମ୍‌ରେ ଅନୁଷ୍ଠିତ ଏକ ସାଧାରଣ ବୈଠକରେ ଡ଼. ପବିତ୍ର ମୋହନ ସାମନ୍ତରାୟଙ୍କୁ ସର୍ବସମ୍ମତିକ୍ରମେ ଜାତୀୟ ସଭାପତି ଭାବରେ ନିର୍ବାଚିତ କରାଯାଇଛି । ଏହି ନିର୍ବାଚନ ପ୍ରକ୍ରିୟା ସଂଗଠନର ମୁଖ୍ୟ ନିର୍ବାଚନ ଅଧିକାରୀ ଶିବପ୍ରକାଶ ଓ କେ. ସଞ୍ଜୀବଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଦେଶର ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ୨୦୨୫–୨୦୨୭ ଅବଧି ପାଇଁ ନିର୍ବାଚନ ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ଜାତୀୟ ଓ ରାଜ୍ୟ ପଦବୀ ପାଇଁ ନାମାଙ୍କନ ହୋଇଥିଲା । ଏହି ସମୟରେ ଡ଼. ସାମନ୍ତରାୟଙ୍କୁ ଜାତୀୟ ସଭାପତି ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା । ସଙ୍ଗଠନର ବିକାଶ ପାଇଁ ତାଙ୍କୁ ଅନ୍ୟାନ୍ୟ ପଦବୀରେ ନିଯୁକ୍ତି ଓ ମନୋନୟନ କରିବା ଅଧିକାର ମଧ୍ୟ ଦିଆଯାଇଛି ।

# ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶିତ

କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ବି.ଟେକ୍ ୮ମ ସେମିଷ୍ଟର ଏବଂ ବିସିଏ ୬ଷ୍ଠ ସେମିଷ୍ଟର –୨୦୨୫ ପରୀକ୍ଷା ଫଳ ଶୁକ୍ରବାର ପୂର୍ବାହ୍ନରେ ପ୍ରକାଶ ପାଇଛି। ବି.ଟେକ୍‌ରେ ପରୀକ୍ଷା ଫଳ ହାର ୯୦.୭୯ ପ୍ରତିଶତ ହୋଇଥିବାବେଳେ ବିସିଏର ସମସ୍ତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡଙ୍ଗୀ ଜଣାଇଛନ୍ତି ।




## ‘ଓଡିଶା ଭିଜନ ୨୦୩୬ ଓ ୨୦୪୭’ ପାଇଁ ପରାମର୍ଶ କର୍ମଶାଳା

# ଲୋକଙ୍କୁ ସବୁ ପ୍ରକାରର ମୌଳିକ ସୁବିଧା ମିଳିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ହେବ । ଏଥିପାଇଁ ୩୬ଟି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଓଡିଶାକୁ ୫୦୦ ବିଲିୟନ ଡଲାର ଅର୍ଥନୀତିରେ ପରିଣତ କରାଯିବ । ୨୦୩୬ ସୁଦ୍ଧା ସମାଜର ଶେଷ ସ୍ତରରେ ଥିବା ଲୋକମାନେ ଯେପରି ସବୁ ପ୍ରକାରର ମୌଳିକ ସୁବିଧା ପାଇପାରିବେ, ସେଥିପାଇଁ ପଦକ୍ଷେପ ନିଆଯିବ । ଭିଜନ ୨୦୩୬ ଏବଂ ୨୦୪୭ ଡକ୍ୟୁମେଣ୍ଟ ହେଉଛି, ଏକ ସମୃଦ୍ଧ, ବିକଶିତ ଏବଂ ଗର୍ବିତ ଓଡ଼ିଶା ଗଠନ ପାଇଁ ଆମର ମହତ୍ୱାକାଂକ୍ଷୀ ସଂକଳ୍ପ ଏକ ‘ବିକଶିତ ଓଡ଼ିଶା’ ଯାହା ‘ବିକଶିତ ଭାରତ’ ମଧ୍ୟରେ ଏକ ଉଜ୍ଜ୍ୱଳ ତାରକା ଭାବରେ ଉଦୀୟମାନ ହେବ । ଆଜି ଲୋକସେବା ଭବନରେ ‘ଭିଜନ ଓଡିଶା ୨୦୩୬ ଓ ୨୦୪୭’ ପାଇଁ ଆୟୋଜିତ ରାଜ୍ୟସ୍ତରୀୟ ‘ପରାମର୍ଶ କର୍ମଶାଳା’ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ଏହି ଭିଜନ ଡକ୍ୟୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ଏକ ରୋଡମ୍ୟାପ୍ । ଏହା ଆମ ଭବିଷ୍ୟତର ପିଢ଼ିଙ୍କ ପାଇଁ ଏକ ପ୍ରତିଶ୍ରୁତି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମର ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି । ଏକ ଡ୍ରାଫ୍ଟ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଛି । ବିଶେଷଜ୍ଞମାନଙ୍କ ପରାମର୍ଶ ପରେ ଚୂଡ଼ାନ୍ତ ଡକୁମେଣ୍ଟ ପ୍ରସ୍ତୁତ କରାଯିବ ।




ସମ୍ବଲପୁର, ବାଲେଶ୍ୱର ଓ ଜୟପୁରରେ ଆହୁରି ତିନୋଟି ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ରାଜ୍ୟସ୍ତରୀୟ କର୍ମଶାଳାରେ ଅଭିଜ୍ଞ ପ୍ରଶାସକ, ଶିକ୍ଷାବିତ, ଜନପ୍ରତିନିଧି, ଶିଳ୍ପ ଏବଂ ନାଗରିକ ସମାଜର ପ୍ରତିନିଧି, ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିମାନେ ଯୋଗଦେଇ ନିଜନିଜର ଚିନ୍ତାଧାରା ପ୍ରକାଶ କରିବା ସହିତ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ୨୦୩୬ ସୁଦ୍ଧା ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ୩୬ଟି ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ କରାଯାଇଛି । ଏହା ଏକ ରଣନୈତିକ ପଦକ୍ଷେପ । ଏହି ପଦକ୍ଷେପ ହେଉଛି ‘୩୬ ପାଇଁ ୩୬’ । ଏହି ପଦକ୍ଷେପ ଓଡ଼ିଶାର ଅଭିବୃଦ୍ଧିର ଯାତ୍ରାକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଥିଲେ ।

ଏହି ଭିଜନ ହାସଲ ପାଇଁ ସମ୍ପୂର୍ଣ୍ଣ ସରକାର ଆଭିମୁଖ୍ୟରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବଛ ଅର୍ଥନୀତି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ପର୍ଯ୍ୟଟନ, ବିଜ୍ଞାନ ଓ ଗବେଷଣା, ଅଭିନବ ଚିନ୍ତାଧାରା, ମହିଳା ସଶକ୍ତି କରଣ, ଗ୍ରାମ ବିକାଶ, ଆଦିବାସୀ କଲ୍ୟାଣ, ଓଡିଆ ଭାଷା, ସଂସ୍କୃତି ଓ ଅସ୍ମିତାର ପ୍ରସାର ଆଦି ୩୬ଟି କ୍ଷେତ୍ରରେ ସ୍ୱଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ପଦକ୍ଷେପ ମାନ ଗ୍ରହଣ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ନେତୃତ୍ୱରେ ଦେଶ ଏକ ବିକଶିତ ଭାରତ ହେବା ଲକ୍ଷ୍ୟରେ ଅଗ୍ରସର ହେଉଛି । ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ଆମ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି । ୨୦୪୭ ସୁଦ୍ଧା ଆମ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଓଡିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏକାମ୍ର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଗତପୁରରେ ଅଗ୍ନିକାଣ୍ଡ: ୫ଟି ଗାଡି ଜଳିଗଲା

## ନିଆଁ ଲାଗିବାର କାରଣ ଅସ୍ପଷ୍ଟ

କଟକ,(ସବ୍ୟୁ): ପୁରୀଘାଟ ଥାନା ଅନ୍ତର୍ଗତ ଭଗତପୁରରେ ଗୁରୁବାର ବିଳମ୍ବିତ ରାତିରେ ଏକ ବଡ଼ ଅଗ୍ନିକାଣ୍ଡ ହୋଇଛି । ଜଣେ ବ୍ୟକ୍ତିଙ୍କ ଘର ଗ୍ୟାରେଜ୍ରେ ନିଆଁ ଲାଗିଯିବାରୁ ପ୍ରାୟ ୫ଟି ୨ ଚକିଆଗାଡ଼ି ପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିଶମ ଟିମ୍ ପହଞ୍ଚି ନିଆଁ ଲିଭାଇଛି । ନିଆଁର କାରଣ ସ୍ପଷ୍ଟ ହୋଇ ନାହିଁ । ତେବେ ଚାର୍ଜରେ ବସିଥିବା ଇଭିରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି । ଅନ୍ୟପଟେ ଏହି ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଛନ୍ତି ପରିବାର ଲୋକ ବୋଲି ଅଗ୍ନିଶମ ବିଭାଗ ସୂଚନା ଦେଇଛି ।

ଅଗ୍ନିଶମ ବିଭାଗ ସୂଚନା ଅନୁଯାୟୀ, ଭଗତପୁରର ପ୍ରକାଶ ଚନ୍ଦ୍ର ମହାରଣାଙ୍କ ୨ ମହଲା ଘର ହୋଇଥିବା ବେଳେ ତଳ ମହଲାରେ ଗାଡ଼ି ରଖିବା ପାଇଁ ଗ୍ୟାରେଜ୍ ରହିଛି । ସବୁ ଦିନ ଭଳି ଗ୍ୟାରେଜ୍ରେ ଏକ ବୁଲେଟ୍ ଗାଡ଼ି ଓ ଗୋଟିଏ ବ୍ୟାଟେରୀ ଗାଡ଼ି ସହିତ ଅନ୍ୟ ୩ଟି ୨ ଚକିଆ ଗାଡ଼ି ରହିଥିଲା । ରାତି ପ୍ରାୟ ସାଢ଼େ ୩ଟାରୁ ୩ଟା ୪୫ ମଧ୍ୟରେ କୌଣସି କାରଣରୁ ନିଆଁ ଲାଗିଥିବା ନେଇ ପରିବାର ଲୋକ ଜାଣିବାକୁ ପାଇଲେ । ଘରର ଉପର ମହଲାରେ ଧୂଆଁ ଭର୍ତ୍ତି ହୋଇଯିବାରୁ ପରିବାର ଲୋକ ହୋ'ହଲ୍ଲା କରିବା ସହିତ ଘରୁ ବାହରିବା ପାଇଁ ଚିତ୍କାର କରିଥିଲେ । ଏହା ମଧ୍ୟରେ ବକ୍ସିବଜାର ଅଗ୍ନିଶମ ଟିମ୍କୁ ସୂଚନା ଦିଆଯାଇଥିଲା । ଭୋର ପ୍ରାୟ ୪ଟା ୧୦ ସୁଦ୍ଧା ଗୋଟିଏ ଦମକଳ ଗାଡ଼ି ଆସି ପହଞ୍ଚିଥିଲା । ଖବର ପାଇ ବିଦ୍ୟୁତ୍ କାର୍ଯ୍ୟାଳୟ ଟିମ୍ ଆସି ବିଦ୍ୟୁତ୍ ସଂଯୋଗ କାଟିଥିଲା । ଏହା ପରେ ଅଗ୍ନିଶମ ଟିମ୍ ପାଣି ମାଡ୍ କରି ନିଆଁକୁ ଆୟତ୍ତ କରିଥିଲା । ମାତ୍ର ସେତେ ବେଳକୁ ୫ଟି ଗାଡ଼ି ପୋଡ଼ି ପାଉଁଶ ହୋଇଥିଲା । ଏହା ଭିତରେ ପରିବାରର କିଛି ସଦସ୍ୟ ଘର ଝରକା ଡେଇଁ ବାହାରକୁ ଆସିଥିଲେ । ୨ ଜଣ ଛାତ ଉପରକୁ ପଳାଇଥିଲେ । ନିଆଁ ଓ ଧୂଆଁ କମିବା ପରେ ସେହି ୨ ସଦସ୍ୟ ମଧ୍ୟ ଘରୁ ବାହାରକୁ ଆସିଥିଲେ । ନିଆଁରେ ଗ୍ୟାରେଜ୍ ଘର ଛାତ ନଷ୍ଟ ହୋଇଛି । ନିଆଁ ଉପରକୁ ଯାଇପାରି ନାହିଁ । ଘରର ଏକ ପାଣି ପମ୍ପ ପୋଡି ପାଉଁଶ ହୋଇଯାଇଛି ।

### ଜମି ବିବାଦରୁ ହତ୍ୟାକାଣ୍ଡ

# ଆଉ ଜଣେ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପ୍ରଧାନସାହି ଜମି ବିବାଦ ହତ୍ୟାକାଣ୍ଡ ମାମଲାରେ ପୋଲିସ ଆଉ ଜଣକୁ ଗିରଫ କରିଛି । ପୂର୍ବରୁ ତିନିଜଣ ଗିରଫ ହୋଇଥିବା ବେଳେ ଶୁକ୍ରବାର ସୁକାନ୍ତ ପରିଡା ଓରଫ ଶୁକ (୩୬) ନାମକ ଜଣେ ଯୁବକକୁ ଗିରଫ କରାଯାଇଥିବା ପୋଲିସ କହିଛି ।

ଭିମପୁର ଲେନ୍-୨ରେ ରହୁଥିବା ଦେବବ୍ରତ ମହାନ୍ତି ଏତଲା କରିଥିଲେ ଯେ, ଏପ୍ରିଲ୍ ୧୧ ତାରିଖରେ ତାଙ୍କ ଭାଇ ସମ୍ବିତ କୁମାର ବିଶ୍ୱାଳକୁ ଜମି ବିବାଦରୁ ଦୁର୍ବୃତ୍ତମାନେ ହତ୍ୟା କରି ଶବ ଛାଡି ଫେରାର ହୋଇଯାଇଛନ୍ତି । ଏତଲାରେ ସେ ଅଭିଯୁକ୍ତମାନଙ୍କ ନାଁ ମଧ୍ୟ ଲେଖିଥିଲେ । ପୋଲିସ ଗୁଲୁ ମହାନ୍ତି, ମନୋଜ ବେହେରା ଓ ସୁକାନ୍ତ ବେହେରା (ହୋମ୍ଗାର୍ଡ) ନାମକ ତିନିଜଣଙ୍କୁ ଗିରଫ କରି ଏପ୍ରିଲ୍ ୧୨ ତାରିଖରେ କୋର୍ଟଚାଲାଣ କରିଥିଲା । ଗିରଫ ପାଇଁ ଫେରାର ଶୁକକୁ ପୋଲିସ ଖୋଜୁଥିବା ବେଳେ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ତାକୁ ପୋଲିସ ଗୁରୁବାର ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଶ୍ରୀମନ୍ଦିର ସମେତ ପୁରୀରେ ସୁରକ୍ଷା ବ୍ୟବସ୍ଥା କଡାକଡି : ଏସ୍ପି



ପୁରୀ, (ସବ୍ୟୁ): ଭାରତ ପାକିସ୍ଥାନ ମଧ୍ୟରେ ଦେଖା ଦେଇ ଥିବା ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ନେଇ ପୁରୀରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରା ଯାଇଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିର ଭିତର ଓ ବାହାର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ପ୍ରାଧାନ୍ୟ ଦିଆଯିବା ସହ କଡ଼ା କଡ଼ି କରାଯାଇଛି । ଶ୍ରୀମନ୍ଦିର ଚାରି ଦ୍ୱାର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ା କଡ଼ି କରାଯାଇଛି । ଚାରି ଦ୍ୱାରରେ ସୁରକ୍ଷା ପାଇଁ ଅଧିକ ପୋଲିସ ମୁତୟନ କରାଯାଇଛି । କ୍ୟୁଆରଟି ଟିମ୍କୁ ସଜାଗ ରଖା ଯାଇଛି । ସହର ର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଆଦି ମାନଙ୍କରେ ଚେକିଙ୍ଗ କୁ କଡ଼ା କଡ଼ି କରା ଯାଇଛି । ପୁରୀ ବସଷ୍ଟାଣ୍ଡ, ରେଳଷ୍ଟେସନ ଆଦି ସ୍ଥାନ ମାନଙ୍କରେ ସୁରକ୍ଷା ବ୍ୟବସ୍ଥା ଓ ଚେକିଙ୍ଗକୁ କଡ଼ା କଡ଼ି କରା ଯାଇଛି । ସେହିପରି ପୁରୀର ପ୍ରବେଶ ପଥ, ହରେକୃଷ୍ଣପୁର, ମଙ୍ଗଳାଘାଟ ବ୍ରିଜ ଛକ, ପୁରୀ କୋଣାର୍କ ଭୂଦାନ ଛକ ଆଦି ସ୍ଥାନ ମାନଙ୍କରେ ନାକା, ରାତ୍ରୀ ବ୍ଲକିଂ ଓ ବାହାରୁ ଆସୁ ଥିବା ଯାନ ବାହନ ଗୁଡିକ ପୋଲିସ ପକ୍ଷରୁ ଚେକିଂ କରା ଯାଉଛି । ସେହିପରି ପୋଲିସ ପକ୍ଷରୁ ସହରର ବିଭିନ୍ନ ହୋଟେଲ, ଲଜିଂ ଆଦି ଗୁଡିକରେ ଥିବା ପର୍ଯ୍ୟଟକ ମାନଙ୍କ ପରିଚୟ ପତ୍ର ଆଦି କଡ଼ା କଡ଼ି ଯାଞ୍ଚ କରାଯାଇଛି ।

# ଜୁନ୍ ୧୫ ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ ମନା : ଟିପିସିଓଡିଏଲ୍

ଭୁବନେଶ୍ୱର, (ସବ୍ୟୁ) : ଟିପିସିଓଡିଏଲ୍ ପକ୍ଷରୁ ଆସନ୍ତା ଜୁନ୍ ୧୫ ପର୍ଯ୍ୟନ୍ତ ନିୟମିତ ରକ୍ଷଣାବେକ୍ଷଣ ପାଇଁ କୌଣସି ବିଦ୍ୟୁତ କାଟ୍ ହେବନାହିଁ ବୋଲିଘୋଷଣା କରାଯାଇଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଗ୍ରୀଷ୍ମ ଋତୁରେ ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା।ଏହି ଅବଧିରେ ନିରବଚ୍ଛିନ୍ନ ଓ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ କୌଣସି ଯୋଜନାବଦ୍ଧ ରକ୍ଷଣାବେକ୍ଷଣ ସଟ୍ଡାଉନ୍ କରାଯିବ ନାହିଁ। ତେବେ ନୂତନ ସେବା ସଂଯୋଗ, ବିପଦଜନକ ସ୍ଥିତିର ମୁକାବିଲାରେ ସୁରକ୍ଷା ସମ୍ପର୍କିତ ଜରୁରୀକାଳୀନ ପଦକ୍ଷେପ କିମ୍ବା ଜରୁରୀକାଳୀନ ପ୍ରକଳ୍ପ କାର୍ଯ୍ୟ ଭଳି ସ୍ଥିତି ଉପୁଜିଲେ ବିଦ୍ୟୁତ୍ ବିଭ୍ରାଟ ଘଟିପାରେ। ଏଭଳି କ୍ଷେତ୍ରରେ ପ୍ରଭାବିତ ହେବାକୁ ଥିବା ଗ୍ରାହକମାନଙ୍କୁ ଆଗୁଆ ସୂଚନା ପ୍ରଦାନ କରାଯିବା।ଗ୍ରୀଷ୍ମ ଋତୁ ବିଭିନ୍ନ ଆହ୍ୱାନ ଆଣିଥାଏ ଏବଂ ଏଭଳି ସମୟରେ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଗୁରୁତ୍ୱପୂର୍ଣ୍ଣ ବୋଲି ଆମେବୁଝୁଛୁ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜାରି ରଖିବା ସହିତ ବିଶ୍ୱସନୀୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଆମେ ପ୍ରତିବଦ୍ଧ ବୋଲି ଟିପିସିଓଡିଏଲ୍ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି।

# ପଦ୍ମିନୀ କେୟାରରେ ବିଶ୍ୱ ଥାଲାସେମିଆ ଦିବସ




କଟକ, (ସ୍ୱପ୍ର): ପଦ୍ମିନୀ କେୟାର ହସ୍ପିଟାଲ ରକ୍ତ ଭଣ୍ଡାର ଆନୁକୂଲ୍ୟରେ ବିଶ୍ୱ ଥାଲାସେମିଆ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ରକ୍ତ ଭଣ୍ଡାରରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଥାଲାସେମିଆ ରୋଗ ସମ୍ପର୍କିତ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ରକ୍ତ ଭଣ୍ଡାରର ଅଧୀକ୍ଷକ ବନମାଳୀ ବେହେରା ଥାଲାସେମିଆ ଏକ ବଂଶାନୁକ୍ରମିକ ରୋଗ ଏବଂ ରୋଗୀକୁ ଉପଯୁକ୍ତ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏହା ଦ୍ୱାରା ରୋଗୀର ମନୋବଳ ବୃଦ୍ଧି ହୋଇଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା. ଦୁର୍ଗା ପ୍ରସାଦ ମିଶ୍ର, ଡା. ଆଶୀର୍ବାଦ ଦାସ, ଡା. ଶୁଭସ୍ମିତା ମଲ୍ଲିକ, ଡା. ସୁଚିତ୍ରା ସିଂ, ଡା. ଜ୍ୟୋତିରଂଜନ ସାହୁ, ରଜତ କୁମାର ଜେନା, ମାନସ ସ୍ୱାଇଁ, ଜଶ୍ମୀରେଖା ମହାନ୍ତି, ସଂଜୟ ବିଶ୍ୱାଳ, ପ୍ରଦୀପ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

### କଟକରେ ଖୋଲିଲା ଗୋଦ୍ରେଜ୍ କମ୍ପାନୀର ଇଂସ୍ପିରେସନ୍ ହବ୍

# କ୍ରୟ ଉପରେ ଆକର୍ଷଣୀୟ ଉପହାର

କଟକ, (ସବ୍ୟୁ): ପ୍ରଥମ ଥର ପାଇଁ ୧୯୫୮ ମସିହାରେ ଭାରତୀୟ କମ୍ପାନୀ ଭାବେ ଗୋଦ୍ରେଜ୍ ତାର ରେଫ୍ରିଜେରେଟର ଉତ୍ପାଦନ କରି ହୋମ ଆପ୍ଲିଆନ୍ସ କ୍ଷେତ୍ରରେ ନିଜର ସ୍ତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଗୋଦ୍ରେଜ୍ ଏଣ୍ଟରପ୍ରାଇଜେସ୍ ଗ୍ରୁପ୍ ର ଗୋଦ୍ରେଜ୍ ଆଣ୍ଡ ବଏସ୍ ର ଆପ୍ଲାଏନ୍ସ ବ୍ୟବସାୟ ଏହାର ଉପସ୍ଥିତିକୁ ମଜବୁତ କରିବାରେ ଲାଗିଛି । ଏଥିପାଇଁ କମ୍ପାନୀ ଏହାର ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟଲେଟ୍ ନେଟୱାର୍କକୁ ବିସ୍ତାର କରିବାକୁ ଯୋଜନା କରିଛି । ଏହି ପରିପ୍ରେକ୍ଷୀରେ କଟକର ତୁଳସୀପୁର ଠାରେ ଏହାର ପ୍ରଥମ ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟଲେଟକୁ ଉଦ୍ଘାଟନ କରିଛନ୍ତି ବାରବାଟୀ କଟକର ପୂର୍ବତନ ବିଧାୟକ ଇଞ୍ଜିନିୟର ମହମ୍ମଦ ମୋକିମ । ରାଜ୍ୟର ୧୮ ଟି ସ୍ୱତନ୍ତ୍ର ବ୍ରାଣ୍ଡ ଇଂସ୍ପିରେସନ୍ ହବ ଖୋଲି ସାରିଥିବା ବେଳେ ୧୯ ତମ ହବ୍ କଟକରେ ଖୋଲିବା ଫଳରେ ସହରବାସୀ ଉନ୍ନତ ମାନର ସେବା ସହ ସୁଲଭ ମୂଲ୍ୟରେ ହୋମ ଆପଲିଆନ୍ସ ପାଇପାରିବେ ବୋଲି ମୁଖ୍ୟ ଅତିଥି ଇଂ ମୋକିମ୍ ଆଶାବ୍ୟକ୍ତ କରିଥିଲେ । ଗ୍ରାହକଙ୍କ ପାଇଁ ଏକ ଉନ୍ନତ ଅଭିଜ୍ଞତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖି ଗୋଦ୍ରେଜ୍ ଏହାର ଚ୍ୟାନେଲ୍ ପାର୍ଟନର ସାଇ ୱାର୍ଲ୍ଡ ସହଯୋଗରେ ଏହାର ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟଲେଟ୍ ଇନ୍ସପିରେସନ ହବ୍ ଲଞ୍ଚ କରିଛି ।

ଗଡ୍ରେଜ୍ ଏଣ୍ଟରପ୍ରାଇଜେସ୍ ଗ୍ରୁପ୍ ର ଆପ୍ଲାଏନ୍ସସ୍ ବ୍ୟବସାୟ ନ୍ୟାସନାଲ୍ ସେଲ୍ସ ହେଡ୍ ସଞ୍ଜୀବ ଜେନା କହିଛନ୍ତି, ଆମେ ସବୁବେଳେ ଆମର ଗ୍ରାହକଙ୍କ ନିକଟତର ହେବା ପାଇଁ ଚେଷ୍ଟା କରିଛୁ । ଆମର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟଲେଟ୍ ମାଧ୍ୟମରେ ଆମେ ଆମର ବିଶ୍ୱସ୍ତ ଗ୍ରାହକଙ୍କୁ ସର୍ବୋତ୍ତମ ସପିଂ ଅଭିଜ୍ଞତା ଦେଇଥାଉ । ଚ୍ୟାନେଲ ପାର୍ଟନର୍ ତଥା ସାଇ ୱାର୍ଲ୍ଡ ମାଲିକ ପୀୟୁଷ ମହାନ୍ତି କହିଛନ୍ତି ଯେ ଗୋଦ୍ରେଜଙ୍କ ସହ ସହଭାଗୀ ହୋଇ ଆମେ ଅତ୍ୟନ୍ତ ଆନନ୍ଦିତ, ଯାହା ଏକ ସମ୍ମାନଜନକ ତଥା ବିଶ୍ୱସ୍ତ ବ୍ରାଣ୍ଡ ଅଟେ । ଆମେ ନିଶ୍ଚିତ ଯେ ଏହାର ବିଭିନ୍ନ ପ୍ରକାରର ଅଫର ସହିତ ଆମର ଆଉଟଲେଟ୍ କଟକର ମାନ ପରଖୁଥିବା ଗ୍ରାହକଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ହେବ । ଏଥିରେ ଗୋଦ୍ରେଜ୍ ରେଫ୍ରିଜରେଟର, ଏୟାର କଣ୍ଡିସନର, ୱାଶିଂ ମେସିନ୍, ଡିସ୍ ୱାଶର୍, ଏୟାର କୁଲର୍, ଗଭୀର ଫ୍ରିଜ୍, ମାଇକ୍ରୋୱେଭ୍ ଚୁଲି ଏବଂ ଥର୍ମୋଲେକ୍ଟ୍ରିକ୍ ଟେକ୍ନୋଲୋଜି ଚାଳିତ ଗୋଦ୍ରେଜ୍ କ୍ୟୁବ୍ ଏବଂ ଗୋଦ୍ରେଜ୍ ଇନସୁଲିକୋଲ୍ ସହିତ ଗୋଦ୍ରେଜ୍ ଦ୍ୱାରା ସମ୍ପୂର୍ଣ୍ଣ ଉପକରଣଗୁଡିକ ଉପଲବ୍ଧ । ଗ୍ରାହକଙ୍କ ସୁବିଧା ପାଇଁ ଯେ କୌଣସି ଜିନିଷର କ୍ରୟ ଉପରେ ବିଶେଷ ସୁବିଧା ଏବଂ ଆକର୍ଷଣୀୟ ଉପହାର ଅଛି । ଗ୍ରାହକମାନେ ଏକ ବର୍ଷର ମାଗଣା ବର୍ଦ୍ଧିତ ୱାରେଣ୍ଟି (ସିଲେକ୍ଟ ମଡେଲ) ଏବଂ ଏକ ବର୍ଷର ଉତ୍ପାଦ ବୀମା, ଗୋଦ୍ରେଜଙ୍କ ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟଲେଟର ପ୍ରତ୍ୟେକ ଆପ୍ଲାଏନ୍ସ ବ୍ୟବସାୟରେ କମ୍ପାନୀର ବିକ୍ରୟ ପରେ ଅଗ୍ରାଧିକାର ବ୍ୟତୀତ ଲାଭ ପାଇପାରିବେ । ଗ୍ରାହକ ମାନଙ୍କ ସୁବିଧା ପାଇଁ ବିଭିନ୍ନ ଫାଇନାନ୍ସ କମ୍ପାନୀ ସହଜ କିସ୍ତିର ସହଯୋଗ ଦେଇ ଆସୁଛନ୍ତି ।

# ଦି ଗୋଲ୍ଡେ଼ନ ଦିଲ୍ଲୀ ଡାଏରୀର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ବିଚ୍ଛିନ୍ନାଞ୍ଚଳରେ ଜନ୍ମିତ ବାରିପଦା ନିବାସୀ ବରିଷ୍ଠ ଆଇନଜୀବୀ ତଥା ଷଢେଇକଳାରେ ଛାତ୍ର ଆନ୍ଦୋଳନ ସମୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ୯୪ ବର୍ଷୀୟ ବୟସ୍କ ସୁମନ୍ତ ନାଥ ଜ୍ୟୋତିଷୀଙ୍କ ଆତ୍ମଜୀବନୀମୂଳକ 'ଦି ଗୋଲ୍ଡେନ ଦିଲ୍ଲୀ ଡାଏରୀ'ର ଦ୍ୱିତୀୟ ସଂସ୍କରଣ ଅନୁଗୁଳର ଅମଲାପଡ଼ା ଠାରେ ଏକ ସୁସ୍ଥ ପରିବେଶ ମଧ୍ୟରେ ଉନ୍ମୋଚିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଡଃ ସତ୍ୟବ୍ରତ ମିଶ୍ର ଶ୍ରୀ ଜ୍ୟୋତିଷୀଙ୍କର ସଂଘର୍ଷମୟ ସାମାଜିକ ଜୀବନର ଅବତାରଣା କରିଥିଲେ। ଏହି ପୁସ୍ତକର ସମ୍ପାଦନା ଓ ମୁଦ୍ରଣ ପାଇଁ ଜୟଲକ୍ଷ୍ମୀ ତ୍ରିପାଠୀ ଶ୍ରୀ ମିଶ୍ରଙ୍କ ଏପରି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ।

ଏହି ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅନ୍ତର୍ଦ୍ଧାନ ହେବା, ବ୍ରିଟିଶ ଓ ଆମ ଦେଶ ଭାରତର କିଛି ନେତାଙ୍କ ରଚିତ ହତ୍ୟା ଷଡ଼ଯନ୍ତ୍ର ହୋଇଛି ବୋଲି ଲେଖକ ମତପ୍ରକାଶ କରିଥିଲେ । ଓଡ଼ିଶାର ଡଃ ହରେକୃଷ୍ଣ ମହତାବ, ତାଙ୍କ ବିହାର ବନ୍ଧୁ ଶ୍ରୀକୃଷ୍ଣ ସିହ୍ନା, ଡଃ ରାଜେନ୍ଦ୍ର ପ୍ରସାଦଙ୍କ ଯୋଗୁ ଲେଖକଙ୍କ ଜନ୍ମସ୍ଥାନ ଷଢେଇକଳା, ଖରସୁଆଁ ଓ ସିଂହଭୂମି ଅଞ୍ଚଳ ଓଡ଼ିଶାରେ



ମିଶିପାରିଲା ନାହିଁ ବୋଲି କ୍ଷୋଭ ପ୍ରକାଶ କରିବା ସହିତ ସ୍ଥାନୀୟ ଓଡ଼ିଆ ନିବାସୀ ଭଲରେ ଅଛନ୍ତି ବୋଲି କହିଥିଲେ । ଏପରି ପ୍ରଚଳିତ ବ୍ୟବସ୍ଥା ଯୋଗୁଁ ଘୋର ଅସନ୍ତୋଷ ପ୍ରକାଶ କରି ଲେଖକ ଜ୍ୟୋତିଷୀ ସାଧାରଣ ନିର୍ବାଚନରେ ଭାଗ ନେଇନାହାଁନ୍ତି କି ଭୋଟ ଖଣ୍ଡିଏ ଦେଇ ନାହାଁନ୍ତି । ଅନ୍ୟ ଏକ ଅନାଲୋଚିତ ଦିଗ ଉପରେ ଦୃଷ୍ଟି ଆକର୍ଷଣ କରି କୃପା ପାର୍ଟି ସଦସ୍ୟ ରାଜେନ୍ଦ୍ର ନାରାୟଣ ଆଚାର୍ଯ୍ୟ ଜଣାଇଥିଲେ ଯେ, ଏହି ପୁସ୍ତକର ଦ୍ୱିତୀୟ ଭାଗ ଏକ ସୁଦୀର୍ଘ ଖୋଲା ଚିଠି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲେଖା ଯାଇଥିବା ଏହି ମୁଚ୍ଛ ପତ୍ରରେ ଭାରତର ରାଷ୍ଟ୍ରୀୟ ଗ୍ରନ୍ଥ ରୂପେ 'ଚରମ' ସାହିତ୍ୟକୁ କେନ୍ଦ୍ର ସରକାର ଆଇନଗତ ମାନ୍ୟତା ଦେବା ପାଇଁ ପ୍ରୟାସ କରିବା ଆବଶ୍ୟକ । ଏହି ମର୍ମରେ ଶ୍ରୀ ଜ୍ୟୋତିଷୀଙ୍କର ଏକ ପ୍ରସ୍ତାବ ରହିଛି ବୋଲି ଶ୍ରୀ ଆଚାର୍ଯ୍ୟ ଉଲ୍ଲେଖ କରିଥିଲେ। ଶ୍ରୀ ଜ୍ୟୋତିଷୀଙ୍କ ଧର୍ମପତ୍ନୀ ସବିତାଙ୍କ ସ୍ମୃତିରେ ଉତ୍ସବରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ଡାକ୍ତରଖାନା ଆଗରୁ ଜବର ଉଚ୍ଛେଦ

ବାଙ୍କୀ ,(ସବ୍ୟୁ) : ଶୁକ୍ରବାର ବାଙ୍କୀ ତହସିଲ ଅନ୍ତର୍ଗତ ବନ୍ଦାଳ ଗ୍ରାମ ପଞ୍ଚାୟତରେ ଥିବା ସରକାରୀ ଆୟୁର୍ବେଦିକ ଡାକ୍ତରଖାନା ଖୋଲାଯାଇଥିଲା ଆଗରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ମେଡିକାଲ୍ ପରିସର ମଧ୍ୟରେ ସ୍ଥାନୀୟ କେତେକ ଲୋକେ ଜବର ଦଖଲ ଭାବେ ଦୋକାନ ଗୃହ ଓ ଗୃହ ନିର୍ମାଣ କରି ଆସୁଥିଲେ । ମେଡିକାଲ ପକ୍ଷରୁ ଉକ୍ତ ଜବର ଦଖଲ କାରୀମାନଙ୍କୁ ଉଚ୍ଛେଦ କରିବା ପାଇଁ ବାରମ୍ବାର ନୋଟିସ କରା ଯାଉ ଥିବାବେଳେ ସେମାନେ କର୍ଣ୍ଣପାତ କରି ନଥିଲେ । ଜବର ଦାଖଲ କୁ ନେଇ ଉପରିସ୍ଥ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇଥିଲେ ବନ୍ଦାଳ ଡ଼ାକ୍ତର ମହେଶ୍ୱତା ବିଶ୍ୱାଳ । ମେଡିକାଲ ପରିସରରେ ଥିବା ସରକାରୀ ଜମି ରେ ଜବର ଦଖଲ କରିଥିବା ଜବରଦାଖଲ କାରୀଙ୍କୁ ଉଚ୍ଛେଦ କରିବା ପାଇଁ ଜିଲ୍ଲା ଅଧିକାରୀ ଡ଼ାକ୍ତର ନିଶାକର ପଟ୍ଟନାୟକ ବାଙ୍କୀ ତହସିଲଦାର ଙ୍କୁ ପତ୍ର ମଧ୍ୟମ ରେ ଜଣାଇ ଥିଲେ। ତାପରେ ସରକାରୀ ଜମି ର ମାପଚୁପ ପାଇଁ ପ୍ରସ୍ତୁତି କରାଯାଇ ଡାକ୍ତରଖାନାର ଜମିର ରେକର୍ଡ ଅନୁଯାୟୀ ମାପଚୁପ କରାଯାଇ ଜବର ଦଖଲ କାରୀ ମାନଙ୍କୁ ନୋଟିସ ଜାରି କରାଯାଇଥିଲା। ନୋଟିସ ଜାରି ର ଅବଧି ପରେ ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, ସହକାରୀ ଜିଲାପାଳ ପ୍ରିୟଙ୍କା ଜୁଝାର ସିଂ , ସରଣ୍ଡା ରାଜସ୍ୱ ନୀରିକ୍ଷକ ପାର୍ଥ ସାରଥି ବେହେରା , ରଡାଗଡ଼ ଆର୍ ଆଇ ଗୋପୀ ନାଥ ରାଉତରାୟ , ସୁବର୍ଣ୍ଣପୁର ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ମାହାଳି ଘଟଣା ସ୍ଥଳରେ ପହଞ୍ଚି ଜବର ଦଖଲ ଉଚ୍ଛେଦ କରିଥିଲେ ।

# ଡୁନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଗ୍ରୀଷ୍ମକାଳୀନ ଶିବିର



ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ଡୁନ୍ ଇନ୍ଟରନ୍ୟାସନାଲ୍ ସ୍କୁଲ ପରିସରରେ ଗ୍ରୀଷ୍ମକାଳୀନ ଶିବିରର ଉଦ୍ଘାଟନ ଅନୁଷ୍ଠିତ ହୋଇଯାଉଛି । ଏହି ଶିବିରରେ ପୂର୍ବତନ ଓର୍ବି/ ଓସିଡବ୍ଲୁଡବ୍ଲୁ ତଥା ଓଟିଡିସି ଅଧ୍ୟକ୍ଷା ଶ୍ରୀମଯୀ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ଗ୍ରୀଷ୍ମ କାଳୀନ ଶିବିର ଛାତ୍ରଛାତ୍ରୀମାନଙ୍କ ମନରେ ଆନନ୍ଦ ପୋଷଣ କରିବା ସହିତ କଳା, ସଂସ୍କୃତି, ସୃଜନାତ୍ମକ ବିକାଶ ଦିଗରେ ପରିବେଶ ସୃଷ୍ଟି କରିଥାଏ ବୋଲି ମୁଖ୍ୟଅତିଥି ଶ୍ରୀମତୀ ମିଶ୍ର ବକ୍ତବ୍ୟରେ ପ୍ରକାଶ କରିଥିଲେ। ସୁସ୍ଥ, ସବୁଜ ପରିବେଶ ସୃଷ୍ଟି ଓ ସଚେତନତା ଲକ୍ଷ୍ୟ ନେଇ ଛାତ୍ରଛାତ୍ରୀମାନଙ୍କ ସହିତ ବିଦ୍ୟାଳୟର ପରିସରରେ ବିଭିନ୍ନ ଔଷଧୀୟ ବୃକ୍ଷ ରୋପଣ କରିଥିଲେ। ୭ ଦିନ ଧରି ଆୟୋଜିତ ଏହି ଗ୍ରୀଷ୍ମକାଳୀନ ଶିବିରରେ ଛାତ୍ରଛାତ୍ରୀମାନଙ୍କୁ ସୃଜନାତ୍ମକ କଳା, ମନୋରଞ୍ଜନ ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆନନ୍ଦମୟ ପରିବେଶ ସୃଷ୍ଟି କରିବା ନିମନ୍ତେ ଯୋଜନା ରହିଛି । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟା ଅନନ୍ୟା ରାଉତରାୟ, ଅଧ୍ୟକ୍ଷ ଅରୁଣ କୁମାର ପତି ଓ ପ୍ରତାପ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।

# ନର୍ସମାନେ ଆଗ ଧାଡ଼ିର ସୈନିକ : ସୋଆ ଉପସଭାପତି

ଭୁବନେଶ୍ୱର, (ସବ୍ୟୁ): କୋଭିଡ ମହାମାରୀ ବିରୁଦ୍ଧରେ ହେଉ ଅଥବା ହସ୍ପିଟାଲରେ ରୋଗୀ ସେବା-ଏହି କାର୍ଯ୍ୟକୁ ଅକୁଣ୍ଠ ଚିତରେ ସମର୍ପଣ ଭାବ ରଖି ନର୍ସମାନେ ଆଗ ଧାଡ଼ିର ସୈନିକ ଭଳି କାର୍ଯ୍ୟ କରିଥାନ୍ତି । ସବୁ ପରିସ୍ଥିତିରେ ନର୍ସମାନେ ନିଜ ସୁଖସ୍ୱାଛନ୍ଦ୍ୟକୁ ଜଳାଳି ଦେଇ କାର୍ଯ୍ୟ କରି ଆସିଛନ୍ତି ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ।

ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଶୁକ୍ରବାର ଆୟୋଜିତ ଆନ୍ତର୍ଜାତିକ ସେବିକା ସପ୍ତାହ-୨୦୨୫ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଛନ୍ତି ଯେ ସମ୍ ହସ୍ପିଟାଲ ତରଫରୁ ଗ୍ରାମାଂଚଳରେ ଆୟୋଜିତ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ମେଳାଗୁଡ଼ିକରେ ନର୍ସମାନଙ୍କର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ । ଫ୍ଲୋରେନ୍ସ ନାଇଟିଙ୍ଗଲ୍ଙ୍କର ମହାନ ସେବା କାର୍ଯ୍ୟକୁ ସ୍ମରଣ କରିବା ନିମନ୍ତେ ତାଙ୍କ ଜନ୍ମ ଦିନକୁ ସାରା ବିଶ୍ୱରେ ଆନ୍ତର୍ଜାତିକ ସେବିକା ଦିବସ ଭାବେ ପାଳନ କରାଯାଉଥିବା ବେଳେ ସମ୍ ହସ୍ପିଟାଲ୍ ପକ୍ଷରୁ ଏକ ସପ୍ତାହବ୍ୟାପୀ ଏହି ଉତ୍ସବ ପାଳନ କରାଯାଇଛି। ସେବିକାମାନଙ୍କୁ ସମାଜରେ ସେମାନଙ୍କ ଅବଦାନ ପାଇଁ ସମ୍ମାନ ଜଣାଇବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀମତି ଦାସ କହିଛନ୍ତି । ଏହି ଅବସରରେ କଟକ ଭାବେ ଯୋଗ ଦେଇ ନର୍ସମାନଙ୍କୁ ସମ୍ ହସ୍ପିଟାଲର ମେରୁଦଣ୍ଡ ବୋଲି କହିବା ସହ ସୀମାରେ ସୈନିକମାନେ ଦେଶକୁ ଜଗିବା ଭଳି ରୋଗୀମାନଙ୍କ ଜୀବନ ରକ୍ଷା ନିମନ୍ତେ ନର୍ସମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଏହି ଅବସରରେ ନର୍ସମାନେ ଫ୍ଲୋରେନ୍ସ



ସ୍ଥିତ ଏସ୍ସିବି ନର୍ସିଂ କଲେଜର ଅଧ୍ୟକ୍ଷା ଡକ୍ଟର ମମତା ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସେବିକାମାନେ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ।

ଏହି ଅବସରରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ର ଡିନ୍ ଇନ୍ଚାର୍ଜ ପ୍ରଫେସର (ଡାକ୍ତର) ସୌମ୍ୟରଞ୍ଜନ ଦାଶ ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ନାଇଟିଙ୍ଗଲ୍ଙ୍କ ଶପଥ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମିନତୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଡିସ୍ନାଲ୍ ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ଶୋଭାମରୀ ସାମଲ ନିଜର ବକ୍ତବ୍ୟ ରଖିଥିଲେ । ଡେପୁଟି ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି କାବେରୀ ରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହ୍ୱାଟ୍ସଆପ୍ରେ ଆପତ୍ତିଜନକ ମେସେଜ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ହ୍ୱାଟ୍ସଆପ୍ରେ ଆପତ୍ତିଜନକ ମେସେଜ କରି ଜଣେ ମହିଳାଙ୍କୁ ହଇରାଣ ହରକତ କରୁଥିବା ଅଭିଯୁକ୍ତ ଶିବସୁନ୍ଦର ମଲ୍ଲିକ(୨୨)କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ସେ ପଠାଇଥିବା ଆପତ୍ତିଜନକ ମେସେଜର ସ୍କ୍ରିନ୍ସଟ୍ ପୋଲିସ ଜବତ କରିଛି ।

ଅଭିଯୋଗକାରିଣୀଙ୍କ ମୋବାଇଲ ନମ୍ବର ନେଇ ଅଭିଯୁକ୍ତ ହ୍ୱାଟ୍ସଆପ୍ରେ ମେସେଜ କରିବା ସହ କଲ କରି ତାଙ୍କୁ ଓ ତାଙ୍କ ପରିବାରକୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲା । ଅଭିଯୁକ୍ତ ଅତ୍ୟଧିକ ଉତ୍ପାତ ହୋଇ ମହିଳାଙ୍କୁ ପିଛା କରିବା ସହ ଆକ୍ରମଣ କରି ଅପମାନିତ କରିବାରୁ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତାଙ୍କ ଏତଲାକୁ ଭିତ୍ତିକରି ଅଭିଯୁକ୍ତ ଶିବକୁ ଗିରଫ କରିବା ପରେ ଶୁକ୍ରବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଯାଇଛି ।

### କିଟ୍ରେ ୧୬ ତମ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦଘାଟିତ

# ୪୨ଟି ଦେଶର ୧୨୦୦ ଖେଳାଳିଙ୍କ ଯୋଗଦାନ

ଭୁବନେଶ୍ୱର, (ସବ୍ୟୁ): ସର୍ବ ଭାରତୀୟ ଚେସ୍ ଫେଡେରେସନ (ଏଆଇସିଏଫ) ତତ୍ତ୍ୱାବଧାନରେ କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ୧୬ତମ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ୨୦୨୫ ଶୁକ୍ରବାର ଉଦ୍ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଭାରତୀୟ ଟେନିସ୍ ତାରକା, ଅଲିମ୍ପିଆନ୍ ଏବଂ ମେଜର ଧ୍ୟାନ ଚାନ୍ଦ ଖେଳ ରତ୍ନ ପୁରସ୍କାର ବିଜେତା ଲିଆଣ୍ଡର ପେସ୍ କହିଲେ, ଶିକ୍ଷା ଏବଂ କ୍ରୀଡ଼ା ଶିକ୍ଷା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୃଷ୍ଟିକୋଣ ଅନନ୍ୟ । କିଟ୍ ଓ କିସ୍ର କ୍ରୀଡ଼ା ଭିତ୍ତିଭୂମି ଏବଂ ତାଲିମ ଅତି ଉତ୍କୃଷ୍ଟ । ଭାରତରେ କ୍ରୀଡ଼ା କ୍ଷେତ୍ରରେ ଅଚ୍ୟୁତ ସାମନ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । କ୍ରୀଡ଼ାରେ କିଟ୍ ଓ କିସ୍କୁ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଗଢ଼ି ତୋଳିବା ପାଇଁ ସେ ଶ୍ରୀ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ପରିପ୍ରେକ୍ଷୀରେ କିଟ୍ ଓ କିସ୍ ର କ୍ରୀଡ଼ାକୁ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେବା ତାଙ୍କର ଦାୟିତ୍ୱ ବୋଲି ଲିଆଣ୍ଡର ପ୍ରତିଶ୍ରୁତି ଦେଇଥିଲେ ।



ଅନ୍ୟତମ ଅତିଥି ମହାରାଷ୍ଟ୍ରର ପୁନେସ୍ଥିତ ଚେସ୍ ଇନ୍ ସ୍କୁଲ (ଫିଡେ)ର କମିଶନର ତଥା ଜିଏମ ଅଭିଜିତ କୁନ୍ତେ, ଶ୍ରୀ ସାମନ୍ତଙ୍କୁ ତାଙ୍କର ଦୃଷ୍ଟିକୋଣ ପାଇଁ ଧନ୍ୟବାଦ ଜଣାଇଥିଲେ । ସେ କହିଲେ ଭାରତର ପୂର୍ବ ଭାଗରେ ଏକ ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟର ଆବଶ୍ୟକତା ରହିବ ବୋଲି ୧୬ ବର୍ଷ ପୂର୍ବେ, ଅଚ୍ୟୁତ ସାମନ୍ତ ଚିନ୍ତା କରିପାରିଥିଲେ । ଏଭଳି ଅନ୍ତର୍ଜାତୀୟ ଚେସ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ଏକ ସହଜ କାମ ନୁହେଁ । ମାତ୍ର ଦୀର୍ଘ ୧୫ ବର୍ଷ ଧରି ନିରନ୍ତର ଏହି ଟୁର୍ଣ୍ଣାମେଣ୍ଟ କିଟ୍ରେ ଆୟୋଜନ କରାଯାଇଆସୁଥିବାରୁ ଶ୍ରୀ ସାମନ୍ତଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ । ଏହି ଅବସରରେ ଏଆଇସିଏଫର ପୂର୍ବତନ ଉପାଧ୍ୟକ୍ଷ ଭବେଶ ଭାଇ ପଟେଲ କହିଲେ, ଏଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଅଧିକ ପାଣ୍ଠି, ବିପୁଳ ଭିତ୍ତିଭୂମି ସହ ଆୟୋଜକଙ୍କ ଏକ ବିଶାଳ ହୃଦୟ ରହିବା ଆବଶ୍ୟକ । ଅଚ୍ୟୁତ ସାମନ୍ତଙ୍କଠାରେ ସେଭଳି ସାହସ ଓ ଇଚ୍ଛା ଶକ୍ତି ରହିଥିବା ସେ ପ୍ରକାଶ କରିଥିଲେ । ଏପରି ଟୁର୍ଣ୍ଣାମେଣ୍ଟ ଆୟୋଜନ କେବଳ ଓଡ଼ିଶାର ନୁହେଁ ଭାରତର ମଧ୍ୟ ଗର୍ବ ବୋଲି ସେ କହିଥିଲେ ।

ସଭାପତିତ୍ୱ ଭାଷଣରେ ଶ୍ରୀ ସାମନ୍ତ କହିଲେ, ଚେସରେ ଓଡ଼ିଶାକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ପାଇଁ କିଟ୍ ଓ କିସ୍ର ଉଲ୍ଲେଖନୀୟ ଅବଦାନ ରହିଛି । କିଟ୍ ଓ କିସ୍ ସର୍ବଦା କ୍ରୀଡ଼ା ଏବଂ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିଆସୁଛି । କିଟ୍ ଓ କିସ୍ ଭାରତର ଏକମାତ୍ର ଅନୁଷ୍ଠାନ ଯେଉଁଠି ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସହ ସର୍ବୋତ୍ତମ ତାଲିମ ସୁବିଧା ରହିଛି । ଆଗାମୀ ବର୍ଷରେ ଏହାର କ୍ରୀଡ଼ା ଭିତ୍ତିଭୂମିକୁ ଦ୍ୱିଗୁଣିତ କରାଯିବ ବୋଲି ଶ୍ରୀ ସାମନ୍ତ କହିଥିଲେ । ୧୬ତମ କିଟ୍ ଆନ୍ତର୍ଜାତୀୟ ଚେସ୍ ମହୋତ୍ସବରେ ଭାରତ ସମେତ ୪୨ଟି ଦେଶର ଅନ୍ତର୍ଜାତୀୟ ଆର୍ବିଟର, ଅନ୍ତର୍ଜାତୀୟ ମାଷ୍ଟର ଏବଂ ଗ୍ରାଣ୍ଡମାଷ୍ଟର ସମେତ ୧୨ଶହ ଖେଳାଳି ଅଂଶଗ୍ରହଣ କରିଛନ୍ତି । ମୋଟ ପୁରସ୍କାର ରାଶି ରହିଛି ୬୦ ଲକ୍ଷ । ମୋଟ ୪୩୬ଟି ପୁରସ୍କାର ତିନୋଟି ବର୍ଗରେ ବଣ୍ଟନ କରାଯିବ । 'ଏ' ବର୍ଗରେ ମୋଟ ୩୦ଲକ୍ଷ ଟଙ୍କା,୧୯୦୦ରୁ କମ୍ ରେଟେଡ୍ ଥିବା 'ବି' ବର୍ଗ ପାଇଁ ୧୫ଲକ୍ଷ ଏବଂ ୧୭୦୦ରୁ କମ୍ ରେଟେଡ୍ ଥିବା 'ସି' ବର୍ଗର ଖେଳାଳିଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି । କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତଥା ଆଇଏମ୍ ଶେଖର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଆଇସିଏଫ୍ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶା ଚେସ୍ ଆସୋସିଏସନର ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଏଆଇ କ୍ୟାମେରା ଦ୍ୱାରା ଶିମିଳିପାଳରୁ ପୁଣି ୩ ଶିକାରୀ ଗିରଫ



ବାରିପଦା, (ସବ୍ୟୁ) : ଶିମିଳିପାଳ ଅଭୟାରଣ୍ୟରେ ଶିକାର କରିବାକୁ ଯାଇଥିବା ସମୟରେ ଏ.ଆଇ କ୍ୟାମେରା ଦ୍ୱାରା ଚିହ୍ନଟ ହୋଇ ତିନିଜଣ ଶିକାରୀଙ୍କୁ ଗିରଫ କରାଯାଇଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଲୁହା ଗ୍ରାମର ଲାଛୁ ମୁର୍ମୁ (୪୮), ମଧୁସୂଦନ ମୁର୍ମୁ (୩୮) ଓ ଘସିରାମ ଟୁଡୁ (୩୫) । ଏହି ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ତିନିଟି ସିଙ୍ଗଲ୍ ବ୍ୟାରେଲ୍ ବନ୍ଧୁକ ଏବଂ ୧୭ଟି ଗୁଳି (୫ଟି ଜୀବନ୍ତ) ଜବତ କରାଯାଇଛି। ଏହି ଅଭିଯୁକ୍ତମାନେ ଅଭ୍ୟାସଗତ ଅପରାଧୀ ଏବଂ ଆଧୁନିକ ଅସ୍ତ୍ର ବ୍ୟବହାର କରୁଥିବାବେଳେ ଶିମିଳିପାଳରେ ଏ.ଆଇ ସୁରକ୍ଷା ପ୍ରଣାଳୀ ଫଳପ୍ରଦ ହୋଇଥିବା ପ୍ରମାଣିତ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବା ପରେ କୋର୍ଟଚାଲାଣ କରାଯାଇଥିଲା । ସେମାନଙ୍କ ଜାମିନ୍ ନାମଞ୍ଜୁର ହେବାପରେ ଜେଲକୁ ପଠାଇ ଦିଆଯାଇଛି ।

# ବାପାଙ୍କୁ ହତ୍ୟା ସହ ଦିବ୍ୟାଙ୍ଗ ଝିଅକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

ଆସିକା, (ସବ୍ୟୁ): ସ୍ଥାନୀୟ ଏନ୍ଏସି କୋଲନୀ ରାସ୍ତାରେ ଗତ ୨୦୨୪ ମସିହା ଜୁଲାଇ ୧୩ ତାରିଖ ଅପରାହ୍ନ ସମୟରେ ଉଦୟନାଥ ମୁନୀ(୬୦)ଙ୍କୁ ନୃଶଂସ ହତ୍ୟା କରିବା ସହ ତାଙ୍କ ଦିବ୍ୟାଙ୍ଗ ଝିଅକୁ ଦୁଷ୍କର୍ମ ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଏହି ସମ୍ବେଦନଶିଳ ମାମଲାର ବିଚାର କରି ଆସିକା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ଅଭିଯୁକ୍ତ ମୁକେଶ ଆନନ୍ଦକୁ କୋଡ଼ିଏ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ହତ୍ୟାର ଶିକାର ଉଦୟମୁନି ଜଣେ ଦିବ୍ୟାଙ୍ଗ ଓ ନିଜ ପରିବାର ସ୍ତ୍ରୀ ମମତା, ପୁଅ ଓ ଝିଅ ସହ ଏନ୍ଏସି କୋଲନୀ ରାସ୍ତାରେ ରହୁଥିଲେ। ଘଟଣା ଦିନ ଅପରାହ୍ନ ପ୍ରାୟ ୩/୪ଟା ସମୟରେ ଉଦୟଙ୍କ ପଡୋଶୀ ଘରେ ଶ୍ରମିକ ଭାବେ କାମ କରୁଥିବା ଯୁବକ ମୁକେଶ ଆନନ୍ଦ ଦାଣ୍ଡ ବାରଣ୍ଡାରେ ବସିଥିବା ଉଦୟଙ୍କ ମୁଣ୍ଡକୁ ଇଟା/ ପଥରରେ ଆକ୍ରମଣ କରି ଅଚେତ କରି ଘର ଭିତରେ ପ୍ରବେଶ କରିଥିଲା । ଘର ବାରିପଟେ ଥିବା ସ୍ତ୍ରୀ ମମତା ସହ ପୁଅକୁ ମଧ ଆକ୍ରମଣ କରିଥିଲା। ପୁଅକୁ ଧରି ମମତା ଦାଣ୍ଡ ବାରଣ୍ଡାରେ ବସିଥିବା ସ୍ୱାମୀ ଉଦୟଙ୍କ ନିକଟକୁ ଦୌଡି ଯାଇଥିଲେ ମଧ ଉଦୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଚେତ ହୋଇ ପଡିଥିବା ଦେଖିଥିଲେ । କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିଲା । ପରିବାରର ସମସ୍ତ ସଦସ୍ୟ ବାହାର ବାରଣ୍ଡା ରେ ଥିବାବେଳେ ମୁକେଶ ଘର ଭିତରକୁ ଯାଇ କବାଟ ବନ୍ଦ କରି ଦେଇଥିଲା। ଆତତାୟୀ ଯୁବକ ଘରେ ଥିବା ଦିବ୍ୟାଙ୍ଗ ଯୁବତୀକୁ ମଧ୍ୟ ଟଣା ଓଟରା କରି ଦୁଷ୍କର୍ମ ଉଦ୍ୟମ କରିଥିବା ମା ମମତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏଥିନେଇ ହତ୍ୟା ଓ ଦୁଷ୍କର୍ମ ମାମଲା ଥାନା କେଶ ନଂ ୪୭୫/୨୪ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମସ୍ତ ୨୨ ଜଣଙ୍କ ସମେତ ତଦନ୍ତକାରୀ ଅଧିକାରୀ ଅମ୍ବିକା ବେଣିଆଙ୍କ ସାକ୍ଷକୁ ଭିତ୍ତି କରି ଅଦାଲତ ଏହି ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଏହି ମାମଲା ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପିଜି ସୂର୍ଯ୍ୟ ପ୍ରକାଶ ରାଓ ପରିଚାଳନା କରୁଥିଲେ ।

## ଆତଙ୍କୀ ନିପାତ ଅଭିଯାନ

# ଡ୍ରିମ୍ସରେ ସେନାର ଶକ୍ତି ବୃଦ୍ଧି ପାଇଁ ସମୂହ ପ୍ରାର୍ଥନା




କଟକ, (ସ୍ୱପ୍ର): ପହଲଗାଁଓରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଅପରେସନ୍ ସିନ୍ଦୂରର ସଫଳତା ଏବଂ ଆତଙ୍କବାଦର ମୂଳୋତ୍ପାଟନ ନିମନ୍ତେ ଭାରତୀୟ ସେନାର ଶକ୍ତି ଓ ସାମର୍ଥ୍ୟ ବୃଦ୍ଧି ପାଇଁ ସମୂହ ପ୍ରାର୍ଥନା କରାଯାଇଛି । ଏହି ଉପଲକ୍ଷେ ଗୁରୁବାର ସନ୍ଧ୍ୟାରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଶ୍ରୀଶ୍ରୀ ସଂକଟମୋଚନ ହନୁମାନଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ସମୂହ ଦୀପଦାନ କରାଯାଇଥିଲା। ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ଡେପୁଟୀ ରେଜିଷ୍ଟ୍ରାର ଇଂ ଶିଶିର କୁମାର ସାହୁ, ନିର୍ଦ୍ଦେଶକ (ଛାତ୍ରକଲ୍ୟାଣ) ପ୍ରାଧ୍ୟାପକ ଲୋକନାଥ ବେହେରା, ଡ. ଆଲୋକ ରଂଜନ ବିଶ୍ୱାଳ, ଡ. ବିଶ୍ୱରଂଜନ ମହାନ୍ତି, ଡ. ଦୟାନନ୍ଦ ଷଡଙ୍ଗୀ, ଏନ୍ ପ୍ରେମଲତା ଦେବୀ, ଡ. ତପସ୍ୱିନୀ ସାହୁ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର, ସଚିବ ସୁଧାଂଶୁଭୂଷଣ କର, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ଡ. ଅଜିତ୍ ମହାପାତ୍ର, ପ୍ରସନ୍ନ କୁମାର ସାହୁ, ମୃତ୍ୟୁଞ୍ଜୟ ପରିଡା, ବିଶ୍ୱଜିତ୍ ଦାଶ, ଅଜିତ୍ କୁମାର ମିଶ୍ର, ପଣ୍ଡିତ ତପନ କୁମାର ଦାଶଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଓ କର୍ମଚାରୀ ଯୋଗଦେଇ ଆତଙ୍କୀ ନିପାତ ଅଭିଯାନରେ ଭାରତ ସରକାରଙ୍କ ଦୃଢ କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିବା ସହ ଭାରତୀୟ ସେନାକୁ ଧନ୍ୟବାଦ ଜଣାଇଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ୧୩ରେ ହେବ କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ପେନସନ୍ ଅଦାଲତ

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ପେନସନ୍ ଅଦାଲତ ଚଳିତ ମାସ ୧୩ ତାରିଖ ସକାଳ ୮ ଟାରେ ଫୁଲବାଣୀ ପଞ୍ଚାୟତ ଭବନର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ଅଦାଲତରେ ଦୀର୍ଘ ଦିନ ଧରି ବିଚାରଧୀନ ଥିବା ପେନସନ୍ ମାମଲା, ଭାଗ-୨ ଗ୍ରାଚ୍ୟୁଇଟି ମାମଲା, ଜିପିଏଫ୍ ମାମଲା, ମିସିଙ୍ଗ୍ କ୍ରେଡିଟ୍ ମାମଲା ଏବଂ ଏହି ଦୁଇ ଜିଲ୍ଲା ସହିତ ଜଡିତ ବିଭିନ୍ନ ମାମଲା ଗୁଡ଼ିକର ସମାଧାନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଏଥିରେ ଓଡ଼ିଶା ସରକାରଙ୍କର ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ଏବଂ ଏକ୍ସ-ଅଫିସିଓ ସ୍ୱତନ୍ତ୍ର ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ପ୍ରିନ୍ସପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ (ଏଆଣ୍ଡଇ), ଓଡ଼ିଶାଙ୍କ ସମେତ ହିସାବ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର ଓ ପେନସନ୍ ଭୋଗୀମାନେ ଯୋଗଦେବେ । ସଂପୃକ୍ତ ପେନସନ୍‌ଧାରୀ ଯେଉଁ ମାନଙ୍କର ତା.୩୧.୦୩.୨୦୨୫ରିଖ ସୁଧା ଅବସର ପ୍ରାପ୍ୟ ସହ ଚୁଡାନ୍ତ ପେନସନ୍ ମଞ୍ଜୁର ହୋଇନାହିଁ ସେମାନଙ୍କୁ ଏହି ପେନସନ୍ ଅଦାଲତରେ ଯୋଗଦେବାକୁ ଅବଗତ କରିବା ପାଇଁ ସଂପୃକ୍ତ ଦୁଇ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଓଡ଼ିଶା ସରକାରଙ୍କର ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ନିର୍ଦ୍ଦେଶକ, ଜନ ଅଭିଯୋଗ ଏବଂ ପଦସ୍ଥ ସ୍ୱତନ୍ତ୍ର ସଚିବଙ୍କ ତରଫରୁ ଅନୁରୋଧ କରାଯାଇଛି ।

# ୫୩ ନଂ ୱାର୍ଡରେ ପିଇବା ପାଣି ସମସ୍ୟା ଦୂର ହେଲା

କଟକ, (ସ୍ୱପ୍ର): ସହରବାସୀଙ୍କୁ ୨୪ ଘଣ୍ଟିଆ ପିଇବା ପାଣି ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ଯୋଜନା କରାଯାଇଥିଲେ ମଧ ତାହା ଫେଲ୍ ମାରିଥିବା ଦେଖିବାକୁ ମଳିଛି । ଏହା କୌଣସି ଉପାନ୍ତ ଅଞ୍ଚଳର ଦୃଶ୍ୟ ନୁହେଁ ଖୋଦ କଟକ ସିଏମସି ଅନ୍ତର୍ଗତ ୫୩ନଂ ୱାର୍ଡ ଦରଖାପାଟଣା ସ୍ଥିତ ପୃଷ୍ଟି ବଗିଚା ଓ ନଡିଆବାରି ଅଞ୍ଚଳରେ ଦେଖିବାକୁ ମିଳିଛି । ଏହି ଅଞ୍ଚଳରେ ତିନି ଶହରୁ ଊର୍ଦ୍ଧ୍ୱ ପରିବାର ୱାଟ୍‌କୋ ପାଣି ଉପରେ ନିର୍ଭରଶୀଳ ଥିବାବେଳେ ଦୀର୍ଘ ଦେଢ଼ ମାସ ଧରି ଏଠାରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି । ସାଧାରଣଲୋକଙ୍କୁ ଠାରୁ ଆରମ୍ଭ କରି ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା ଏହି ସମସ୍ୟାକୁ ନେଇ ୱାଟ୍‌କୋର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା । ଗୁରୁବାର ୱାଟ୍‌କୋର କନିଷ୍ଠ ଯନ୍ତ୍ରୀ ଶ୍ୟାମଶୁନ୍ଦର ଟୁଡୁ ଘଟଣା ସ୍ଥଳକୁ ଆସିଥିବା ବେଳେ ୱାର୍ଡବାସୀନ୍ଦାମାନେ ତାଙ୍କୁ ଅଟକ ରଖିଥିଲେ। କର୍ପୋରେଟର ଅରବିନ୍ଦ ଜେନା, ବ୍ୟୋମକେଶ୍ କାନୁନଗୋ ଘଟଣା ସ୍ଥଳରେ ପହଂଚି ୱାର୍ଡବାସୀଙ୍କ ପାଣି ସମସ୍ୟାର ସମାଧାନ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ଶ୍ରୀ ଟୁଡୁଙ୍କୁ କହିବା ସହ ଯଦି ଏହାର ସମାଧାନ ନହୁଏ ତାହାଲେ ସେମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଯନ୍ତ୍ରୀ ଶ୍ରୀ ଟୁଡୁ କାଳବିଳମ୍ୱ ନକରି କର୍ମଚାରୀଙ୍କ ସହାୟତାରେ ନାରାୟଣୀ ସ୍କୁଲ ପାଖରେ ରହିଥିବା ଜଙ୍କସନ ପଏଣ୍ଟରେ ତଦାରକ କରି ପାଣି ଆସିବାରେ ଅସୁବିଧା ହେଉଥିବା ଜାଣି ପାରିଥିଲେ । ପରେ ସନ୍ଧ୍ୟା ସମୟରେ ଏୟାର ଭାଲବରେ ଥିବା ସମସ୍ୟାର ସମାଧାନ ହେବା ଫଳରେ ପାଣି ଆସିବା ସ୍ୱାଭାବିକ୍ ହୋଇଥିଲା । ଫଳରେ ଦୀର୍ଘ ଦିନ ଧରି ଥିବା ପାଣି ସମସ୍ୟା ଦୁର ହୋଇଛି । ଏନେଇ ୱାର୍ଡବାସୀ କର୍ପୋରେଟରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

# ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ପାଟ୍ରୋଲିଂ କଡାକଡ଼ି

ଛତ୍ରପୁର, (ସବ୍ୟୁ): ଯୁଦ୍ଧକୁ ନେଇ ଗଞ୍ଜାମ ପୋଲିସ ଜିଲ୍ଲାରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗୃହ ବିଭାଗ ପକ୍ଷରୁ କୋଷ୍ଟାଲ ଅଞ୍ଚଳରେ କଡାକଡୀ ପାଟ୍ରୋଲିଂ କରାଯିବା ଲାଗି ନିର୍ଦ୍ଦେଶ ନାମା ଆସିବା ପରେ ଗଞ୍ଜାମ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ପୋଲିସ ଜିଲ୍ଲାରେ ଥିବା ମେରାଇନ ପୋଲିସ ପକ୍ଷରୁ ସମୁଦ୍ର ଉପକୂଳ ବର୍ତ୍ତୀ ଅଂଚଳରେ ୩୩ କିଲୋମିଟର ପର୍ଯ୍ୟନ୍ତ ପେଟ୍ରୋଲିଙ୍ଗ କଡାକଡୀ କରାଯାଇଛି । ରାତ୍ର ସମୟରେ ଆର୍ଯ୍ୟପଲ୍ଲୀ ମେରାଇନ ଥାନା ପୋଲିସ ପକ୍ଷରୁ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇଙ୍କ ନେତୃତ୍ୱରେ ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଅଧିକାରିଣୀ ବିଦ୍ୟା ଭାରତୀ ନାୟକଙ୍କ ସମେତ ସବୁ ଷ୍ଟାଫ ମାନେ ହରିପୁରରୁ ପ୍ରୟାଗି ପର୍ଯ୍ୟନ୍ତ ପେଟ୍ରୋଲିଙ୍ଗ କଡାକଡୀ କରାଯାଇଛି । ସ୍ଥଳପଥ ସମେତ ଜଳ ପଥରେ ମଧ ଆକ୍ରମଣର ଆଶଙ୍କା ରହିଥିବାରୁ ଏହି ପେଟ୍ରୋଲିଙ୍ଗ କଡାକଡୀ କରାଯିବା ଦେଖିବାକୁ ମିଳିଛି । ଏନେଇ ଗଞ୍ଜାମ ପୋଲିସ ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ କଡାକଡି ପେଟ୍ରୋଲିଙ୍ଗ କରାଯାଉଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଯେହେତୁ ଛତ୍ରପୁର ଉପକଣ୍ଠର ଆର୍ଯ୍ୟପଲ୍ଲୀ ସ୍ଥିତ ଗୋପାଳପୁର ପୋର୍ଟ, ଭାରତୀୟ ବିରଳ ମୃତ୍ତିକା, କୋଷ୍ଟ ଗାର୍ଡ ଓ ଗ୍ରାସୀମ କମ୍ପାନୀ ରହିଥିବାରୁ ସେଗୁଡିକର ସୁରକ୍ଷା ପାଇଁ ସୁରକ୍ଷା ଫୋର୍ସକୁ ସଜାଗ ହୋଇ ରହିବା ପାଇଁ କୁହାଯାଇଛି ।

## ବେଆଇନ ଖାଦାନ ଖନନ ବେଳେ ଅଘଟଣ

# ପଥରରେ ଚାପିହେଲା ପୋକ୍‌ଲିନ ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

ସୋର, (ସବ୍ୟୁ) :ସୋର ଥାନା ମହୁମୁହାଣ ପଞ୍ଚାୟତ ଖଞ୍ଜାମହାଲ ପଥର ଖଦାନରୁ ବେଆଇନ ଭାବେ ପଥର ଚୋରି କରାଯାଉଥିବା ବେଳେ ପଥର ଅତଡା ଖସି ପଥର ଖାଦାନରେ କାର୍ଯ୍ୟକରୁଥିବା ଏକ ପୋକଲିନ ମେସିନଟି ପୋତି ହୋଇଯାଇଥିବା ବେଳେ ଏହାର ଚାଳକ ଅଳ୍ପକେ ବର୍ତ୍ତି ଯାଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ପୂର୍ବରୁ ଏହି ଖଦାନର ୬୩ ଟି କ୍ୱାରୀକୁ ସରକାରୀ ଭାବେ ନିଲାମ ଡକାଯାଇ କୋଟିକୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଉଥିଲା। ମାତ୍ର ଗତ ତିନିବର୍ଷ ଧରି ଏହି ଖଦାନରେ ଥିବା କ୍ୱାରି ଗୁଡିକର ଅବଧି ସରିବା ପରେ ପୁନଶ୍ଚ ନିଲାମ କରାଯାଇନାହିଁ। ମାତ୍ର ଦିନରାତି ସବୁ ସମୟରେ ଏଠାରୁ ପଥର ମାଫିଆ ମାନେ ପଥର ଲୁଟ କରୁଛନ୍ତି । ଯାହା କେତେକ ଅସାଧୁ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ସହଯୋଗରେ ଚାଲିଛି। ପୂର୍ବରୁ ୬୩ ଟି କ୍ୱାରି ଥିବା ବେଳେ ବର୍ତ୍ତମାନ ସେଠାରେ ବେଆଇନ ଭାବେ ୧୦୦ରୁ ଉଦର୍ଦ୍ଧ ସ୍ଥାନରୁ ପଥର ଲୁଟ କରାଯାଉଛି। ଆଜି ମଧ୍ୟାହ୍ନରେ ୮୮ ନମ୍ବର କ୍ୱାରିରେ କିଛି ଯୁବକ ପଥର ଉତ୍ତୋଳନ କରୁଥିଲେ। ଏହି ସମୟରେ ଉପରୁ ପଥର ଅତଡା ଖସି ଯିବାରୁ କାମରେ ଲାଗିଥିବା ମେସିନଟି ଚାପି ହୋଇଯାଇଥିବା ବେଳେ ସୌଭାଗ୍ୟ ବଶତଃ ଏହାର ଚାଳକ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇ ଫେରାର ହୋଇଯାଇଛନ୍ତି । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଖବର ଲେଖା ହେବା ପର୍ଯ୍ୟନ୍ତ ପୋକଳିନ ଟିକୁ ଜବତ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସରଙ୍କ ଅତିରିକ୍ତ ଅଧ୍ୟାପନା ଆୟୋଜିତ

ବାଲେଶ୍ୱର,(ସବ୍ୟୁ) :ଫକିର ମୋହନ (ଏଫଏମ)ବିଶ୍ୱବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟର ଉତ୍ତମ ଅଭ୍ୟାସମାନଙ୍କ ଅଂଶ ରୂପେ ଏକ ଗୁରୁତ୍ୱପୂର୍ଣ୍ଣ ଅତିରିକ୍ତ ଅଧ୍ୟାପନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ଇଣ୍ଟରନ୍ୟାସନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ (ଆଇ.ଏମ.ଆଇ) ର ଦୁଇଜଣ ବିଶିଷ୍ଟ ପ୍ରଫେସର ପ୍ରଫେସର ସୁପ୍ରିତୀ ମିଶ୍ର ଓ ପ୍ରଫେସର ପ୍ରତ୍ୟୁଷ ବେନାର୍ଜୀ ନିଜର ମୂଲ୍ୟବାନ ବ୍ୟାଖ୍ୟାନ ଉପସ୍ଥାପନ କରିଥିଲେ।ପ୍ରଫେସର ସୁପ୍ରିତୀ ମିଶ୍ର, ଡିନ (ଏକାଡେମିକ୍ସ), ଆଇ.ଏମ.ଆଇ ଭୁବନେଶ୍ୱର,ଡାଇସେକ୍ଟିଙ୍ଗ ଏସ ଇନ ଇଏସଜି ବିଷୟରେ ଏକ ଗଭୀର ତତ୍ତ୍ୱ ସଂପର୍ଣ ବ୍ୟାଖ୍ୟାନ ପ୍ରଦାନ କରିଥିଲେ। ଏହି ବ୍ୟାଖ୍ୟାନ ଫକୀରମୋହନ ବିଶ୍ୱବିଦ୍ୟାଳୟର ପିଏମଆଇଆର ସ୍ନାତକୋତ୍ତର ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ସେ ଏହି ବ୍ୟାଖ୍ୟାନରେ ଇ.ଏସ.ଜି (ପରିବେଶୀୟ, ସାମାଜିକ ଓ ଶାସନ ମାନଦଣ୍ଡ) ର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ ବର୍ତ୍ତମାନ ଅନେକ ମିଉଚୁଆଲ୍ ଫଣ୍ଡ, ବ୍ରୋକେରେଜ୍ ଫାର୍ମ ଓ ରୋବୋ ଆଡ୍‌ଭାଇଜରମାନେ ଇଏସ୍‌ଜି ମାନଦଣ୍ଡ ଅନୁସାରେ ନିବେଶ ଉତ୍ପାଦ ଦେଉଛନ୍ତି। ଏଥିସହ କମ୍ପାନୀ ଗୁଡିକର ପରିବେଶ ସମ୍ବନ୍ଧୀୟ ଦାୟିତ୍ୱ, ସାମାଜିକ ଦୃଷ୍ଟିକୋଣ ଓ ଶାସନ ନୀତି ସହିତ ସମ୍ପୃକ୍ତ ମାନଦଣ୍ଡ ଗୁଡିକୁ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।ଏଥିସହ ଆଇ.ଏମ.ଆଇ ଭୁବନେଶ୍ୱରର, ପ୍ରଫେସର ପ୍ରତ୍ୟୁଷ ବେନାର୍ଜୀ, ଗୁଣାତ୍ମକ ଏବଂ ମିଶ୍ରିତ ପ୍ରଣାଳୀ ଗବେଷଣା ସିଦ୍ଧାନ୍ତ ଓ ପ୍ରୟୋଗ ପ୍ରସଙ୍ଗରେ ବ୍ୟାଖ୍ୟାନ ଦେଇଥିଲେ।ଏହା ସ୍ନାତକୋତ୍ତର କମ୍ପ୍ୟୁଟର ସାଇନ୍ସ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ସେ ନିଜ ଅଧ୍ୟାପନାରେ ମିଶ୍ରିତ ପ୍ରଣାଳୀର ଗବେଷଣା ଏବଂ ଗୁଣାତ୍ମକ ଗବେଷଣା ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଉପସ୍ଥାପନା ପ୍ରଦାନ କରିଥିଲେଏବଂ ଉଲ୍ଲେଖ କରିଥିଲେ ଯେ, ଓଡ଼ିଶାର ଅନେକ ଆଦିବାସୀ ଅଞ୍ଚଳରେ ଗବେଷଣା ଅଭାବ ଥିବାରୁ ଗୁଣାତ୍ମକ ଗବେଷଣା ଅତ୍ୟନ୍ତ ଆବଶ୍ୟକ, ଯାହା ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଭାବେ ପରିଗଣିତ ହେବା।ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିସହ ଦେଶ ଓ ବିଦେଶରୁ ଆମନ୍ତ୍ରିତ ଅନେକ ବିଶିଷ୍ଟ ବ୍ୟକ୍ତି, ଶିକ୍ଷାବିତ ମାନଙ୍କ ଦ୍ୱାରା ଏପରି ଉନ୍ନତ ଅଧ୍ୟାପନା କାର୍ଯ୍ୟକ୍ରମମାନ ସଫଳ ଭାବେ ଚାଲୁଥିବା ପାଇଁ ବିଶ୍ୱବିଦ୍ୟାଳୟ ପରିବାରକୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ ଥିବାରୁ ଏପରି ନୂତନ ତଥ୍ୟସଂପର୍ଣ୍ଣ ଗବେଷଣା କାର୍ଯ୍ୟ ସାମାଜିକ ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ।ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମଧ ଏହି ଅବସରରେ ଉପସ୍ଥିତ ହୋଇ ଓ ଅଂଶଗ୍ରହଣକାରୀମାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ବ୍ୟାଖ୍ୟାନରୁ ଉଚିତ ଲାଭ ଉଠାଇବା ପାଇଁ ଉତ୍ସାହିତ କରିଥିଲେ। ଉଭୟ ଅଧ୍ୟାପନା କାର୍ଯ୍ୟକ୍ରମରେ ଅଧ୍ୟାପକ-ଅଧ୍ୟାପିକା, ଗବେଷଣାରତ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

# ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୁକ୍ତ ଗିରଫ

ବୁଗୁଡା, (ସବ୍ୟୁ) : ବୁଗୁଡା ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଯୁବକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଯୁବକ ଜଣକ ହେଲେ ବେଲପୁର ଗ୍ରାମର ସଚ୍ଚିଦାନନ୍ଦ ରାଉତ (୨୭) ହୋଇଥିବା ବେଳେ ଏନେଇ କେସ୍ ନଂ ୨୯୮/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ତିନୋଟି ସନ୍ତାନର ଜନନୀ ହୋଇଥିବା ସମ୍ପୃକ୍ତ ମହିଳା ଜଣଙ୍କର ସ୍ୱାମୀ ଚେନ୍ନାଇରେ କାମ କରୁଥିବା ବେଳେ ଏହାର ସୁଯୋଗ ନେଇ ସମ୍ପର୍କୀୟ ଦିଅର ସଚ୍ଚିଦାନନ୍ଦ ତାଙ୍କୁ ପ୍ରଲୋଭନ ଦେଖାଇ ଗତ ମାସରେ ଦୁଷ୍କର୍ମ କରିଥିଲା। ଏନେଇ ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ଯୁବକ ସଚ୍ଚିଦାନନ୍ଦକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# ରେଳଧାରଣରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର, (ସବ୍ୟୁ): ଜିଆରପି ପୋଲିସ ଆଜି ରେଳଧରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ଜଣଙ୍କ ନିମଖଣ୍ଡି ଥାନା ଅନ୍ତର୍ଗତ ଝାଡ଼ାଙ୍କୁଲି ଗ୍ରାମର ଦୀନବନ୍ଧୁ ବେହେରାଙ୍କ ପୁଅ ବୁବେଇ ବେହେରା(୩୮)। ପୋଲିସ ଏସଂକ୍ରାନ୍ତରେ ୪୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାରୁ ପ୍ରକାଶ ଯେ, ଆଜି ପୂର୍ବାହ୍ନରେ ଆଙ୍କୁଲି ଲେବେଲ କ୍ରସିଂ ନିକଟ ରେଳଧରଣାରେ ଏକ ମୃତଦେହ ପଡିଥିବା ଖବର ପାଇ ପୋଲିସ ପହଞ୍ଚିଥିଲା। ମୃତଦେହ ନିକଟରୁ ଗୋଟିଏ ମୋବାଇଲ ଓ ଟ୍ରେନ ଟିକେଟ ମିଳିଥିଲା। ପୋଲିସ ଉକ୍ତ ମୋବାଇଲରୁ ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ଘଟଣା ସ୍ଥଳକୁ ଆସିବା ପାଇଁ କହିଥିଲା। ସ୍ଥାନୀୟ ରାମନଗରରେ ରହୁଥିବା ମୃତକଙ୍କ ଶଳା ଶ୍ରୀଧର ବେହେରା ଓ ତାଙ୍କ ସ୍ତ୍ରୀ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତ ବୁବେଇ ଜଣେ କାରିଗର ଥିଲେ। ଗତ ଦୁଇଦିନ ତଳେ ସେ ଘରୁ ଚାଲିଯାଇଥିବା ବେଳେ ଶୁକ୍ରବାର ତାଙ୍କର ମୃତଦେହ ରେଳଧାରଣରେ ପଡିଥିବା ସେମାନେ ଜାଣିବାକୁ ପାଇଥିଲେ। ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

# ମୋରମ ଚାଲାଣ ବେଳେ ୩ ଟିପ୍ପର ଜବତ




ଛତ୍ରପୁର, (ସବ୍ୟୁ) : ଆର୍ଯ୍ୟପଲ୍ଲୀ ଥାନା ଅଞ୍ଚଳରେ ବେଆଇନ ମୋରମ ଚାଲାଣ ବେଳେ ୩ ଟି ଟିପ୍ପରକୁ ଜବତ କରିଛି ଆର୍ଯ୍ୟପଲ୍ଲୀ ଥାନା ପୋଲିସ। ସୁନ୍ଦରପୁରରୁ ବେଆଇନ ମୋରମ ଚାଲାଣ ହେଉଥିବା ଖବର ପାଇ ଆର୍ଯ୍ୟପଲ୍ଲୀ ମେରାଇନ ଆଇଆଇସି ବିଦ୍ୟା ଭାରତୀ ନାୟକଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରି ୩ ଟି ଟିପ୍ପରକୁ ଜବତ କରିଥିଲା । ଏନେଇ ୩ ଜଣ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆର୍ଯ୍ୟପଲ୍ଲୀ ଆଇଆଇସି ବିଦ୍ୟାଭାରତୀ ନାୟକ ସୂଚନା ଦେଇଛନ୍ତି । ଏନେଇ ଆର୍ଯ୍ୟପଲ୍ଲୀ ଥାନାରେ ୬୦/୨୦୨୫ ରେ ଏକ ମାମଲା ରୁଜୁ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି ।

## ପଞ୍ଚଦଶ ଦିବସରେ ପଞ୍ଚ ଠାକୁରାଣୀ ଯାତ୍ରା

# ଆଲୋକମାଳାରେ ଝଲସୁଛି ସହର, ବିରାଟ ପଟୁଆରରେ ମା'ଙ୍କ ଘଟ ପରିକ୍ରମା

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରା ଆଜି ପଞ୍ଚଦଶ ଦିବସରେ ପହଞ୍ଚିଥିବା ବେଳେ ସ୍ଥାନୀୟ ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ କେ.ନୀଳମାଧବ ଆଚାରୀଙ୍କ ତରଫରୁ ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା ସହ ଆଜିର ଯାତ୍ରା କାର୍ଯ୍ୟକ୍ରମ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଆଜି ବଡଦାଣ୍ଡ ସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ପ୍ରାତଃ କାଳରେ ସ୍ନାନ, ଅବକାଶ ଓ ବାଳଭୋଗ, ପୂର୍ବାହ୍ନରେ ଷଟ୍ କର୍ମ, ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା, ପଣାଭୋଗ ଓ ଷୋଡଶ ଉପଚାର ପୂଜା, ମଧ୍ୟାହ୍ନରେ ଅନ୍ନଭୋଗ, ଅପରାହ୍ନରେ ଚଣ୍ଡିପାଠ, ହୋମ, ଗଜାମୁଆଁ ଭୋଗ ଓ ହାଲୁଆ ଭୋଗ, ରାତିରେ ଅନ୍ନଭୋଗ ଓ ଖିରି କାକରା ଭୋଗ ଆଦି ପାରମ୍ପରିକ ରୀତିନୀତିରେ ମା'ଙ୍କ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିବା ବେଳେ କେ.ମନୋଜ କୁମାର ଆଚାରୀ ଓ କେ.ସନ୍ଧ୍ୟାରାଣୀ ଆଚାରୀ ପ୍ରମୁଖ କର୍ତ୍ତା ଓ କର୍ତ୍ତୀ ଦାୟିତ୍ୱ ନିର୍ବାହ କରିଥିଲେ । ସନ୍ଧ୍ୟାରେ ୧୦୮ ଆଳତି ପରେ ଘଟ ପରିକ୍ରମାର ଶୁଭାରମ୍ଭ ହୋଇଥିଲା। ପଞ୍ଚ ମାନସିକଧାରୀ ମହିଳା ଝିଲ୍ଲୀ ପ୍ରଧାନ, କେ.ବୁଲ୍ଲିଆମା ପାତ୍ର, ୟୁ. ସନ୍ତୋଷୀ ପାତ୍ର, ବି.ଗାୟତ୍ରୀ ପାତ୍ର, କେ.ଯୋଗି ପାତ୍ର ପ୍ରମୁଖ ମା'ଙ୍କ ଘଟ ଧାରଣ କରି ହାଇସ୍କୁଲ ଛକ, ନୂଆଁ ବସଷ୍ଟାଣ୍ଡ, ଶକ୍ତି ନଗର, ମୁଖ୍ୟ ସଡକ, ମଦନ ମୋହନ ଛକ, ବ୍ଲକ୍ କଲୋନୀ, ବୁଦ୍ଧଖୋଲ ଗେଟ୍ ଛକ, ପୋଲସରା ରୋଡ, ବଳଦେବ ମନ୍ଦିର ରାସ୍ତା ଆଦି ପରିକ୍ରମା କରି ସ୍ୱଆସ୍ଥାନକୁ ଫେରିଥିଲେ। ମା'ଙ୍କ ଭ୍ରମଣି ଯାତ୍ରା କାଳରେ ଘଣ୍ଟତାଳ, ଢୋଲ ବାଦ୍ୟ ଏବଂ ଆତସବାଜିର ଶବ୍ଦରେ ପରିବେଶ ପ୍ରକମ୍ପିତ ହୋଇଥିଲା ବେଳେ ବାଘ-ବୃଷଭ, ନବ ଦୁର୍ଗା, ନାଗାବାବା ପଟୁଆର ଲୋକଙ୍କୁ



ଆକର୍ଷିତ କରିବା ସହ ଭିଡ ସୃଷ୍ଟି କରିଥିଲା। ବଡଦାଣ୍ଡରେ ଆୟୋଜିତ ଭଜନ ସମାରୋହ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। ଏଥି ସହ ଯାତ୍ରା କାଳରେ ସହରର ହାଇସ୍କୁଲ ଛକଠାରୁ ଷ୍ଟେଟ୍ ବ୍ୟାଙ୍କ ଛକ ସମେତ ପୋଲସରା ରୋଡ, ଟୁଣୁଟୁଣିଆ ସାହି, ଅନ୍ଧାରିଆ ସାହି, ଖଦାଳ ସାହି, ପଥୁରିଆ ସାହି, କୁମ୍ଭାର ସାହି, ବଡଦାଣ୍ଡ ସାହି, ରଘୁନାଥ ସାହି, କାର୍ଜି ସାହି ଆଦି ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠିଥିଲା। ବୁଗୁଡା ସହରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକଙ୍କ ଗହଳି ଚହଳି ଦେଖିବାକୁ ମିଳିଥିଲା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ନିୟୋଜିତ ରହିଥିଲେ।

# ବାସନ୍ତୀ ଲତା ଦେବୀ ପ୍ରତିଭା ପୁରସ୍କାର ପ୍ରଦାନ



ବାରିପଦା, (ସବ୍ୟୁ) : ହରନାରାୟଣ ମିଶ୍ର ଫାଉଣ୍ଡେସନ ତରଫରୁ ଚଳିତବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ୨୦୨୫ ରେ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଟାପାଳର ସର୍ବୋଚ୍ଚ ନମ୍ବର ରଖିଥିବା ଦୁଇଛାତ୍ରୀ ଦେବଶ୍ରୀ କାଣ୍ଡି ଓ ଲିପିକା ଦାଶଙ୍କୁ 'ବାସନ୍ତୀ ଲତା ଦେବୀ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଛି। ମୟୂରଭଞ୍ଜ ସାଇନ୍ସ ଫୋରମ୍‌ର ସଭାପତି ଅମିତାଭ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇ କୃତୀ ଛାତ୍ରୀଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରି ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀ, ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ ଓ ମହେଶ ସେଠୀ ବକ୍ତବ୍ୟ ରଖିଥିବାବେଳେ ପୁଷ୍ପାଞ୍ଜଳି ସେଠୀ ସ୍ୱାଗତ ଭାଷଣ ଓ ଅନିଶା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ ବନ୍ଦରରେ ସୁରକ୍ଷା କଡାକଡି, ପୋଲିସର ଫ୍ଲାଗମାର୍ଚ୍ଚ



ପାରାଦୀପ ,( ଜିପ୍ର ) :ଭାରତ –ପାକିସ୍ତାନ ଯୁଧ ପରିସ୍ଥିତିକୁ ଲକ୍ଷ୍ୟକରି ବନ୍ଦରର ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଆଜିଠାରୁ ପାରାଦୀପରେ ଦୁଇ ନମ୍ବର ସୁରକ୍ଷା ବ୍ୟବସ୍ଥା ଆଲର୍ଟ କରାଯାଇଛି । ବନ୍ଦର ଭିତର ଓ ବାହାରେ ସୁରକ୍ଷା ଦୃଷ୍ଟିରୁ ପୋଲିସ ପାଟ୍ରୋଲିଂ ଜୋରଦାର ହୋଇଛି । ଆଜି ମେରାଇନ ରୋଡରେ ପୋଲିସ ଫ୍ଲାଗମାର୍ଚ୍ଚ ମଧ୍ୟ କରିଥିବା ଦେଖିବାକୁ ମିଳିଛି । ସମସ୍ତ ଗତିବିଧି ଉପରେ ତିକ୍ଷ୍ଣ ନଜର ରଖାଯାଇଥିବା ବେଳେ କୋଷ୍ଟଗାର୍ଡ ଦୂର ସମୁଦ୍ର ମଧ୍ୟରେ ପ୍ରହରା ଦେଉଛି ।

### ୧୩ ନଂ ଜିଲ୍ଲାପରିଷଦ ଓ ୭ ୱାର୍ଡ଼ ସଭ୍ୟ ଉପନିର୍ବାଚନ

## ରାଜନୈତିକ ଦଳ ମଧ୍ୟରେ ଆରମ୍ଭ ହେଲାଣି କସରତ

ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ ଅନ୍ତର୍ଗତ ୧୩ ନଂ ଜୋନ୍‌ରେ ଜିଲ୍ଲା ପରିଷଦ ପଦବୀର ଉପନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଡେରାବିଶ ବ୍ଲକର ତିନୋଟି ଜିଲ୍ଲା ପରିଷଦ ଜୋନ୍ ୧୨, ୧୩ ଓ ୧୪ ମଧ୍ୟରୁ ୧୩ ଜୋନ୍‌ର ସଦସ୍ୟା ଗତ ୨୦୨୪ ବିଧାନସଭା ନିର୍ବାଚନ ବେଳେ ତାଙ୍କର ପଦବୀରୁ ଇସ୍ତଫା ଦେଇ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହୋଇଥିଲେ । ଫଳରେ ସେବେଠାରୁ ଏହି ଜିଲ୍ଲା ପରିଷଦ ଜୋନ୍‌ଟି ଫାଙ୍କା ପଡ଼ିଥିଲା । ବେଣିପୁର, ମଙ୍ଗଳପୁର, ଛୋଟି, ନହଙ୍ଗ, ରଘୁଦେଇପୁର, କୁରୁଜଙ୍ଗା, କାଉପଡ଼ା, ଗୁଆଲସିଂ, କୁଶିଆପାଳ ଓ ବାରିମୂଳ ପଂଚାୟତକୁ ନେଇ ଏହି ୧୩ ନଂ ଜୋନ୍‌ଟି ଗଠିତ ହୋଇଛି । ନିର୍ବାଚନ କମିଶନରଙ୍କ ଆଦେଶ ମୁତାବକ ଏଥିନିମନ୍ତେ ୱାର୍ଡ଼ ସ୍ତରୀୟ ଭୋଟର ତାଲିକା ପ୍ରସ୍ତୁତି, ବିଭକ୍ତିକରଣ, ଅଭିଯୋଗ, ଦାବି ଓ ଆପତି ଶୁଣାଣୀ କାର୍ଯ୍ୟ ସରିଯାଇଛି । ଗତ ୧୭. ୪.୨୫ରୁ ୨୨.୪.୨୫ ମଧ୍ୟରେ ପ୍ରାଥମିକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଥିଲେ । ପରେ ୨୪.୪.୨୫ ରୁ ୩୦.୪.୨୫ ପର୍ଯ୍ୟନ୍ତ ଚୂଡ଼ାନ୍ତ ଭୋଟର ତାଲିକା ସମ୍ପୃକ୍ତ ପଂଚାୟତ ମାନଙ୍କର ପ୍ରକାଶନ କରାଯାଇଥିଲା । ୩୦.୪.୨୫ ସୁଦ୍ଧା ଏ ସମ୍ପନ୍ଧରେ ଦାବି ଆପତି ଲୋକମାନଙ୍କ ଠାରୁ ଗ୍ରହଣ କରାଯାଇଥିଲା । ୨.୫.୨୦୨୫ରୁ ୫.୫.୨୫ ପର୍ଯ୍ୟନ୍ତ ଇଲୋକ୍ଟୋରାଲ ରେଜିଷ୍ଟର ଅଫିସର ତଥା ବିଡ଼ିଓ ଡେରାବିଶଙ୍କ ସମ୍ମୁଖରେ ଦାବି ଆପତିର ଫଇସାଲା ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ଜିପିଓ ନନ୍ଦିନୀ ଶତପଥିଙ୍କ କହିବା ମୁତାବକ ଧାର୍ଯ୍ୟ ତାରିଖ ସୁଦ୍ଧା କୌଣସି ଆପତି ଅଭିଯୋଗ ଆସିନଥିବା ବେଳେ ମୃତ ବ୍ୟକ୍ତିଙ୍କ ନାମ ଭୋଟର ଲିଷ୍ଟରୁ କଟାଯାଇଛି ।

ତେବେ ନିର୍ବାଚନ ତାରିଖ ଘୋଷଣା ହୋଇନଥିବା ବେଳେ ଖୁବ୍ ଶିଘ୍ର ଭୋଟ ହେବ ବୋଲି ଆକଳନ କରାଯାଇଛି । ତେବେ ଏହି ୧୩ ନଂ ଜିଲ୍ଲା ପେରିଷଦ ଆସନଟିକୁ ହାତେଇବା ପାଇଁ ରାଜନୈତିକ ଦଳମାନେ ବିଭିନ୍ନ ଲାଗିପଡ଼ିଲେଣି । ଯାହାକୁ ନେଇ ଡେରାବିଶରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଏଥିସହିତ ଦାନପୁର ପଂଚାୟତର ୧୧ ନଂ ୱାର୍ଡ଼, ଏଣ୍ଡର ପଂଚାୟତର ୧୩ନଂ ୱାର୍ଡ଼ , କାଉପଡ଼ା ପଂଚାୟତର ୧୧ ନଂ ୱାର୍ଡ଼, ଲକ୍ଷ୍ମିନାରାୟଣପୁର ପଂଚାୟତର ୫ ନଂ ୱାର୍ଡ଼, ମଙ୍ଗଳପୁର ପଂଚାୟତର ୩ ନଂ ୱାର୍ଡ଼, ନହଙ୍ଗ ପଂଚାୟତର ୧୧ ନଂ ୱାର୍ଡ଼ ଓ ରତାଦିଆ ଖଣ୍ଡସାହି ପଂଚାୟତର ୫ ନଂ ୱାର୍ଡ଼ ସଭ୍ୟ ପଦବୀ ମଧ୍ୟ ଫାଙ୍କା ପଡ଼ିଥିବା ବେଳେ ସେଠାରେ ମଧ୍ୟ ଉପନିର୍ବାଚନ ହେବ ବୋଲି ସୂଚନା ମିଳିଛି ।

## ହୋଟେଲ ଓ ଜଳଖିଆ ଦୋକାନରେ ଚଢାଉ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଖାଦ୍ୟ ନିରାପତା ଅଧିକାରୀ ପ୍ରୀତିଶ ଦାସଙ୍କ ପକ୍ଷରୁ ସହରରେ ଥିବା ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ଓ ଛକ ବଜାର ମନଙ୍କରେ ବିକ୍ରି ହେଉଥିବା ଖାଦ୍ୟ ପସରା ମାନଙ୍କରେ ଚଢାଉ କରାଯାଇଛି । କେନ୍ଦ୍ରାପଡା ଭାରପ୍ରାପ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କୁ ଅଭିଯୋଗ ହେବାପରେ ପୌରାଂଚଳ ର ତିନିମୁହାଣୀ ଠାରୁ ଇଛାପୁର ପର୍ଯ୍ୟନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଥିବା ଖାଦ୍ୟ ବିକ୍ରୟ କେନ୍ଦ୍ର ଉପରେ ଏହି ଚଢାଉ କରାଯାଇ ଥିଲା । ହୋଟେଲ ମାଲିକ ଓ ଜଳଖିଆ ଦୋକାନୀ ମାନେ ବାସି ଖାଦ୍ୟ ଓ ନିମ୍ନ ମାନର ଖାଦ୍ୟ ଫ୍ରିଜ ଭୀତରେ ରଖି ତାକୁ ଗରମ କରି ଗରାଖଙ୍କୁ ବିକ୍ରୟ କରୁଛନ୍ତି । ଏହା ସହ ସହରରେ ଫାଷ୍ଟଫୁଡ ବିକ୍ରି କରୁଥିବା ଉଠା ଦୋକାନୀ ଓ ଅନେକ ଜଳଖିଆ ଦୋକାନୀ ହୋଟେଲ ମାଲିକ ମାନେ ଖାଦ୍ୟ ବିକ୍ରି ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଲାଇସେନ୍ସ ହାସଲ କରି ନଥିବା ଜଣାପଡିଛି । ଅଭିଯୋଗ ହେବାପରେ ଖାଦ୍ୟ ନିରାପତା ଅଧିକାରୀ ଓ ତାଙ୍କର ଟିମ ବିଭିନ୍ ହୋଟେଲ ମନଙ୍କରେ ଚଢାଉ କରି ବସି ଖାଦ୍ୟ ଗୁଡିକୁ ନଷ୍ଟ କରିବା ସହ ହୋଟେଲ ମାଲିକ ମାନଙ୍କୁ ତାଗିଦା କରାଯାଇଛି ।

## ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ତୁଳାସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଠାରୁ ଶୁଭାରମ୍ଭ କରାଯାଇଛି । ଚନ୍ଦନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ମହାଯଜ୍ଞ କାର୍ଯ୍ୟକ୍ରମ ଚାରିଦିନ ବ୍ୟାପି ଅନୁଷ୍ଠିତ ହେବ । ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରଥଦାଣ୍ଡ ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଯଜ୍ଞ ମଣ୍ଡପରେ ସ୍ଥାନୀୟ ଜନ ସାଧାରଣଙ୍କ ସହଯୋଗ ରେ ମହାଯଜ୍ଞ ଶୁଭାରମ୍ଭ କରାଯାଇଛି । ଅଙ୍କୁରା ରୋପଣ, କଳସାଧିବାସ ଅଗ୍ନିସ୍ଥାପନ, ଗୋ–ସୂର୍ଯ୍ୟ, ଗୁରୁପୂଜା ପ୍ରତ୍ୟହ ଘୃତାହୂତି ସହ ନାମଯଜ୍ଞ ଅନୁଷ୍ଠିତ ହେବ । ଏହା ସହ ସାଧୁସନ୍ଥ ମାନଙ୍କ ଦ୍ୱାରା ସଂନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଓ ହରିହାଟ ଓ ଭାଗବତ କଥାଯଜ୍ଞ ଅନୁଷ୍ଠିତ ହେବ ବୋଲି ଉଦ୍ୟୋକ୍ତା ମାନେ ସୂଚନା ଦେଇଛନ୍ତି ।

## ଅଭୟପୁର –ପାଟପୁର ଆର୍‌ଡି ରାସ୍ତାର କୁଆବୋଉ ପୋଲ ଧସିଲା, ଯାତାୟତ ବ୍ୟାହତ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଅଭୟପୁର ଠାରୁ ପାଟପୁରକୁ ସଂଯୋଗ କରୁଥିବା ଆରଡି ରାସ୍ତାର କୁଆବୋଉ ପୋଲଟି ଗତକାଲି ଦବିଯାଇଥିବା ଦେଖିବାକୁ ମିଳିଛି । ଗତ ୨୦୦୫ ମସିହାରେ ଜାରକା ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କ ବ୍ୟବୟରେ ଏହି ପୋଲଟି ନିର୍ମାଣ କରାଯାଇଥିଲା । ହେଲେ ଏବେ ଏହି ପୋଲିଟି ଦବିଯିବା ଫଳରେ ପର୍ଯ୍ୟଟନସ୍ଥଳୀ ଲାଙ୍ଗୁଡି ଓ ଗଲଗଲି ସଂଖ ଯିବା କଷ୍ଟକର ହୋଇପଡିଛି । ସେହିପରି ଏହି ରାସ୍ତା ଦେଇ ମିର୍ଜାପୁର, ପାଟପୁର ଓ ପଟୁଣିଆ ଆଦି ପଂଚାୟତ ଲୋକେ ଯାତାୟତ ଉପରେ ନିର୍ଭର କରିଥାନ୍ତି ।

ତେବେ ଏହି ରାସ୍ତା ଦେଇ ଭାରିଯାନ ତଥା କଳାପଥର ଓ ବାଲି ବୋଝେଇ ହାଇୱା ଓ ଟ୍ରାକ୍ଟର ଗାଡି ଗୁଡିକ ଦିନ ରାତି ଯାତାୟତ କରିବା ଫଳରେ ଏହି ପୋଲଟି ହଠାତ ଦବିଯାଇଥିବା ନେଇ ସ୍ଥାନୀୟ ଲୋକେ ଅବିଯୋଗ କରିଛନ୍ତି । ଗତ



୨୦୨୩/୨୪ ଆର୍ଥୀକ ବର୍ଷରେ ଏହି ରାସ୍ତାର ପୁନ୍ନ ନିର୍ମାଣ ସହିତ ଚଣ୍ଡିଖୋଲ ପର୍ଯ୍ୟନ୍ତ ସଂଯୋଗ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାର ନିଯୁକ୍ତି କରାଯାଇଥିଲା । ଠିକାଦାର କୁଆବୋଉ ପୋଲ ଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ କଂକ୍ରିଟ କାମ ସାରି ଦେଇଥିବା ବେଳେ ପାଟପୁର ଠାରୁ ଅଭୟପୁର ପର୍ଯ୍ୟନ୍ତ ରାସ୍ତା ପୁନ୍ନନିର୍ମାଣ କାର୍ଯ୍ୟ ନହୋଇପାରି ପଡିରହିଛି । ତେବେ ସରକାର ପରିବର୍ତନ ହେବା ପରେ ଏହି କାର୍ଯ୍ୟ ନହୋଇପାରି ପଡିରହିଥିବା ବେଳେ ବିଭାଗ ପକ୍ଷରୁ ଏହାର ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଉ ନଥିବା ସ୍ଥାନୀୟ ଲୋକେ ଅବିଯୋଗ କରିଛନ୍ତି ।

ତେବେ ରାସ୍ତା ନିର୍ମାଣ ସହିତ ଦବିଯାଇଥିବା ପୋଲ ନୁତନ ଭାବେ ନିର୍ମାଣ କରାଯିବାର ବ୍ୟବସ୍ଥା ରହିଥିବା ବେଳେ କାମ ଅଧାରେ ଅଟକିଯିବା ଯୋଗୁଁ ଏଭଳି ଅବସ୍ଥା ଉପୁଯିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ପୋଲିଟି ଦବିଯିବା ଫଳରେ ଏହି ରାସ୍ତାରେ ଗାଡ଼ି,ମୋଟର, ବାଇକ ଓ ଚାଲିକୁ ଯାଉଥିବା ଲୋକେ ଯାତାୟତରେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଦବିଯାଇଥିବା ପୋଲକୁ ମରାମତି କରିବା ସହିତ ବାକି ରହିଥିବା ରାସ୍ତା କାମକୁ ତୁରନ୍ତ ଶେଷ କରିବକୁ ସାଧାରଣରେ ଦାବି ହୋଇଛି ।

## ସାଲେପୁର– ଛତିଆ ରାସ୍ତାରେ ବୃକ୍ଷରୋପଣ ଦାବି

ମାହାଙ୍ଗା, (ସବ୍ୟୁ) : ସାଲେପର– ଛତିଆ ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ ସମୟରେ ସାଲେପୁରଠାରୁ ଖନ୍ଦୋଳ ଓସ୍ତମୂଳ ଛକ ପର୍ଯ୍ୟନ୍ତ ମୋଟ ୨୩୧ ଗୋଟି ଗଛ ରାସ୍ତାକଡରେ ରହିଥିଲା । ୨୩୧ ଟି ଗଛଗୁଡିକୁ କାଟିବା ପାଇଁ ଚିହ୍ନଟ କରାଯାଇଥିଲା । ସେଥିମଧ୍ୟରୁ ୨୨୧ ଟି ଗଛ କଟାଯାଇଛି ଓ ୧୦ ଟି ଗଛକଟାଯାଇ ନାହିଁ । ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଗଛ କାଟିବା ପାଇଁ ଡି.ଏମ୍. ଓଡିଶା ବନ ଉନ୍ନୟନ ନିଗମ ଖପୁରିଆଙ୍କୁ ଅଧିକୃତ କରାଯାଇଥିଲା । ଗଛ କାଟିବା ପାଇଁ ପୂର୍ତ୍ତ ବିଭାଗ ତରଫରୁ ସାଲେପୁର ତହସିଲ ପକ୍ଷରୁ ଜ୍ଞାପକ ସଂଖ୍ୟା ୨୮୫, ତା. ୯.୧.୨୦୨୪ ରିଖରେ ଅବଗତ କରାଯାଇଥିବା ବନାଞ୍ଚଳ ଅଧିକାରୀ କଟକ ଜ୍ଞାପକ ସଂଖ୍ୟା ୧୨୪୩, ତା.୨୧.୦୯.୨୦୨୪ ରିଖରେ ପ୍ରଦାନ ସୂଚନା ତଥ୍ୟରୁ ଜଣାପଡିଥିଲା । ସେହିପରି ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କାର୍ଯ୍ୟାଳୟ କଟକ ବନଖଣ୍ଡ ମେମୋ ନଂ ୮୧୭୪, ତା.୨.୯.୨୦୨୪ ରିଖରେ ପ୍ରଦାନ ସୂଚନା ତଥ୍ୟରେ ମାହାଙ୍ଗା ତହସିଲ କାର୍ଯ୍ୟାଳୟ ଅଧିନରେ ଥିବା ଖନ୍ଦୋଳ–ଓସ୍ତମୂଳ ଛକଠାରୁ କଇଥା ଚମ୍ପାପୁର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତକରଣ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ମୋଟ ୧୨୩୪ ଟି ଗଛ ରହିଥିଲା । ରାସ୍ତା ପ୍ରଶସ୍ତୀକରଣ ପାଇଁ ୧୨୩୪ ଟି ଗଛ କଟାଯିବା ପାଇଁ ଚିହ୍ନଟ ହୋଇଥିଲା । ସେଥି ମଧ୍ୟରୁ ୧୨୧୫ ଟି ଗଛ କଟାଯାଇଥିଲା ବେଳେ ୧୯ ଟି ଗଛ କଟାଯାଇ ନାହିଁ । ଏଠାରେ ପ୍ରଶ୍ନ ଉଠୁଛି ଯେ ରାସ୍ତା ପ୍ରଶସ୍ତୀକରଣ ନାମରେ ବ୍ୟାପକ ଗଛ କଟାଯାଇଥିଲା । ଏହି ଗଛ ଗୁଡିକ ନିଲାମ କରାଯାଇଛି କି ନାହିଁ ସେ ନେଇ ସୂଚନା ତଥ୍ୟ ମିଳିନଥିଲା ବେଳେ ବର୍ଷାଦିନ ପୂର୍ବରୁ ସାଲେପୁର– ଛତିଆ ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟାପକ ବୃକ୍ଷରୋପଣ କରାଯିବା ନିମନ୍ତେ ମାହାଙ୍ଗା ଅଂଚଳର । ବୃକ୍ଷପ୍ରେମୀ ବିବେକାନନ୍ଦ ଦାସ ରାଜ୍ୟ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି ।

## ୮–ଇ କେନାଲ ବନ୍ଧ ଜବରଦଖଲ ଉଚ୍ଛେଦ ପାଇଁ ମାପ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ଅଧିନସ୍ଥ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧିନରେ ଥିବା ଶାଖା ନାଳ ୮–ଇ ଯାହାକି ନିଶ୍ଚିନ୍ତକୋଇଲି ୮ନଂ କେନାଲରୁ ବାହାରି ନିଶ୍ଚିନ୍ତକୋଇଲି ବଜାର ଦେଇ ଶକ୍ତିଶ୍ୱର ରାସ୍ତା ଅତିକ୍ରମ କରି ଖସାଅଣ୍ଟା,ନତକାଇ ଛକକୁ ସଂଲଗ୍ନ କରୁଛି । ଉକ୍ତ ୮–ଇ ଶାଖା ନାଳର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି । ମାତ୍ର କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି କେନାଲ ବନ୍ଧ ଜବରଦସ୍ତ ଅବରୋଧ କରିବା ସହ କେନାଲ ବନ୍ଧ ଉପରେ କେଭିନ୍ ପକାଇବା ଓ ଚାଳ ଘର କରି ବ୍ୟବହାର କରୁଛନ୍ତି । ରାଜ୍ୟ ରାଜପଥ କଟକ–ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜାର ମଧ୍ୟସ୍ଥଳୀରୁ ବାହାରିଥିବା ନିଶ୍ଚିନ୍ତକୋଇଲି –ଲଳିତଗିରି ରାସ୍ତାରେ ଶହ ଶହ ଭାରିଯାନ ଚଳାଚଳ କରୁଥିବା ବେଳେ ଏହି ରାସ୍ତା ଦେଇ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଛାତ୍ର ଛାତ୍ରୀ ମାନେ ଯାଆସ କରିଥାନ୍ତି । ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ସପ୍ତାହକୁ ୨ଥର ବସିଥାଏ । ହାଟ ଦିନ ଏହି ରାସ୍ତାଟି ବହୁ ସମୟ ଭିଡ଼ ଯୋଗୁଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ । ଏ ସବୁ ଅସୁବିଧାକୁ ଦୃଷ୍ଟିରେ ରଖି ୮–ଇ କେନାଲ ବନ୍ଧ ରାସ୍ତାକୁ ଜବରଦଖଲକାରୀଙ୍କ କବଜାରୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ, ବୁଦ୍ଧିଜୀବୀମାନେ ଜଳସମ୍ପଦ ବିଭାଗ ଉପଖଣ୍ଡ ଅଧିକାରୀ କେନ୍ଦୁପାଟଣାକୁ ଲିଖିତ ଅଭିଯୋଗ କରିଥିଲେ । ଏହାର ନକଲ ତହସିଲଦାର ନିଶ୍ଚିନ୍ତକୋଇଲି , ମାହାଙ୍ଗା ବିଧାୟକଙ୍କ ଅବଗତି ନିମନ୍ତେ ପ୍ରେରଣ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଶୁଭକାନ୍ତ ପରିଡ଼ା କର୍ମଚାରୀ ଙ୍କ ଉପସ୍ଥିତିରେ ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ଅମୀନ ସନ୍ତୋଷ କୁମାର ସାହୁ ଉକ୍ତ ୮ଇ କେନାଲ ବନ୍ଧ ରାସ୍ତାକୁ ସରକାରୀ ସ୍ତରରେ ମାପଚୁପ କରି ସୀମା ନିର୍ଦ୍ଧାରଣ କରିଛନ୍ତି । ଏହି ମାପ ସମୟରେ କିଛି ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।।

## ଫର୍ଣ୍ଣିଚର ପ୍ଲାଜା ଆଣ୍ଡ ଇଲେକ୍‌ଟ୍ରୋନିକର ବାର୍ଷିକ ଉତ୍ସବ

ପାରାଦୀପ ,( ଜି ପ୍ର ): ଫର୍ଣ୍ଣିଚର ପ୍ଲାଜା ଆଣ୍ଡ ଇଲକ୍ଟ୍ରୋନିକର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଧ୍ୟାକାଳିନ ମୁଖ୍ୟସଭାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୌର ପାଳିକାର ଅଧକ୍ଷ ବସନ୍ତ କୁମାର ବିଶ୍ୱାଳ ଯୋଗ ଦେଇଥିବା ବେଳେ ସାଂସଦ ପ୍ରତିନିଧି ଗୌତମ ନାୟକ,ଇକୋ ବ୍ୟାଙ୍କ ମ୍ୟାନେଜର ଅନିଲ କୁମାର ପଣ୍ଡା, ପାରିଷଦ ଅଜିତ ଷଡଙ୍ଗୀ ଓ ପୂର୍ବତନ ପାରିଷଦ ସଙ୍କର ରାଉତ ପ୍ରମୁଖ ଯୋଗଦେଇ ଫର୍ନୀଚର ପ୍ଲାଜା ଆଣ୍ଡ ଇଲକ୍ଟ୍ରୋନିକର ଗ୍ରାହକ ସେବା ଉପରେ ଉପଭୋକ୍ତା ମାନଙ୍କ ଆଗରେ ଅଲୋକପାତ କରିଥିଲେ । ସର୍ବଶେଷରେ ଚଳିତ ବର୍ଷ ଆଠ ଗୋଟି ପ୍ରାଇଜ ନିମନ୍ତେ ଲଟେରୀ ଉଠାଣ କରାଯାଇଥିଲା ।

## କେମ୍ ଓ ସିମ୍ଫୋନି ପକ୍ଷରୁ ହାସ୍ୟ ସୃଜନ ଆସର

କେନ୍ଦ୍ରାପଡ଼ା, (ସ୍ୱପ୍ର ): ସାମ୍ପ୍ରତିକ ସମୟରେ ବହୁଧା ଚାପଗ୍ରସ୍ତ ମଣିଷ ଖୁବ୍ କମ୍ ହସିବାର ଅବକାଶ ପାଇଥାଏ । କର୍ମବ୍ୟସ୍ତ ମଣିଷ ପାଇଁ ହାସ୍ୟରସର ଆବଶ୍ୟକତା ସୂଚାଇବାକୁ ଯାଇ ପ୍ରତିଷ୍ଠିତ ସାରସ୍ୱତ, କଳା ଓ ସାଂସ୍କୃତିକ ଅନୁଷ୍ଠାନ କେମ୍ ଓ ସିମ୍ଫୋନି ପକ୍ଷରୁ ଏକ ଅଭିନବ ହାସ୍ୟ ସୃଜନ କାର୍ଯ୍ୟକ୍ରମ ଚୁଟକୁଲିଆ ସଞ୍ଜ ଅନୁଷ୍ଠିତ ହୋଇଯାଇଛି । ଘମା ଘୋଟ ଯୁଦ୍ଧ ଚାପର ସାମାନ୍ୟ ପ୍ରଶମିତ ପାଇଁ ଏକ ଚୁଟକୁଲିଆ ସନ୍ଧ୍ୟାରେ ମା ଧପୂର୍ ଠାରେ କେମ୍ ଓ ସିମ୍ଫୋନିର ମିଳିତ ପ୍ରୟାସରେ ଏକ ବ୍ୟଙ୍ଗ କବିତା, ଗଳ୍ପ, ସଙ୍ଗୀତ ଆସର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ ବିରଜା ରାଉତରାୟଙ୍କ ସଂଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେମ୍‌ର ସମ୍ପାଦକ ଇ ଅକ୍ଷୟ କୁମାର ପାଣି , ସିମ୍ଫୋନି ସମ୍ପାଦକ ଡ ବିନାୟକ ପ୍ରଧାନ, ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ, ବିଶିଷ୍ଟ ବ୍ୟଙ୍ଗ କବି ଅପର୍ତ୍ତି ସେଠୀ, ଅଜୟ କୁମାର ପାତ୍ର ଯୋଗ ଦେଇ କହିଲେ ବ୍ୟସ୍ତ ବହୁଳ ଜୀବନରେ ମଣିଷ ପ୍ରବଳ ଚାପଗ୍ରସ୍ତ ହୋଇ ବିଭିନ୍ନ ରୋଗ ବ୍ୟାଧିର ସମ୍ମୁଖୀନ ହେଉଛି । ଏହାକୁ ପ୍ରଶମିତ କରିବା ପାଇଁ ହସ ଓ ବ୍ୟଙ୍ଗ ଏକ ମହଉଷଧି ଭାବେ କାମ କରିଥାଏ । ସହଜେ ଏବେ ଯୁଦ୍ଧ ର ଚାପକୁ ସାମାନ୍ୟ ହାଲକା କରିବା ପାଇଁ ଏହି ଚୁଟକୁଲିଆ ସନ୍ଧ୍ୟାରେ ବ୍ୟଙ୍ଗ ସାହିତ୍ୟ ଆସର୍ ଅତ୍ୟନ୍ତ ସମୟପୋଯୋଗି ପଦକ୍ଷେପ । ଏହି ଆସରରେ କବି ସ୍ୱପ୍ନାଂଶୁ କୁମାର ଦାସ, ନୃସିଂହ ଚରଣ ତ୍ରିପାଠୀ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ରଜନୀକାନ୍ତ ଦାସ, ଗୋଲାପ ରାଉ୍,ରଞ୍ଜନ ବାଇ, ବସନ୍ତ କୁମାର ପରିଡ଼ା, ଦୀପକ ସାହ ପ୍ରମୁଖ ଅତି ସୁନ୍ଦର ମନ ଲୋଭା, ମଜାଦାର କବିତା, ଗଳ୍ପ, ସଂଳାପ ପଠନ କରିଥିଲେ । କଳାକାର ମୁନା ସୁନ୍ଦର୍ ଭାବେ ବିଶିଷ୍ଟ ଗୀତିକାର ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ଗାନ କରିଥିଲେ । ସର୍ବଶେଷରେ ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବାଲି ଗାଡିରୁ ଚାନ୍ଦା ଆଦାୟ : ଗାଡି ଚଳାଚଳ ବନ୍ଦ କଲେ ଯୁବକ

ପାଣିକୋଇଲ,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତର ରାଣିଗୋଡା ଛକ ନିକଟରେ ବାଲି ଚାନ୍ଦା ଆଦାୟକାରୀ ଓ ହାଇୱା ଚାଳକ ମଧ୍ୟରେ ଗଣ୍ଡଗୋଳ ଘଟିବା ପରେ ରାସ୍ତାରେ ଗାଡି ଚଳାଚଳକୁ ବିରୋଧ କରି ଗାଡି ଚଳାଚଳ ବନ୍ଦ ହୋଇଥିଲା । ଘଟଣାସ୍ଥଳେ ପୁଲିସ ପହଂଚିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ପ୍ରକାଶଯେ ବାଲି ଗାଡିରୁ ବେଆଇନ ଭାବେ ବୈତରଣୀରୋଡରୁ ସଠିପୁର ମଧ୍ୟରେ ଅନେକ ସ୍ଥାନରେ ବେଆଇନ ଭାବେ ଚାନ୍ଦା ଆଦାୟ କରାଯାଉଛି । ଯେହେତୁ ବାଲି ଗାଡି ଗୁଡିକ ବେଆଇନ ଭାବେ ବାଲି ଉଠାଣ କରୁଛନ୍ତି ସେମାନେ ଚାନ୍ଦା ଦେବାକୁ ବାଧ୍ୟ ହେଉଛନ୍ତି । ଅପରପକ୍ଷେ ଦିନକୁ ଦିନ ଚାନ୍ଦା ଆଦାୟ ବଢ଼ିବାରେ ଲାଗିଛି । ଗୁରୁବାର ରାତିରେ ଚାନ୍ଦା ଆଦାୟକୁ କେନ୍ଦ୍ର କରି ଚାଳକ ଓ କେତେକ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ କିଛି ଯୁବକ ଗାଡିର କାଚ ଭାଂଗିଥିଲେ । ଏହା ପରେ ୪୦ରୁ ଉର୍ଦ୍ଧ ହାଇୱା ଚାଳକ ଏକାଠି ହୋଇ ଆସିବାରୁ ସେମାନଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହାକୁ କେନ୍ଦ୍ର କରି ଆଜି ସକାଳୁ ରାଣିଗୋଡା ଠାରେ କିଛି ଯୁବକ ବାଲି ଗାଡି ଚଳାଚଳକୁ ବିରୋଧ କରି ଗାଡି ଛାଡିନଥିଲେ । ଫଳରେ ରାସ୍ତା ଉପରେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହିଥିଲା । ପାଣିକୋଇଲି ପୁଲିସ ଘଟଣାସ୍ଥଳେ ପହଂଚିବାରୁ ଗାଡି ଅଟକାଉଥିବା ଯୁବକ ମାନେ ଛତ୍ରଭଂଗ ଦେଇଥିଲେ । ଫଳରେ ମଧ୍ୟାନ୍ନରୁ ବାଲି ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ବଣ୍ଟନ

ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଆଜି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ତାଙ୍କ ବିଧାୟକ ପାଣ୍ଠିରେ ବ୍ଲକ ଅନ୍ତର୍ଗତ ୨୬ ଗୋଟି ପଂଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ କାର୍ଯ୍ୟାଦେଶ ବଂଟନ କରିଛନ୍ତି । ଏହି ଉପଲକ୍ଷେ ବ୍ଲକ ସଭାକକ୍ଷରେ ବିଡ଼ିଓ ନମିତା ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପାଟକୁରା ବିଧାୟକ ଶ୍ରୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟାଦେଶ ସବୁ ବଂଟନ କରିଥିଲେ । ବିଧାୟକଙ୍କର ଏହି ପାଣ୍ଠିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ରାସ୍ତାଘାଟ, ସ୍କୁଲ, ମନ୍ଦିର



ଇତ୍ୟାଦିର ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି ଜଣାଯାଇଛି । ବିଧାୟକ ଶ୍ରୀ ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ ପାଟକୁରାର ଉନ୍ନତି ପାଇଁ ସେ ସଦା ସର୍ବଦା ଉଦ୍ୟମ କରି ଆସୁଥିବା ବେଳେ ସରକାରଙ୍କ ପକ୍ଷରୁ ପ୍ରଦତ ୨ କୋଟି ୨୧ ଲକ୍ଷ ୨୦ ହଜାର ଟଙ୍କାର ବିଧାୟକ ହାତପାଣ୍ଠିରେ ଡେରାବିଶ ଅଂଚଳର ବେଶ ଉନ୍ନତି ହୋଇପାରିବ ବୋଲି କହିଥିଲେ । ଆଜିର କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟଙ୍କ ସମେତ ବ୍ଲକ ଅନ୍ତର୍ଗତ ୨୬ ଗୋଟି ପଂଚାୟତର ସରପଂଚ ଓ ସମିତିସଭ୍ୟ ଏବଂ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମଖଣ୍ଡ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନଟବର ମହାନ୍ତିଙ୍କ ଏକାଦଶାହ ଉପଲକ୍ଷେ ଶୋକସଭା ପ୍ରଦୀପ କୁମାର ସାମଲଙ୍କ ସଭାପତିତରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ବରୀ ବି ଜେ ପି ନେତା ଉମେଶ ଜେନା ,ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ ,ଆଶୁତୋଷ ପରିଡା ଯୋଗ ଦେଇ ନଟବର ମହାନ୍ତି ଙ୍କ ଗୁଣାବଳୀ ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟ ରେ ବାଗ୍ମୀ ସମାଜସେବୀ ପ୍ରହଲ୍ଲାଦ ପଣ୍ଡା, ନିରଞ୍ଜନ ନାୟକ, ପ୍ରଦୀପ ଦାସ, ପୂର୍ବତନ ସରପଞ୍ଚ ନାରାୟଣ ପତି ଚିନ୍ତାମଣି ସୁର, କାଳନ୍ଦୀ କଣ୍ଡ, ରମେଶ ଦାସ ପୂର୍ଣ୍ଣାନନ୍ଦ ପଳେଇ, ରବୀନ୍ଦ୍ର ମିଶ୍ର ବାଟକୃଷ୍ଣ ସାହୁ ନଟବର ସେଠି ଓ ବହୁ ବୁଦ୍ଧିଜୀବୀ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ । ଗୋଲଖ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

### ଅମରାବତୀ ଦୁର୍ଗର ରକ୍ଷଣାବେକ୍ଷଣ ପ୍ରତି ନିଘା ନାହିଁ

## ଭଗ୍ନ ଅବସ୍ଥାରେ ଇନ୍ଦ୍ର, ଇନ୍ଦ୍ରାଣୀଙ୍କ ମୂର୍ତ୍ତି: ପର୍ଯ୍ୟଟକ ବିମୁଖ

ଚଣ୍ଡିଖୋଲ,(ବେଣୁଧର ପଣ୍ଡା):ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରଶିଦ୍ଧିଲାଭ କରିଥିବା ଯାଜପୁର ଜିଲ୍ଲା ଛତିଆର ଐତିହାସିକ କୀର୍ତ୍ତିରାଜୀ ବିମଣ୍ଡିତ ଅମରାବତୀ ଦୁର୍ଗର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନଥିବାରୁ ଏବେ ଏହି ଐତିହାସିକ ସ୍ଥଳ ତାର ଅସ୍ତିତ୍ୱ ହରାଇବାକୁ ବସିଛି । ଏଠାରେ ଥିବା ଇନ୍ଦ୍ର ,ଇନ୍ଦ୍ରାଣୀଙ୍କର ଦୁର୍ଲଭ ଓ ବିରଳ ମୂର୍ତ୍ତି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବାରୁ ତାହା ଭାଙ୍ଗିରୁଜି ଗଲାଣି । ଯାହାକୁ ନେଇ ଏବେ ପର୍ଯ୍ୟଟକମାନେ ବିମୁଖ ହେଉଛନ୍ତି । ଖ୍ରୀଷ୍ଟପୂର୍ବ ୭୩୬ ରୁ ଖ୍ରୀ ୯୫୦ ପର୍ଯ୍ୟନ୍ତ ଭୌମକରମାନେ ଗୁହଦେପାଟକ(ଆଧୁନିକ ଯାଜପୁର)ରୁ ଓଡିଶା ଶାସନ କରୁଥିଲେ । ସେହି ସମୟରେ ଏହି ଏହି ଅମରାବତୀ ପୀଠକୁ ନିର୍ମାଣ କରିଥିଲେ । ପରେ ସୋମବଂଶର ରାଜାଙ୍କ ଦଖଲକୁ ଏହା ଯାଇଥିଲା ଓ ପରବର୍ତ୍ତୀ ସମୟରେ ଗଙ୍ଗ ବଂଶର ରାଜା ଚୋଡ଼ଗଙ୍ଗ ଦେବ ଏହାକୁ ଦଖଲ



କରିଥିଲେ । ଏହି ଐତିହାସିକ ଦୁର୍ଗ ଯାଜପୁର ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବା ବେଳେ ରକ୍ଷଣାବେକ୍ଷଣ କାହାରି ଗୁରୁତ୍ୱ ନଥିବାରୁ ଏବେ ଏହା ଅସ୍ତି ହରାଇବାକୁ ଯାଉଛି । ଧନିଆ ପାହାଡ଼ ପାଦ ଦେଶରେ ୯ ଏକର ୩୬ ଡ଼ିସିମିଲ ପରିମିତ ଜମିରେ ଏହି ଦୁର୍ଗ ଅବସ୍ଥିତ । ଦୁର୍ଗ ଭିତରେ ରାଜ ମଣ୍ଡପ,ରାଣୀ ହଂସପୁର ଓ ବିଚାର ମଣ୍ଡପ ରହିଛି । ଯୁଦ୍ଧ ସମୟରେ ଏହି ଦୁର୍ଗରେ ସେନାପତିଙ୍କ ସହିତ ସୈନ୍ୟବାହିନୀ ରହୁଥିଲେ । ଏହି ଦୁର୍ଗର ପ୍ରବେଶ ଦ୍ୱାରରେ ପ୍ରସ୍ତର ନିର୍ମିତ ତୋରଣ ରହିଛି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ନିର୍ଦ୍ଦେଶରେ ୧୯୪୦ ରୁ ୧୯୪୫ ମସିହା ମଧ୍ୟରେ ଦୁର୍ଗର ବଡ଼ କୂଦକୁ ଖନନ କରାଯାଇଥିଲା । ଖନନ ସମୟରେ ଇନ୍ଦ୍ର ଇନ୍ଦ୍ରାଣୀଙ୍କ ମୂର୍ତ୍ତି ସହିତ ସେ ସମୟର ପିତଳ ବାସନ, ବିଭିନ୍ନ ମୂର୍ତ୍ତି ଓ ପ୍ରସ୍ତର ନିର୍ମିତ ଖଣ୍ଡା ଆଦି ଆବିଷ୍କାର ହୋଇଥିଲା ।ଏହିସବୁ ବିରଳ କୀର୍ତ୍ତିରାଜିକୁ ପ୍ରତ୍ନତତ୍ତ୍ୱ ବିଭାଗ ରାଜ୍ୟ ସଂଗ୍ରହାଳୟକୁ ନେଇ ସଂରକ୍ଷିତ କରିଥିଲା ବେଳେ ଆଉକିଛି ଦୁର୍ଲଭ ମୂର୍ତ୍ତି ଏବେ ବି ଏଠାରେ ପଡିରହିଛି ।ସେଥି ମଧ୍ୟରୁ ଇନ୍ଦ୍ର ଇନ୍ଦ୍ରାଣୀ ମୂର୍ତ୍ତି ଅନ୍ୟତମ । ସୂଚନା ମୁତାବକ ଏହି ଦୁର୍ଗର ଗାରିମା ବୃଦ୍ଧି ପାଇଁ ଏହାର ସମ୍ମୁଖ ଭାଗକୁ ଲାଗି ରହିଥିବା ୩ ଏକର ଜମିରେ ତୁଳସୀବଣ କରିବା ପାଇଁ ୧୯୬୫ ମସିହାରେ ତତ୍କାଳୀନ କଟକ ଜିଲ୍ଲାପାଳ ଅମରାବତୀ ପିଠାଧିଶ ଅଲେଖ ଚନ୍ଦ୍ର ଗୋସ୍ୱାମୀଙ୍କୁ ସେହି ଜମି ଲିଜ ଦେଇଥିଲେ ।ହେଲେ ପରବର୍ତ୍ତୀ ସମୟରେ ସେଠାରେ ତୁଳସି ବଣ ତ ହେଲାନାହିଁ ବରଂ ଏହି ଜମିକୁ କେତେକ ବ୍ୟକ୍ତି ଦଖଲ କରିନେଇଥିବା ଜଣାପଡିଛି ।ତେବେ ଯାଜପୁର ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ବହନ କରୁଥିବା ଏଭଳି ଏକ ଐତିହାସିକ ଦୁର୍ଗ ଓ ପର୍ଯ୍ୟଟନ ସ୍ଥଳକୁ ପୁନଃର୍ଜୀବୀତ କରିବା ସହ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯିବା ଜରୁରୀ ହୋଇପଡିଛି ।ଅସ୍ତିତ୍ୱ ହରାଇବା ପୂର୍ବରୁ ଏହାର ରକ୍ଷଣାବେକ୍ଷଣ ସହିତ ପର୍ଯ୍ୟଟକ,ଗବେଷକ ଓ ପରବର୍ତ୍ତୀ ପିଢ଼ି ପାଇଁ ଏହି ଦୁର୍ଗକୁ ଯତ୍ନର ସହିତ ସୁରକ୍ଷିତ କରି ରଖିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ସରକାରଙ୍କ ପାଖରେ ଦାବି ହୋଇଛ ।

## ଷ୍ଟାଣ୍ଡିଂ କମିଟି ବୁଲି ଦେଖିଲେ ବିଦ୍ୟୁତ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ବିଧାନସଭାର ବିଭାଗୀୟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି–ଏକ୍ସ (ଶକ୍ତି)ର ଏକ ପ୍ରତିନିଧି ଦଳ ଭୁବନେଶ୍ୱରର ପାୱାର ହାଉସ ଛକନିକଟରେ ଥିବା ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ୍)ର ବିଦ୍ୟୁତ୍ ବଂଟନ ପ୍ରଯୁକ୍ତି କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହିପରିଦର୍ଶନର ଲକ୍ଷ୍ୟ ହେଉଛି ଓଡ଼ିଶା ବିଦ୍ୟୁତ୍ ବଂଟନ ବ୍ୟବସ୍ଥାରେ ଡିଜିଟାଲ ଭିତ୍ତିଭୂମି ଓ ପରିଚାଳନାରେ ଚାଲିଥିବା ଉନ୍ନତିର ସମୀକ୍ଷା କରିବା।ଷ୍ଟାଣ୍ଡିଂ କମିଟି–ଏକ୍ସ (୨୦୨୫–୨୬)ର ଅଧକ୍ଷ ତଥା ବିଧାୟକ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳରେ ବିଧାୟକ ଶ୍ରୀସରୋଜ କୁମାର ପ୍ରଧାନ, ବିଧାୟକ ଶ୍ରୀ ଦିବ୍ୟ ଶଙ୍କର ମିଶ୍ର ଓ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପ୍ରଯୁକ୍ତି କେନ୍ଦ୍ର ପରିଦର୍ଶନକରିଥିଲେ। ତାଙ୍କ ସହିତ ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଟିପିସିଓଡିଏଲର ନେତୃତ୍ୱ ଦଳ ଉପସ୍ଥିତ ଥିଲେ।ଟିପିସିଓଡିଏଲ୍ ଅଧିକାରୀ ମାନେ କମିଟି ସଦସ୍ୟଙ୍କୁ ସୁପରଭାଇଜରି କଂଟ୍ରୋଲ୍ ଓ ଡାଟା ଆର୍କ୍ୱିଜିସନ୍ (ସ୍କାଡା) ପ୍ଲାଟଫର୍ମ କିଭଳି ବିଦ୍ୟୁତ୍‌ନେଟୱର୍କର ବାସ୍ତବ ସମୟ ନିରୀକ୍ଷଣ କରିବା ସହିତ ବୁଦ୍ଧିମତାର ସହ ତ୍ରୁଟିକୁ ଅଲଗା କରୁଛି ଏବଂ ଗ୍ରିଡ ପରିଚାଳନାକୁ ସ୍ୱୟଂକ୍ରିୟ କରିପାରିଛିତାହା ବୁଲି ଦେଖାଇଥିଲେ ।କମିଟିର ସଦସ୍ୟମାନଙ୍କୁ ବିଦ୍ୟୁତ୍ ବଂଟନ ପ୍ରଯୁକ୍ତି କେନ୍ଦ୍ରର ଦକ୍ଷତା ବିଷୟରେ ଅବଗତ କରାଯାଇଥିଲା। ଯେଉଁଥିରେ ରହିଛି କେନ୍ଦ୍ରୀୟ ବିଦ୍ୟୁତ୍‌ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର (ସିପିଏସ୍‌ସିସି) ଓ ଗୁରୁତ୍ୱପୂର୍ଣ୍ଣ ଏରିଆ ପାୱାର ସିଷ୍ଟମ୍ କଂଟ୍ରୋଲ୍ ସେଂଟର (ଏପିଏସ୍‌ସିସି)। ଏହି ଅତ୍ୟାଧୁନିକବ୍ୟବସ୍ଥାଗୁଡ଼ିକ ମିଳିତ ଭାବେ କାମ କରୁଛି ଯାହା ଦ୍ୱାରା ଚବିଶ ଘଂଟା ନିରୀକ୍ଷଣ, ନିରବଚ୍ଛିନ୍ନ ଯୋଗାଣ ପରିଚାଳନା ଏବଂ ଟିପିସିଓଡିଏଲ୍‌ର ସମଗ୍ରନେଟୱର୍କରେ ବିଦ୍ୟୁତ୍ ବିଭ୍ରାଟର ଦ୍ରୁତ ସମାଧାନ ସୁନିଶ୍ଚିତ କରାଯାଇପାରୁଛି।ପ୍ରଯୁକ୍ତିରେ ହୋଇଥିବା ଏହି ଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ କମିଟିର ଅଧକ୍ଷ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ‘ବିଦ୍ୟୁତ୍ ବଂଟନପ୍ରଯୁକ୍ତି କେନ୍ଦ୍ରରେ ମୁତୟନ କରାଯାଇଥିବା ଅତ୍ୟାଧୁନିକ ବ୍ୟବସ୍ଥା ବାସ୍ତବରେ ପ୍ରଶଂସାଯୋଗ୍ୟ। ବାତ୍ୟା ଓ ଉଗ୍ରବାଦ ଭଳି ଜରୁରୀକାଳୀନ ଓବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା କରିବାକୁ ଏହି କେନ୍ଦ୍ରରେ ଉମ ବ୍ୟବସ୍ଥା ରହିଛି।’’ ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ କମିଟିର ପରିଦର୍ଶନ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇ କହିଛନ୍ତି ଯେ, ‘ଷ୍ଟାଣ୍ଡିଂ କମିଟିର ସମସ୍ତମାନ୍ୟବର ସଦସ୍ୟଙ୍କୁ ଆମନ୍ତ୍ରଣ କରି ଏବଂ ସେମାନଙ୍କ ସାମ୍ନାରେ ଓଡ଼ିଶା ବିଦ୍ୟୁତ୍ ବଂଟନ କ୍ଷେତ୍ରରେ ଜାରି ରହିଥିବା ରୂପାନ୍ତରଣକୁ ପ୍ରଦର୍ଶନ କରିଆମେ ଗର୍ବିତ।

## ଗହଣା ବ୍ୟବସାୟୀଙ୍କୁ ଗୁଳିମାଡ

# ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଲୁଟ୍



ବାଲୁଗାଁ,(ସବ୍ୟୁ) :ଶୁକ୍ରବାର ସକାଳେ ବାଲୁଗାଁ ଥାନା ଅଧିନ ନିମିକ୍ଷେତା ଗ୍ରାମ ରାସ୍ତାରେ ଜଣେ ଗହଣା ବ୍ୟବସାୟୀଙ୍କୁ ଗୁଳିମାଡ କରି ଦୁର୍ବୃତ୍ତ ମାନେ ପ୍ରାୟ ୧୫ ଲକ୍ଷରୁ ଉର୍ଦ୍ଧ ଟଙ୍କାର ରୁପା ଓ ସୁନା ଅଳଙ୍କାର ଲୁଟିନେଇଛନ୍ତି ।ଏହି ଘଟଣାରେ ସ୍ଥାନୀୟ ଉମାକାନ୍ତପୁର ଗ୍ରାମର ବ୍ୟବସାୟୀ ପ୍ରହଲ୍ଲାଦ ନାୟକ( ୪୨) ଗୁରୁତର ଆହତ ହୋଇଛନ୍ତି । ତାଙ୍କର ଡାହାଣ ଛାତି ଏବଂ କାନ୍ଧରେ ଦୁଇଟି ଗୁଳି ବାଜିଛି । ଦୁଇଟି ପଲସର ବାଇକରେ ୫ ଜଣ ଦୁର୍ବୃତ୍ତ ଆସିଥିଲେ । ଲୁଟ ପରେ ସେମାନେ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି ।ଖବର ପାଇ ବାଲୁଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ପ୍ରବେଶ ପଥକୁ ସିଲ କରି ତନାଘନା ଯାଞ୍ଚ କାର୍ଯ୍ୟ ଜାରି ରଖିଛନ୍ତି ଖବର ନେବାରେ ଜଣାଯାଇଛି, ବାଲୁଗାଁ ବଜାରରେ ପ୍ରହଲ୍ଲାଦଙ୍କ ଓଁ କାର ଜୁଏଲର୍ସ ଦୋକାନ ରହିଛି । ଦୈନନ୍ଦିନ ସକାଳୁ ସେ ସ୍ଥାନୀୟ ଗ୍ରାମାଞ୍ଚଳ ବୁଲି କ୍ଷୁଦ୍ର ବ୍ୟବସାୟୀଙ୍କୁ ରୁପା ଓ ସୁନା ଅଳଙ୍କାର ବିକ୍ରି କରି ପୂର୍ବାହ୍ନ ୧୦ ଘଟିକାରେ ଦୋକାନ ଖୋଲନ୍ତି । ଦୈନନ୍ଦିନ ପରି ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୮ଟାରେ ସେ ୧୫ କିଲୋ ରୁପା ଏବଂ ୨୦ଗ୍ରାମ ସୁନା ଅଳଙ୍କାର ଥିବା ବ୍ୟାଗକୁ ବାଇକ ଡ଼ିକିରେ ରଖି ବ୍ୟବସାୟ ନିମନ୍ତେ ଘରୁ ବାହାରିଥିଲେ । ନିମିକ୍ଷେତା ଗ୍ରାମ ପଛ ରାସ୍ତାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଦୁଇଟି ପଲସର ବାଇକରେ ୫ ଜଣ ଦୁର୍ବୃତ୍ତ ପ୍ରହଲ୍ଲାଦଙ୍କୁ ଘେରି ଯାଇ ବନ୍ଧୁକ ମୁନରେ ଭୟଭୀତ କରି ଡ଼ିକିରୁ ଅଳଙ୍କାର ବ୍ୟାଗଟିକୁ ଲୁଟିନେବା ପାଇଁ ଉଦ୍ୟମ କରିଥିଲେ । ତେବେ ପ୍ରହଲ୍ଲାଦ ଏବଂ ଦୁର୍ବୃତ୍ତଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ହୋଇଥିଲା । ଏହା ପରେ ଜଣେ ଦୁର୍ବୃତ୍ତ ପ୍ରହଲ୍ଲାଦଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲା । ଫଳରେ ଗୁଳି ତାଙ୍କର ଡାହାଣ ଛାତି ଏବଂ କାନ୍ଧରେ ବାଜିଥିଲା ।ରକ୍ତାକ୍ତ ଅବସ୍ଥାରେ ସେ ତଳେ ପଡିଯିବା ପରେ ଦୁର୍ବୃତ୍ତ ମାନେ ଡ଼ିକିରୁ ଅଳଙ୍କାର ବ୍ୟାଗଟି କୁ ଲୁଟି ନେଇ ବାଲୁଗାଁ ବାଇପାସ ୧୬ ନଂ ଜାତୀୟ ରାଜପଥ ଦେଇ ଗଞ୍ଜାମ ଅଭିମୁଖେ ପଳାଇଥିଲେ । ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ପ୍ରହଲ୍ଲାଦଙ୍କୁ ଚିକିତ୍ସାପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତାଙ୍କ ଶରୀରରେ ଦୁଇଟିଯାକ ଗୁଳି ରହିଥିବା ବେଳେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଅନ୍ୟ ପକ୍ଷରେ ବାଲୁଗାଁ ଏସ ଡ଼ି ପି ଓ ସଞ୍ଜୟ ପଟ୍ଟନାୟକ ଏବଂ ଆଇ ଆଇ ସି ଜୟ ପ୍ରକାଶ ପରିଡା ପହଞ୍ଚି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଉକ୍ତ ରାସ୍ତାରେ ଥିବା ସି ସି କ୍ୟାମେରା ଫୁଟେଜକୁ ଯାଞ୍ଚକାର୍ଯ୍ୟ ଚଳାଇଛନ୍ତି ।

## ଅପରେସନ ସିନ୍ଦୁର ପାଇଁ ବିଜୟ ଉତ୍ସବ

ଖଣ୍ଡପଡା,(ସବ୍ୟୁ) : ଅପରେସନ ସିନ୍ଦୁର ଜରିଆରେ ପାକିସ୍ଥାନ ଉପରେ ଘନ ଘନ ଆକ୍ରମଣ ଜାରି ରଖିଛି ଭାରତ । ଜାମ୍ମୁ କାଶ୍ମୀରର ପହଲଗାଓଁରେ ଆତଙ୍କବାଦୀମାନେ ରଚିଥିବା ତାଣ୍ଡବଲୀଳାର କଡ଼ା ଜବାବ ଭାରତୀୟ ସେନା ଦେଉଥିବାରୁ ସମଗ୍ର ଦେଶବାସୀଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି । ଏ ପରିପ୍ରେକ୍ଷୀରେ ଖଣ୍ଡପଡା ଅଂଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇ ଭାରତୀୟ ଜବାନ ମାନଙ୍କ ମନୋବଳ ବୃଦ୍ଧି ପାଇଥିବା ଜଣାପଡିଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟମାନେ ଭାରତ ମାତା କି ଜୟ ସ୍ଲୋଗାନ ଦେଇ ବିଜୟ ଉତ୍ସବ ପାଳିଥିବା ବେଳେ ଖଣ୍ଡପଡା ବ୍ଲକ ଅଧିନ ବାହାଡା ଗ୍ରାମର ଭିଜନ ଟ୍ୟୁଟୋରିଆଲର ଛାତ୍ରଛାତ୍ରୀମାନେ ମଧ୍ୟ ଭାରତର ଆକ୍ରମଣ ନିଷ୍ପତିକୁ ସ୍ୱାଗତ କରିଛନ୍ତି। ଆତଙ୍କବାଦର ମୂଳଉତ୍ପାଟନ ପାଇଁ ଭାରତ ନେଇଥିବା ଦୃଢ ନିଷ୍ପତ୍ତିକୁ ଖଣ୍ଡପଡା ଅଂଚଳବାସୀ ସ୍ୱାଗତ କରିବା ସହ ଏ ନେଇ ବିଭିନ୍ନ ସ୍ଥାନରେ ବିଜୟ ଉତ୍ସବ ପାଳିଥିବା ଜଣାପଡିଛି ।

# ଗାଡ଼ି ପୋଡ଼ିବା ସହ ହତ୍ୟା

ବାରଙ୍ଗ,(ସବ୍ୟୁ):ବାରଙ୍ଗ ଥାନା ଅଧିନସ୍ଥ ଗୋଡିସାହି ମୁଣ୍ଡଳି ପୁରୀ ମୁଖ୍ୟକେନାଲ ବନ୍ଧ ରାସ୍ତାରେ ଗୁରୁବାର ବିଳମ୍ବିତ ରାତିରେ ଗୋରୁଚାଲାଣ କରୁଥିବା ଗୋଟିଏ କାରକୁ ପୋଡ଼ିଦେବା ସହିତ ଦୁର୍ବୃତ୍ତମାନେ ଜଣକୁ ହତ୍ୟା କରିଛନ୍ତି । ମୃତକ ହେଉଛନ୍ତି କଟକ ଦେଓ୍ୱନ ବଜାରର ଶେଖ୍ ରାହିଲ(୨୩)।ଶେଖ୍ ରାହିଲର ଭାଇଶେଖ୍ ସାଜିଦ୍‌ଙ୍କ ଅଭିଯୋଗ ଆଧାରରେ ପୋଲିସ କେଶ ନଂ ୨୪୩/୨୫ ରେ ଏକ ହତ୍ୟା ମାମଲା ରୁଜୁକରି ଗୋଡିସାହି ଗ୍ରାମର ସିଲୁ ସାହୁ ନାମକ ଯୁବକକୁ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରକାଶଯେ, ଶୁକ୍ରବାର ଭୋର ସମୟରେ ଗୋଡିସାହି ମୁଣ୍ଡଳି ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାର କିଛି ଦୁରରେ ଥିବା କଣ୍ଟାବାସେଲୀ ମନ୍ଦିର ଜଙ୍ଗଲ ରାସ୍ତାରେ ଗୋଟିଏ କାର ଜଳୁଥିବାର କେନାଲକୁ ଗାଧୋଇବା ପାଇଁ ଆସୁଥିବା ସ୍ଥାନୀୟ ଲୋକମାନେ ଦେଖି ବାରଙ୍ଗ ଥାନାକୁ ସୂଚନା ଦେଇଥିଲେ। ସୂଚନା ପାଇ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ କାରଟିଏ ସଂପୂର୍ଣ୍ଣ ନିଆଁରେ ଜଳି ଯାଇଥିଲା ଏବଂ ରାସ୍ତାରେ ପ୍ରବଳ ରକ୍ତ ପଡ଼ିଥିବାର ଦେଖିବାକୁ ପାଇଥିଲେ।ଏହାସହ ପୁରୀ ମୁଖ୍ୟକେନାଲ ବନ୍ଧ ଏକ ବୁଦା ପାଖରେ ଗୋଟିଏ ଅଚିହ୍ନା ଯୁବକଙ୍କ ମୃତଦେହ ପଡ଼ିଥିବା ଜଣାପଡିଥିଲା। ଏହାର କିଛି ଦୁରରେ ଏକ କାଠ ଠେଙ୍ଗା, ରକ୍ତଭିଜା ଏକ ଷ୍ଟିଲ ପାଇପ୍, ଏବଂ ଗାଈମାନଙ୍କୁ ଚାଲାଣ କରାଯାଇଥିବା ରଶି ପଡ଼ିଥିବା ଦେଖିବାକୁ ମିଳିଥିଲା।ପୋଲିସ ଘଟଣାସ୍ଥଳରୁ ପ୍ରାଥମିକ ତଦନ୍ତ ବେଳେ ଏସବୁ ଜବତ କରିଛି।ଖବର ପାଇ କଟକ ଡିସିପି, ଜୋନ-୪ ଏସିପି, ବାରଙ୍ଗ ଥାନା ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି।ତେବେ ଗୋରୁ ଚାଲାଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି।ଅନ୍ୟପଟେ ମୃତଦେହକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରା ଉଚରା ଚଳାଇଛି।

## ଶ୍ରୀ ବାଲାଜୀ ଏନର୍ଜି ଷ୍ଟେସନ ଉଦ୍‌ଘାଟିତ

ବାଲିପାଟଣା ,(ସବ୍ୟୁ) :ବାଲିପାଟଣା ଛକ ନିକଟରେ ହିନ୍ଦୁସ୍ଥାନ ପେଟ୍ରୋଲିୟମର ଏକ ନୂତନ ପେଟ୍ରୋଲ ପମ୍ପ ଉଦଘାଟିତ ହୋଇଛି। ଶୁକ୍ରବାର ପୂର୍ବାହ୍ନ ରେ ସ୍ୱାତ୍ତାଧିକାରୀ ମିନାକ୍ଷୀ ସାହୁଙ୍କ ତରଫରୁ ତାଙ୍କର ପୁତ୍ର ସୌମେନ୍ଦ୍ର ସାହୁ,ପୁତ୍ରବଧୂ ସଂଗୀତା ସାହୁ ଓ ସହଯୋଗୀ ଅଜିତ କୁମାର ପାଇକରାୟ(କାଲୁ) ବିଧିବଦ୍ଧ ପୂଜାପାଠ ପରେ ଆନୁଷ୍ଠାନିକ ଭାବରେ ଏହାର ଶୁଭାରମ୍ଭ କରିଥିଲେ। ଏହାପରେ ସ୍ଥାନୀୟ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ଫିତା କାଟି ଉଦଘାଟନ କରିବାପରେ ପେଟ୍ରୋଲ ବିକ୍ରି ଆରମ୍ଭ ହୋଇଥିଲା।ଏହି ଅଞ୍ଚଳରେ ଏହା ଚତୁର୍ଥ ପେଟ୍ରୋଲ ପମ୍ପ ଭାବରେ କାର୍ଯ୍ୟାରମ୍ଭ କରିଛି।ଆବଶ୍ୟକୀୟ ବିଧିବିଧାନ ସମ୍ପନ୍ନ ପରେ ଏହା ଆସନ୍ତା ୧୮ ତାରିଖ ରୁ ଜନସାଧାରଣଙ୍କ ସେବାରେ ନିୟୋଜିତ ରହିବ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରେସ କ୍ଲବର ସଭାପତି ଦିଲୀପ କୁମାର ଓଝା , ସାମ୍ବାଦିକ ଅଭିମନ୍ୟୁ ନାୟକ , ପୂର୍ଣ୍ଣଚନ୍ଦ୍ର ଜେନା , ରମେଶ ରଥ , ବସନ୍ତ ଦାଶ , ସତ୍ୟଜିତ ପାଣି , ମାନସ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ମାଟ୍ରିକ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହଯୋଗ ପରିବାରର ସମ୍ବର୍ଦ୍ଧନା

ନିରାକାରପୁର,(ସବ୍ୟୁ):ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସ୍ଥାନୀୟ ଅଞ୍ଚଳର ଏ ଗ୍ରାନ ଛାତ୍ରଛାତ୍ରୀଙ୍କୁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ ସହଯୋଗ ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ, ଉମେଶ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ପାଇକରାୟ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବାହିନୀପତି,ବିଳାସିନୀ ପାଇକରାୟ, ଓ ଗାୟତ୍ରୀ ମିଶ୍ର ପ୍ରମୁଖ ଯୋଗଦେଇ କମାଗୁରୁ ସରକାରୀ ନୋଡାଲ ହାଇସ୍କୁଲର ଛାତ୍ର ଆର୍ଯ୍ୟ ପ୍ରସାଦ ପାଇକରାୟ , ନିରାକାରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଦେବାଶ୍ରୀତା ମିଶ୍ର ଓ ସମୀକ୍ଷା ମିଶ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହଯୋଗ ପରିବାର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ ପରିଚାଳନା କରିଥିଲେ।

## ଷ୍ଟେଟବ୍ୟାଙ୍କ କିଓସ୍କୋ ପରିଚାଳକଙ୍କ ମିଳିତ ବୈଠକ

ଟାଙ୍ଗୀ,(ସବ୍ୟୁ) :ଭାରତୀୟ ଷ୍ଟେଟ ବ୍ୟାଙ୍କ ଚାନ୍ଦପୁର ଶାଖା ପରିସରରେ ବ୍ୟାଙ୍କ ସଂପୃକ୍ତ କିଓସ୍କୋ ପରିଚାଳକ ମାନଙ୍କର ଆର ବି,ଓ ଖୋର୍ଦ୍ଧାର ଏଫ, ଆଇ ମ୍ୟାନେଜର ରବି ନାରାୟଣ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଚାନ୍ଦପୁର ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ପ୍ରଭୁ ପ୍ରସାଦ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ଜୋନର ମୁଖ୍ୟ ପରିଚାଳକ ମାଧବାନନ୍ଦ ଦାସ ଯୋଗ ଦେଇଥିବା ବେଳେ ଚାନ୍ଦପୁର, କନ୍ଧ ନୟାଗଡ଼ କେରଣ୍ଡାଟାଙ୍ଗୀ, ଅର୍ଜୁନ ପୁର ,ଗଛପତ୍ର, ହରିପୁର କଟକ ସହର ବାଲିପାଟପୁର,କାଲୁପଡା,ଭୂଷଣ୍ଡପୁର, କୁହୁଡି ସମେତ ମୋଟ ୧୨ ଜଣ କିଓସ୍କୋ ପରିଚାଳକ ଯୋଗଦେଇ ଥିଲେ। ପଦାଧିକାରୀ ମାନେ ଡିଜିଟାଲ ବ୍ୟାଙ୍କିଙ୍ଗ,ସାଇବର କ୍ରାଇମ କୁ ରୋକିବା ପାଇଁ ବିଭିନ୍ନ କୌଶଳ ବନ୍ଦ ଥିବା ଆକାଉଣ୍ଟ ଗୁଡିକୁ ଚଲାଇବା,ପ୍ରଧାନମନ୍ତ୍ରୀ ଜନଧନ ଜମା ଖାତା ଖୋଲିବା ,ରେକରିଙ୍ଗ ଜମା ଖାତା ଖୋଲିବା,ଜୀବନ ବୀମା ଆକାଉଣ୍ଟ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଯେ କୌଣସି ସମସ୍ୟାକୁ ତୁରନ୍ତ ଶାଖାପରିଚାଳକ ଙ୍କୁ ଜଣାଇ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ ଆଲୋଚନା ରେ କିଓସ୍କୋ ପରିଚାଳକ ଭାରତୀ ପାତ୍ର, ନାରାୟଣ ପ୍ରଧାନ ସୁବ୍ରତ ପଟନାୟକ,ସୁଶାନ୍ତ ପଟନାୟକ,ମିଥୁନ ଭୋଳ, ସସ୍ମିତା ଜୟନ୍ତୀ ମହାରଣା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଦଧିଚି କଲେଜରେ ନାକ କର୍ମଶାଳା

କଣ୍ଟାପଡ଼ା, (ସବ୍ୟୁ): ଓଲଟପୁର ଥାନା ଅନ୍ତର୍ଗତ ସୁନ୍ଦରଗ୍ରାମଠାରେ ଥିବା ଦଧିଚି ଫାର୍ମାସୀ କଲେଜରେ ନାକ ଅଧିସ୍ୱୀକୃତୀ ସମ୍ବନ୍ଧୀୟ ତିନିଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଦଧିଚି କଲେଜ ପରିଚାଳନା ନିର୍ଦ୍ଦେଶକ ଡଃ.ମନୋଜକୁମାର ଦାଶ ମୁଖ ଅତିଥି ଓ ବିପିୟୁଟିର ପ୍ରାକ୍ତନ କୁଳପତି ପ୍ରଫେସର ଡଃ.ଓମକାରନାଥ ମହାଁ ମୁଖବକ୍ତାଭାବେ ଯୋଗଦେଇଥିଲେ। ଅଧ୍ୟାପକ ଡଃ.ସତବ୍ରତ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ଡଃ.ରଜତକୁମାର କର କାର୍ଯକ୍ରମ ପରିଚାଳନା କରିଥିଲାବେଳେ



ଉପାଧ୍ୟକ୍ଷ ପ୍ରଫେସର ଶୋଭାବିକାଶ ସ୍ୱାଇଁ, ଡଃ.ଦୁର୍ଗାଚରଣ ସାହୁ, ଡଃ.ସଂତୋଷକୁମାର ପଣ୍ଡା, ଅଧ୍ୟାପକ ଚନ୍ଦ୍ରକାନ୍ତ ଦାସ, ଅଧ୍ୟାପକ ଜଗନ୍ନାଥ ପଣ୍ଡା ଓ ନିହାରରଂଜନ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ଶ୍ରୀତି ମୁଖାର୍ଜି ସମସ୍ତଙ୍କୁ ଧନବାଦ ଅର୍ପଣ କରିଥିଲେ।

## ଯୋଗଦେଲେ ନୂତନ ବିଇଓ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ରାମଚନ୍ଦ୍ର ବେହେରା। ଦୀର୍ଘ ଦିନ ହେବ କଣାସ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ ସତ୍ୟବାଦୀ ବ୍ଲକ୍ ଶିକ୍ଷା ଅଧିକାରୀଣୀ ଭବମ୍ ପ୍ରଧାନ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ ।ତାଙ୍କର ପୁରୀ ଜିଲ୍ଲା ସହ ଶିକ୍ଷା ଅଧିକାରୀଣି ଭାବେ ପଦୋନ୍ନତି ପାଇବା ପରେ ଡେଲାଙ୍ଗ ବ୍ଲକ୍ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ଅତିରିକ୍ତ ଦାୟିତ୍ୱ ନେଇଥିଲେ।ଶେଷରେ ଗୁରୁବାର ଦିନ ବିଧିବଦ୍ଧ ଭାବେ ରାମଚନ୍ଦ୍ର ବେହେରା କଣାସ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।ଏହି ଅବସରରେ ଶ୍ରୀ ବେହେରାଙ୍କୁ ସହ ଶିକ୍ଷା ଅଧିକାରୀ ବିନୋଦ କୁମାର ସେଠୀ,ନାରାୟଣ ପ୍ରଧାନ,ଶିକ୍ଷକ ନେତା ପ୍ରତାପ କେଶରୀ ରାୟ,ପ୍ରତାପ କେଶରୀ ଛୋଟରାୟ,ସୁଶାନ୍ତ କୁମାର ନରେନ୍ଦ୍ର,ପ୍ରହଲ୍ଲାଦ ମାନସିଂହ,ସତ୍ୟଭାମା ସୁନ୍ଦରାୟ ପ୍ରମୁଖ ଉତ୍ତରୀୟ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବ୍ରଜ କିଶୋର ପଲାଇ,ଲମ୍ବୋଦର ବେହେରା,ଗୋବର୍ଦ୍ଧନ ବେହେରା,ସିଆରସିସି ଭୂପତି ଭୂଷଣ ତ୍ରିପାଠୀ,ବିଜୟ କୁମାର ପ୍ରଧାନ,ମମତା ସାହୁ,ସନ୍ତୋଷ କୁମାର ବେହେରା,ଅଜୟ ବେହେରା,ଜ୍ୟୋତିକୃଷ୍ଣ ବେହେରା,ସତ୍ୟପିର ମଙ୍ଗରାଜ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ତାରେଣୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା

ସାକ୍ଷୀଗୋପାଳ , (ସବ୍ୟୁ) : ସ୍ଥାନୀୟ ବଳପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆନନ୍ଦପୁର ଗ୍ରାମରେ ମା' ତାରିଣୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ତିନି ବ୍ୟାପି ଏହି ପ୍ରତିଷ୍ଠା ଉତ୍ସବ ଯଜ୍ଞ ଗ୍ରାମବାସୀ ମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଜଳ କଳସ ସଂଗ୍ରହ ଠାରୁ ଦେବୀ ପ୍ରତିମାଙ୍କ ସିଂହାସନ ଆରୋହଣ ଅବସରରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲାଛ ଆନନ୍ଦପୁର ବେହେରା ସାହି, ବ୍ରାହ୍ମଣ ସାହି, କୈବର୍ତ୍ତ ସାହି, ମୁଦୁଲି ସାହିର ୩ଶହରୁ ଉର୍ଦ୍ଧ ମହିଳା ଓ ପୁରୁଷ ଛତ୍ରୀ, ତ୍ରାସ, ଘଣ୍ଟ ସଂକୀର୍ତ୍ତନ ସହ ଭାର୍ଗବୀ ନଦୀର ଭୃଗୁ ଘାଟରୁ ଜଳ କଳସ ସଂଗ୍ରହ କରି ଶୋଭାଯାତ୍ରା ରେ ତାରିଣୀ ମନ୍ଦିର ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ।ଯଜ୍ଞ ମଣ୍ଡପରେ ଦେବୀଙ୍କ ପ୍ରାଣ ପ୍ରତିଷ୍ଠା, ଜୀବନ୍ୟାସ, ଆହୁତି , ନୈବେଦ୍ୟ, ଆଳତି, ପୁଷ୍ପାଞ୍ଜଳି ସହ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସୁସଜ୍ଜିତ ବିମାନରେ ଦେବୀଙ୍କୁ ଗ୍ରାମ ପରିକ୍ରମା ଓ ଦ୍ୱାରି ଭୋଗ ସମର୍ପଣ ପରେ ନୂତନ ମନ୍ଦିର ସିଂହାସନରେ ଦେବୀ ପ୍ରତିମାଙ୍କୁ ବିଜେ କରାଯାଇଥିଲାଛ କର୍ତ୍ତା ହେମନ୍ତ ପଣ୍ଡା, କର୍ତ୍ତୀ ପାର୍ବତୀ ପଣ୍ଡା, ପଣ୍ଡିତ ପ୍ରଶାନ୍ତ କୁମାର ମିଶ୍ର, ରଞ୍ଜିତ କୁମାର ତ୍ରିପାଠୀ, ହରେକୃଷ୍ଣ ଦାସ, ରଞ୍ଜନ କୁମାର ଦାସ, ବିଶ୍ୱନାଥ ପଣ୍ଡା, ପୂଜକ ସୁକାନ୍ତ କୁମାରପଣ୍ଡା ଏବଂ ସରପଞ୍ଚ ପ୍ରିୟଙ୍କା ପଣ୍ଡାଙ୍କ ସମେତ ଗ୍ରାମବାସୀ ଙ୍କ ସହଯୋଗ ରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଥିଲା। ଅନେକ ବର୍ଷ ହେଲା ଦେବୀ ଅଶ୍ୱତ୍ଥ ଗଛ ମୂଳେ ପୂଜା ପାଉଥିଲେ।

## ହାକୃଷ୍ଣ ବୋଲି ଯାଉଜୀବ ନାଟକ ମଞ୍ଚସ୍ଥ

କାକଟପୁର ,(ସବ୍ୟୁ) : କାକଟପୁର ବ୍ଲକ ଅଧିନସ୍ଥ କଣ୍ଟାପଡା ଗ୍ରାମପଞ୍ଚାୟତ ଗମ୍ଭାରୀପଦା ଗ୍ରାମରେ ଥିବା ତ୍ରିନାଥ ରୟାଲିଟ ଡ୍ରାମାଟ୍ରିକ କ୍ଲବ ତାର ୧୫ ତମ ବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ ଦୁଇ ଦିନ ବ୍ୟାପୀ ଦୁଇ ଗୋଟି ସାମାଜିକ ନାଟକ ମଞ୍ଚସ୍ଥ କରିଛି।ଉତ୍ସବର ପ୍ରଥମ ଦିବସରେ ହାକୃଷ୍ଣ ବୋଲି ଯାଉ ଜୀବ ନାଟକ ମଞ୍ଚସ୍ଥ କରାଯାଇଥିବା ବେଳେ ( ଦ୍ୱିତୀୟ )ଦିବସରେ ଆଖି ଅବୁଝାକୁ ଲୁହ ଅବୁଝା ନାଟକ ମଞ୍ଚସ୍ଥ କରାଯାଇଥିଲା।କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବର ଆୟୋଜିତ ସଭାରେ ଅତିଥି ଭାବେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ , ଆମ୍ବ କମିଟି ଅଧ୍ୟକ୍ଷ ତଥା ଅଞ୍ଚଳର ସମାଜସେବୀ ରମେଶ ଚନ୍ଦ୍ର ପାତ୍ର , ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁ ଯୋଗ ଦେଇ, ଆୟୋଜକ ଡ୍ରାମାଟ୍ରିକ କ୍ଲବର ଦୀର୍ଘ ୧୫ ବର୍ଷ ଧରି ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରୟାସକୁ ଭୁରିଅଂଶୀ ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତରତୋର କାମନା କରିଥିଲେ । ନାଟ୍ୟନିର୍ଦ୍ଦେଶନା ରାଜ କିଶୋର ନାୟକ , ନାଟ୍ୟ ପରିଚାଳନା ଶ୍ରୀଧର ମଳିକ (ଦାୟିତ୍ୱ )ସହ ନିର୍ବାହ କରିଥିବା ବେଳେ ଗମ୍ଭାରୀପଦା ଗ୍ରାମ ସମେତ ଆଖପାଖ ଅଞ୍ଚଳ ର ଶତାଧିକ ଦର୍ଶକ ନାଟକ ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ଦୁଇ ଦିନ ଶୃଙ୍ଖଳାତାର ସହ ବସି ମଞ୍ଚସ୍ଥ ନାଟକକୁ ଉପଭୋଗ କରିଥିଲେ ।

## ନୂତନ ପେନସନଭୁକ୍ତ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ

ଖଣ୍ଡପଡା,(ସବ୍ୟୁ): ଶୁକ୍ରବାର ଖଣ୍ଡପଡା ସହରର ଆରାଧ୍ୟ ମା ବାଉରୀ ଠାକୁରାଣୀଙ୍କ ପୀଠ ପରିସରରେ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘର ସଂପାଦକ ଦୀନବନ୍ଧୁ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଭାପୁର ବ୍ଲକ ଶିକ୍ଷକ ସଂଘର ସଭାପତି ପ୍ରସନ୍ନ କୁମାର ଲେଙ୍କା ନୟାଗଡ ଜିଲ୍ଲା ଶିକ୍ଷକ ସଂଘ ପକ୍ଷରୁ ଲକ୍ଷ୍ମୀଧର ସାହୁ, ପଂଚାନନ ମହାପାତ୍ର, ଅଶୋକ କୁମାର ମଲ୍ଲଙ୍କ ସମେତ ଖଣ୍ଡପଡା ବ୍ଲକ ଅଧିନ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୧୦୦ରୁ ଉର୍ଦ୍ଧ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ସମସ୍ୟା, ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଖଣ୍ଡପଡା ବ୍ଲକ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘକୁ ସୁଦୃଢ କରିବା ପାଇଁ ବୈଠକରେ ନିଷ୍ପତି ନିଆଯିବା ସହ ଆଗାମୀ ଦିନରେ ସଂଘ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକ ସଂପର୍କରେ ଆଲୋଚନା କରାଯାଇଥିଲା । ଏ ଅବସରରେ ସର୍ବ ସମ୍ମତି ପ୍ରସ୍ତାବକ୍ରମେ ଆଗାମୀ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତାମାନଙ୍କୁ ଚୟନ କରାଯାଇ ଦାୟୀତ୍ୱ ଅର୍ପଣ କରାଯାଇଥିଲା । ସଂଘର ନୂତନ ସଭାପତି ଭାବେ ସିଦ୍ଧାର୍ଥ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ବିନୋଦ ବିହାରୀ ସାହୁ, ଉପ ସଭାପତି ଭାବେ ସତ୍ୟବାଦୀ ବିଶ୍ୱାଳ, ଦେବାଶିଷ ରଥ, ସାଧାରଣ ସଂପାଦକ ଦୀନବନ୍ଧୁ ସାହୁ, ସାଙ୍ଗଠନିକ ସଂପାଦକ ମନୋଜ କୁମାର ସାହୁ, ସହ ସଂପାଦକ ମିନାକ୍ଷୀ ହୋତା, କାର୍ତ୍ତିକ ବିଶ୍ୱାଳ, କୋଷାଧ୍ୟକ୍ଷ ପଦ୍ମଲୋଚନ ବେହେରା, ଜିଲ୍ଲା ପ୍ରତିନିଧି ଭାବେ ବରିଷ୍ଠ ଶିକ୍ଷକ କୁଳମଣି ପ୍ରଧାନ, ବିଭୁତି ଭୂଷଣ ସେନାପତିଙ୍କ ସମେତ କୋର କମିଟିର ସଦସ୍ୟ ଭାବେ ୧୧ ଜଣଙ୍କୁ ମନୋନୀତ କରାଯାଇ ଦାୟୀତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି । ସେହିପରି ସଂଘର ମହାସଚିବ ଭାବେ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ରଙ୍କୁ ଚୟନ କରାଯାଇଛି । ନୂତନ କର୍ମକର୍ତାମାନଙ୍କୁ ସଂଘର ସମସ୍ତ ସଦସ୍ୟ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଥିଲେ ।

## ଶ୍ରୀ ପୁରୁଷୋତ୍ତମ ସରସ୍ୱତୀ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ



ଡେଲାଙ୍ଗ ,(ସବ୍ୟୁ) : ପୁରୀଜିଲ୍ଲା ଡେଲାଙ୍ଗ ବ୍ଲକ୍ ଶ୍ରୀପୁରୁଷୋତ୍ତମର ସରସ୍ୱତୀ ବିଦ୍ୟା ମନ୍ଦିରର ପଞ୍ଚଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ଡେଲାଙ୍ଗ-ବ୍ଲକ୍ ର ପୂର୍ବତନ ଶିକ୍ଷା ମଣ୍ଡଳାଧୀଶ ଯୁଧିଷ୍ଠିର ପରିଡ଼ାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ମୁଖ୍ୟ ପ୍ରଧାପକ (ଡିନ୍ )ବୁଦ୍ଧଦେବ ମିଶ୍ର, ମୁଖ୍ୟ ବକ୍ତା ଭାବେ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଂସ୍କୃତି ପ୍ରେମୀ ଅଭୟ ଚରଣ ସାହୁ, ସମ୍ମାନୀତ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ ନବମିଶ୍ର, ସତ୍ୟଜିତ ମହାପାତ୍ର, ମଧୁସୂଦନ ପ୍ରଧାନ ପ୍ରମୁଖ ଯୋଗଦେଇ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ବିଦ୍ୟାଳୟ ପ୍ରତି ଅଭିଭାବକମାନଙ୍କ ନିରନ୍ତର ସହଭାଗିତା ବଜାୟ ରହିଲେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସାମଗ୍ରୀକ ବିକାଶ ହୋଇପାରିବ ବୋଲି ବକ୍ତବ୍ୟରେ କହି ଉତ୍ସବରେ ଉତ୍ସାହିତ କରିଥିଲେ।ବିଦ୍ୟାଳୟର ସମ୍ପାଦକ ଆଇନଜୀବୀ ଅସିତ୍ କୁମାର ମିଶ୍ର ଓ ସମାଜସେବୀ ଜନ୍ମେଜୟ ମହାପାତ୍ର ମିଳିତଭାବେ ଉତ୍ସବର ସୁସଂଯୋଜନା କରିଥିଲେ।ବିଦ୍ୟାଳୟର କୃତି ଛାତ୍ରୀ ସୁକନ୍ୟା ସୁକୁମାରୀ ସାହୁ, ଚମ୍ପିୟାନ ଛାତ୍ରୀ ମନିଷା ସ୍ୱାଇଁଙ୍କ ସହ ଆଦର୍ଶ ବିଦ୍ୟାଳୟରେ ସ୍ଥାନ ପାଇଥିବା ଛାତ୍ର ଛାତ୍ରୀ ଓ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପରିଚାଳନାରେ ଶିକ୍ଷୟିତ୍ରୀ, ଲକ୍ଷ୍ମୀପ୍ରିୟା ରାଉ୍ତ, ରଶ୍ମିତା ମହାପାତ୍ର ,ଅଙ୍କିତା ମହାପାତ୍ର , ରୂପାଲି ବେହେରା, ଶିକ୍ଷକ ଗୋବିନ୍ଦ ସାହୁଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେଛ ଶିକ୍ଷୟିତ୍ରୀ ବନ୍ଦିତା ବିଭୂଦର୍ଶନୀ ଧନ୍ୟବାଦ ଦେଇଥିଲେ। ଛାତ୍ର ଛାତ୍ରୀ ମାନେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ।

## ଜଙ୍ଗଲଜମି ବିକ୍ରି ଅଭିଯୋଗ : ୪ ଶହରୁ ଉର୍ଦ୍ଧ ପ୍ଲଟ ବିକ୍ରି

# କୋଟି କୋଟି ଟଙ୍କା ନେଇ ଗଲେଣି ଜମି ଦଲାଲ




ଗୋପ,(ସବ୍ୟୁ) : ଦିନ ଦ୍ୱିପହରରେ ପ୍ଲଟିଙ୍ଗ କରି ବାଲୁଖଣ୍ଡ ଅଭୟାରଣ୍ୟର ଜମି କୁ ବିକ୍ରି କରି ଦିଆ ଯାଉଛି।ସମସ୍ତ ସରକାରି ନିୟମ କୁ ଖୁଲମଖୁଲା ଉଲଂଘନ କରାଯାଇ ସାଧାରଣ ଲୋକ ମାନଙ୍କ ଠାରୁ କୋଟି କୋଟି ଟଙ୍କା ନେଇ ଯାଉଥିବା ବେଳେ ଜିଲ୍ଲାପାଳ ଓ ଗୋପ ତହସିଲଦାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ବୁଧବାର ଦିନ ଗୋପ ଦାସ ମଣ୍ଡପରେ ପୁରୀ ଜିଲ୍ଲା ଆମ୍ ଆଦମୀ ପାର୍ଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମୀଳନି କରାଯାଇ ଏପରି ତଥ୍ୟ ଦେଇଛନ୍ତି। ଯଦିଓ ସରକାର ଙ୍କ ଏହା ଉପରେ ରୋକ୍ ନ ଲଗାନ୍ତି ଜଙ୍ଗଲଜମିକୁ ଫେରାଇ ନ ଆଣନ୍ତି ତେବେ ଗୋଟିଏ ସପ୍ତାହ ପରେ ଗୋପ ତହସିଲଦାର କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପାର୍ଟିର ଜିଲ୍ଲା ସଭାପତି ସଞ୍ଜିବ କୁମାର ମହାନ୍ତି ସୂଚନା ଦେଇଛନ୍ତ। ପ୍ରକାଶ ଯେ ଏହି ଜଙ୍ଗଲଜମି କେଲେଙ୍କାରି ୨୦୨୩ ରୁ ଆରମ୍ଭ ହୋଇଥିଲେ ମଧ୍ୟ କେମିତି ଏ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ନୀରବ ଦ୍ରଷ୍ଟା ପାଲଟିଛି ତାହା ଏବେ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଗୋପ ତହସିଲଦାର କେମିତି ଏହି ସରକାରୀ ନିୟମ କୁ ଖୁଲମଖୁଲା ଉଲଂଘନ କରିଛନ୍ତି ତାହା ଏବେ ତଦନ୍ତ ସାକ୍ଷେପ ହୋଇ ପଡ଼ିଥିବା ବେଳେ ଜିଲ୍ଲା ବନଖଣ୍ଡ ଅଧିକାରୀ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କାହିଁକି ନିରବ ରହିଛନ୍ତି ତାହା ମଧ୍ୟ ସମସ୍ତଙ୍କୁ ଚକିତ କରିଛି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ – କୋଣାର୍କ ରାସ୍ତା କୁ ଚାରି ଲାଇନ୍ ବିଶିଷ୍ଟ ରାସ୍ତା କରାଯିବ ବୋଲି କହିବା ପରେ ଏବେ ଜମି ମାଫିଆ ମାନେ ବିଭିନ୍ନ କ୍ଷେତ୍ରରେ ବିଜ୍ଞାପନ ଦେଇ ସାଧାରଣ ଲୋକ ମାନଙ୍କ ମନରେ ବିଶ୍ୱାସ ଜନ୍ମାଇ କୋଟି କୋଟି ଟଙ୍କା ହାତେଇବା ପାଇଁ ଲାଗି ପଡ଼ିଛନ୍ତି। ପୁରୀ – କୋଣାର୍କ ରାସ୍ତାର ବେଲେଶ୍ୱର ମନ୍ଦିର ଠାରୁ ନାରାୟଣୀ ମନ୍ଦିର ମଧ୍ୟରେ ଜମି ଦଲାଲ ମାନେ ୪ ଶହରୁ ଉର୍ଦ୍ଧ୍ୱ ଜଙ୍ଗଲ ଜମି ବିକ୍ରୀ କରିଥିବା ବେଳେ ତହସିଲ ଅଫିସ ପକ୍ଷରୁ ବେଆଇନ୍ ଭାବେ ମଧ୍ୟ ପଟା ଦିଆ ଯାଇଥିବା ମଧ୍ୟ ଅଭିଯୋଗ କରିଛନ୍ତି। ୧୯୮୭ ମସିହା ରେ ସରକାର ବାଲୁଖଣ୍ଡ ଅଭୟାରଣ୍ୟ ଘୋଷଣା କରିବା ପରେ ୮୭ କିଲୋମିଟର ବିଶିଷ୍ଟ ଏହି ଅଭୟାରଣ୍ୟ କେମିତି ବିକ୍ରି କରା ଯାଉଛି ବୋଲି ଆମ୍ ଆଦମୀ ପାର୍ଟି ପକ୍ଷରୁ କୁହାଯାଇଛି। ଏପରି କି ଜମି ଦଲାଲ ମାନେ ଅଭୟାରଣ୍ୟ ମଧ୍ୟରେ ବେଆଇନ୍ ଭାବେ ରାସ୍ତା ନିର୍ମାଣ, ବିଦ୍ୟୁ ଟାଣିବା ସହିତ ନୂତନ ଗୃହ ନିର୍ମାଣ କରା ଯାଇଥିବା ସମୟରେ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସମସ୍ତଙ୍କୁ ଚକିତ କରିଛି।ଏଭଳି ଜମି ବିକ୍ରୀ ହେବାରୁ ବାଲୁଖଣ୍ଡ ଅଭୟାରଣ୍ୟ ରେ ଥିବା ବିରଳ ପ୍ରଜାତିର ହରିଣ ଠାରୁ ଆରମ୍ଭ କରି ଅନ୍ୟ ଜଙ୍ଗଲି ଜନ୍ତୁ ଗାଁ ମୁହାଁ ହେବା ସହିତ ସବୁଦିନ ମଧ୍ୟ ଜଙ୍ଗଲି ଜନ୍ତୁ ଗାଡ଼ି ଧକ୍କା ସହିତ କୁକୁର କାମୁଡ଼ାରେ ମୃତ୍ୟୁ ବରଣ କରୁଛନ୍ତି। ଏବେ ଠାରୁ ଜଦି ସରକାର ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆଗକୁ ଜଙ୍ଗଲ ଜମି ପଦା ହୋଇଯିବ ବୋଲି ଅଭିଯୋଗ ରେ ଦର୍ଶାଯାଇଛି।ଜିଲ୍ଲା ପ୍ରଶାସନ ଏହି ଜଙ୍ଗଲ ଜମି କୁ ସୁରକ୍ଷା ଦେବା ପରିବର୍ତ୍ତେ କେମିତି ପଟା କରୁଛି ବୋଲି ମଧ୍ୟ କୁହା ଯାଇଛି।ଗୋଟିଏ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତା ହେଲେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଗୋପ ତହସିଲ୍ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କୁହା ଯାଇଛି। ଏସଂପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କ ଟେଲିଫୋନ ନମ୍ବର ୮୩୨୮୯୪୪୨୦୭ କୁ ଯୋଗାଯୋଗ କରା ଯାଇଥିଲେ ମଧ୍ୟ ଅଧିକାରୀ ଫୋନ୍ ଉଠାଇ ନ ଥିଲେ ।

(ଶ୍ରୀମଭଗବଦ୍ ଗୀତା ୧୫/୬)

–ପୁରୁଷୋତ୍ତମଯୋଗଃ–

(ଶ୍ରୀଭଗବାନୁବାଚ )

**ନ ତଦ୍‌ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ ।**
**ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ।।୬।।**

ଯାହା ପ୍ରାପ୍ତ ହେଲେ ଯୋଗୀମାନେ ସଂସାରକୁ ଫେରନ୍ତି ନାହିଁ, ସୂର୍ଯ୍ୟ ଚନ୍ଦ୍ର, ଓ ଅଗ୍ନି ଯାହାକୁ ପ୍ରକାଶିତ କରିପାରନ୍ତି ନାହିଁ, ତାହା ହିଁ ମୋର ପରମ ଧାମ ଅଟେ । (ପ୍ରକାଶମୟ ସୂର୍ଯ୍ୟାଦି ସେହି ପରମ ଧାମକୁ ପ୍ରକାଶ କରିପାରନ୍ତି ନାହିଁ– ଏହାଦ୍ୱାରା ଜଡ଼ତ୍ୱ ଓ ଶୀତୋଷ୍ଣାଦି ଦୋଷର ପ୍ରସଙ୍ଗ ରହିତ ହେଲା) ।।୬।।

# ପାକିସ୍ତାନର ଦୟନୀୟ ଅବସ୍ଥା

## ସମ୍ପାଦକୀୟ

ହିଂସାଖୋର ପାକିସ୍ତାନର ଏ କି ଦୟନୀୟ ଅବସ୍ଥା ହେଲା ? ନିଜର ବୁଦ୍ଧି ନାହିଁ । ଅନ୍ୟ ଦେଶରୁ ଧାର କରା ବୁଦ୍ଧି ଓ ଅର୍ଥରେ ଚଳିଲେ ଏପରି ଦୟନୀୟ ଅବସ୍ଥା ହୋଇଥାଏ । ଆତଙ୍କବାଦୀମାନେ ଆଶ୍ରୟ ନେଇଥିବା ପାକିସ୍ତାନର ରାଓଲପିଣ୍ଡି ଓ ଲାହୋର ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ସହର ଓ ସ୍ଥାନ ସବୁକୁ ଭାରତ ଧ୍ୱଂସ କରି ଦେଇଛି । କାଶ୍ମୀରର ପହେଲଗାମକୁ ଯେଉଁ ନୀରିହ ପର୍ଯ୍ୟଟକମାନେ ଯାଇଥିଲେ, ଗତ ଏପ୍ରିଲ ୨୨ (୨୦୨୫)ରେ । ସେମନେ ହିନ୍ଦୁ ଧର୍ମାବଲମ୍ବୀ କି ନାହିଁ ପଚାରି ଆଖିବୁଜା ସେମାନଙ୍କୁ ଗୁଳି କରିବା ଏବଂ ସେମାନଙ୍କ ମଧ୍ୟରୁ ୨୫ ଜଣ ଭାରତୀୟ ଓ ଜଣେ ନେପାଳୀ ପର୍ଯ୍ୟଟକ ଗୁଳିମାଡ଼ ଯୋଗୁଁ ରକ୍ତାକ୍ତ ଅବସ୍ଥାରେ ଟଳି ପଡ଼ିବାର ଭୟଙ୍କର ପରିଣାମ ପାକିସ୍ତାନକୁ ଭୋଗିବାକୁ ପଡ଼ିବ ।

୧୯୭୧ରେ ଭାରତ–ପାକିସ୍ତାନ ଯୁଦ୍ଧରେ ପାକିସ୍ତାନ ପରାଜିତ ହେବା ପରେ ମଧ୍ୟ ସେଥିରୁ ଶିକ୍ଷା ଲାଭ କରିପାରିଲା ନାହିଁ । ଏହା ସେମାନଙ୍କର ଚରମ ମୂଢ଼ତା । ବାରମ୍ବାର ଚେତାବନୀ ଦେବା ପରେ ମଧ୍ୟ ପାକିସ୍ତାନ ଆତଙ୍କବାଦୀମାନଙ୍କୁ ପ୍ରଶ୍ରୟ ଦେଇ କାଶ୍ମୀର ସମେତ ଭାରତର ଅନ୍ୟାନ୍ୟ ସ୍ଥାନରେ ହିସାକାଣ୍ଡ ଭିଆଇଲା । କାଶ୍ମୀର ଭାରତର ଥିଲା ଏବଂ ରହିଲା । ମାତ୍ର ସେଠାରେ ଅସ୍ଥିରତା ସୃଷ୍ଟି କରି ପାକିସ୍ତାନ ଏଥର କି ଫଳ ପାଇଲା ? ପାକିସ୍ତାନ ଧର୍ମଗ୍ରନ୍ଥ କୁରାନରେ ହିଂସାର ସ୍ଥାନ ନାହିଁ । ତେବେ ଛୋଟ ବୁଦ୍ଧିରେ କେତେକ ଧର୍ମାନ୍ଧ ବ୍ୟକ୍ତି ବିଭିନ୍ନ ଆତଙ୍କବାଦୀ ସଂଗଠନ ସହିତ ଜଡ଼ିତ ହୋଇ କାଶ୍ମୀର ଅଞ୍ଚଳର ଯୁବକମାନଙ୍କୁ ପ୍ରଲୋଭନ ଦେଖାଇ ହିଂସାକାଣ୍ଡ ଆଡ଼କୁ ଆକୃଷ୍ଟ କରିବାର ପରିଣାମ ଦିନେ ନା ଦିନେ ପାକିସ୍ତାନ ଭୋଗ କରିବାର ଥିଲା ।

ପାକିସ୍ତାନ ଯୁଦ୍ଧରେ ଭାରତ ଠାରୁ ପରାଜିତ ହେବା ପରେ ଦୁଇ ଭାଗ ହୋଇଗଲା । ପୂର୍ବ ପାକିସ୍ତାନ ନିଜର ସାର୍ବଭୌମତ୍ୱ ଘୋଷଣା କରି ପାକିସ୍ତାନଠାରୁ କେବଳ ଦୂରେଇ ଯାଇ ନ ଥିଲା, ପାକିସ୍ତାନର ଧର୍ମକୁ ବଡ଼ ମନେ ନ କରି ଭାରତୀୟ ଭାଷା ବଙ୍ଗଳାକୁ ତାହାର ମାତୃଭାଷା କେବଳ କଲା ନାହିଁ, ଦେଶର ନାମ ମଧ୍ୟ 'ବାଂଗଲାଦେଶ' ବୋଲି ରଖିଲା । ତଥାପି ମଧ୍ୟ ପାକିସ୍ତାନ ସେଥିରୁ ଶିକ୍ଷା ଲାଭ କରିପାରିଲା ନାହିଁ ।

୧୯୪୭ ଅଗଷ୍ଟ ୧୪ ତାରିଖରୁ ପାକିସ୍ତାନ ସ୍ୱାଧୀନତା ଲାଭ କରିଥିଲେ ହେଁ ନଅ ବର୍ଷ ପରେ ଅର୍ଥାତ୍ ୧୯୫୬ ୨୩ ମାର୍ଚ୍ଚରେ ପାକିସ୍ତାନ ନିଜକୁ ଇସ୍‌ଲାମିକ ରିପବ୍ଲିକ (ଇସ୍‌ଲାମୀୟ ସାଧାରଣତନ୍ତ୍ର) ରାଷ୍ଟ୍ର ଭାବେ ଘୋଷଣା କରିଥିଲା ସତ, ମାତ୍ର ପାକିସ୍ତାନର ସେ ଗର୍ବ ମଧ୍ୟ ରହିଲା ନାହିଁ । ସେଠାରେ ସଂଘୀୟ ସଂସଦ ବ୍ୟବସ୍ଥା ପ୍ରତିଷ୍ଠା ହେବା ପରେ ୧୯୫୮ ଅକ୍ଟୋବର ମାସରେ ପାକିସ୍ତାନ ସ୍ଥଳସେନା ବାହିନୀର ଫିଲ୍ଡ ମାର୍ଶଲ ମହମଦ ଆୟୁବ ଖାଁ ସ୍ଥଳସେନାଙ୍କୁ ଧରି ଜବରଦସ୍ତ ଶାସନ କ୍ଷମତାକୁ ଦଖଲ କରିଥିଲେ । ଆୟୁବ ଖାଁ ୧୯୬୨ରେ ପାକିସ୍ତାନ ସଂବିଧାନରେ ରାଷ୍ଟ୍ରପତି ଶାସନ ବ୍ୟବସ୍ଥାର ପ୍ରବର୍ତ୍ତନ କରିଥିଲେ । ମାତ୍ର ତାଙ୍କର ଦୁର୍ଭାଗ୍ୟ ଯେ ୧୯୬୯ ମାର୍ଚ୍ଚ ପର୍ଯ୍ୟନ୍ତ ସେ କ୍ଷମତା ଉପଭୋଗ କଲେ । ସେହି ସ୍ଥଳସେନା ବାହିନୀର ତାଙ୍କର ଅଧସ୍ତନ ଜେନେରାଲ ୟାହିଆ ଖାଁ ତାଙ୍କୁ ପଦଚ୍ୟୁତ କରି ନିଜେ ଶାସନଗାଦି ମାଡ଼ି ବସିଥିଲେ । ଏହା ପରେ ୧୯୭୦ରେ ପାକିସ୍ତାନରେ ସାଧାରଣ ନିର୍ବାଚନ ହୋଇଛି ଏବଂ ନିଜ ନିଜ ମଧ୍ୟରେ କ୍ଷମତାର ପ୍ରତିଦ୍ୱନ୍ଦିତା କରାଇ ପାକିସ୍ତାନର ରାଜନେତାମାନେ ନିଜର ରାଜନୀତିକ ଅସ୍ତିତ୍ୱ ହରାଇଛନ୍ତି । ଗିରଫ ହେବା ଭୟରେ ବିଦେଶରେ ଯାଇ ସେମାନଙ୍କ ମଧ୍ୟରୁ ଅନେକ ଆତ୍ମଗୋପନ ମଧ୍ୟ କରି ଆସିଛନ୍ତି ।

ପ୍ରଶ୍ନ ଉଠୁଛି, ନିଜ ରାଷ୍ଟ୍ରରେ ଏତେ ଅଶାନ୍ତି ଓ ଅସ୍ଥିରତା ଥିବାବେଳେ ପାକିସ୍ତାନ ଅନ୍ୟ ଦେଶର ଶାନ୍ତିଭଙ୍ଗ ପାଇଁ କାହିଁକି ଉଦ୍ୟମ କରି ଆସୁଥିଲା ? ଏବେ ଯୁଦ୍ଧ ନ ହୋଇ ମଧ୍ୟ ପାକିସ୍ତାନ ଭାରତର ଆକ୍ରମଣରେ ଭୟଭୀତ ହୋଇ ପଡ଼ିଛି । ପାକିସ୍ତାନରେ ଚୈତନ୍ୟୋଦ୍ୟୋୟ ହେବା ଉଚିତ । ନଚେତ୍ ଭବିଷ୍ୟତରେ ପାକିସ୍ତାନ ଭାରତ ମଧ୍ୟକୁ ପୂର୍ବପରି ଫେରି ଆସିବ ବୋଲି ଆଶା କରାଯାଉଛି ।

**ସଙ୍କଳ୍ପ**

**ଉଚ୍ଚ ହେବା ପାଇଁ**
**କର ଯେବେ ଆଶା,**
**ଉଚ୍ଚ କର ଆଗେ**
**ନିଜ ମାତୃଭାଷା ।।**

**ଗଙ୍ଗାଧର ମେହେର**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,**
**ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ ।**
**ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମାଆ ନାମରେ ଥାଏ ଆତ୍ମୀୟତା

**ଜୟଶ୍ରୀ ପଟ୍ଟନାୟକ**

ସବୁଠାରୁ ମିଠା ମଧୁକ୍ଷରା ଶବ୍ଦଟିଏ ହେଉଛି 'ମାଆ' ଶବ୍ଦ । ଏ ଶବ୍ଦରେ ଭରି ରହିଛି କେତେ ଆତ୍ମୀୟତା ସେକଥା ତା' ଠାରୁ ଜନ୍ମ ହୋଇଥିବା ସନ୍ତାନ ହିଁ କହିପାରିବ । ତା' ପଣତରେ ଥାଏ ଦୁଃଖ ପୋଛି ଦେଇ ଆଶ୍ୱାସନା ଦେବାର ଛାଇଟିଏ । ମାଟିରୁ ଆକାଶ ପରିବ୍ୟାପ୍ତ ତା'ର ଭଲପାଇବା । ସହିଷ୍ଣୁତା ତାର ଅଳଙ୍କାର । ମାଟି ପିତୁଳା ପରି ସନ୍ତାନକୁ ଗଢ଼ି ଦୁନିଆ ଦାଣ୍ଡରେ ଦେଇଥାଏ ପରିଚୟ । ଯିଏ ଦେଇପାରେ ମମତା, ଜୀବନରେ ପ୍ରେରଣା, ବିପଦରେ ଭରସା, ଯା ପଣତରେ ଲେଖାଥାଏ ଅସରନ୍ତି ସ୍ନେହ । ଯା ପଣତରେ ମୁହଁ ପୋଛିଦେଲେ ମେଣ୍ଟିଯାଏ ସବୁ କ୍ଳାନ୍ତି । ସିଏ ହିଁ ମମତାର ନିର୍ଝରିଣୀ । ତା କୋଳରେ ମଥା ରଖି ଶୋଇଗଲେ ଲାଗଇ କି ଶାନ୍ତି । ଯାହାର ସ୍ପର୍ଶ ଏକୁଟିଆଳରୁ ଜୀବନର ପ୍ରତି ସୋପାନରେ ଅଭୟ ରେଣୁ ବିଞ୍ଚିଦିଏ । ଆମେ ତାକୁ କହୁଁ ବୋଉ, ମାଆ, ମମି, ମାମା ଯେତେ ଶବ୍ଦ ବି କୁହନ୍ତୁ ସେ ଶବ୍ଦସବୁ ନିଅଣ୍ଟ ଲାଗିବ ମମତାମୟୀ, କଲ୍ୟାଣମୟୀ, ମଧୁମୟୀ ମା' ର ସ୍ଥାନ ପାଖରେ ।

ମା' ନାମରେ ଅଛି ଅମୃତର ଝର । ତା ଆଶୀର୍ବାଦ ବିନା କୌଣସି କାମ ମଙ୍ଗଳ ଲାଗେନା । ସେ ସ୍ନେହମୟୀ, ଅମୃତମୟୀ । କୀଟ ଠାରୁ ବ୍ରହ୍ମ ପରିଯନ୍ତେ ସମସ୍ତେ ମା' ର ସ୍ନେହବନ୍ଧନରେ ଅନୁବନ୍ଧିତ । ମାଟିରୁ ଆକାଶ ତାହା ପରିବ୍ୟାପ୍ତ । ତା' ସ୍ନେହ ବିନା ତୁଚ୍ଛ ଲାଗେ ଜୀବନ । ଏପରି କୌଣସି ସ୍ନେହ ନାହିଁ ଯାହା ମା' ର ବିକଳ୍ପ ହୋଇପାରିବ । ସେ ବାତ୍ସଲ୍ୟମୟୀ । ସନ୍ତାନ ପ୍ରତି ତା' ବାତ୍ସଲ୍ୟ ମମତା ସ୍ୱତଃ ଝରିଆସେ । ସେ ସ୍ନେହର ମନ୍ଦାକିନୀ । ତାର ତ୍ୟାଗ, କରୁଣା ପ୍ରେମ, ନିଷ୍ଠା,ଦୟା, କ୍ଷମାର ପଟାନ୍ତର ନାହିଁ । ସନ୍ତାନ ରୋଗରେ ପଡିଲେ ରାତି ରାତି ଉଜାଗର ରହିବା, ତା' ସେବା କରିବା , ତା' କଥା ବୁଝିବା , ନିଜେ ଦୁଃଖରେ ରହି ଅନ୍ୟମାନଙ୍କ ଦୁଃଖକୁ ଲାଘବ କରିବା, ସେମାନଙ୍କୁ ସୁଖ ଓ ଶାନ୍ତିରେ ଲାଳନପାଳନ କରିବା, ପ୍ରଥମ ଶିକ୍ଷୟିତ୍ରୀ ରୂପେ ମାତୃଭାଷା ଶିକ୍ଷା ଦେବା, ସନ୍ତାନର ପ୍ରତି କ୍ଷେତ୍ରରେ ଆଗକୁ ଯିବା ପାଇଁ ପ୍ରେରଣା ଦେବା, ସଗୁଣା ଶିଖାଇବା, ସବୁ ସମସ୍ୟାର ସମାଧାନ କରିବା ମା' ବ୍ୟତିରକେ କିଏ ବା କରିପାରିବ ? ତେଣୁ କଥାରେ ଅଛି 'ମାଆ ନାହିଁ ଯାହାର, ସାହା ନାହିଁ ତାହାର ।' ସେ ମା' ସେ ଜନନୀ ସନ୍ତାନକୁ ଅନ୍ତ ଫାଡି ଜନ୍ମ ଦିଏ । ତାର ଅମୃତଧାରାରେ ତାକୁ ଜୀବନ୍ୟାସ ଦିଏ । ସନ୍ତାନକୁ ଗଢେ ଦୁନିଆ ଦାଣ୍ଡରେ ତାର ପରିଚୟ ଦିଏ । ସମାଜରେ ତାକୁ ପ୍ରତିଷ୍ଠିତ କରାଏ । ସନ୍ତାନ ତାର ଅନ୍ଧଲଉଡି , ଅନ୍ତରଙ୍ଗ । ସନ୍ତାନ ଯେତେ ଅସୁନ୍ଦର, ଖର୍ବକାୟ ହେଲେ ମଧ୍ୟ ସେ ମା' ର କଳିଜାର ଟୁକୁଡା । ତାକୁ କଷ୍ଟ ହେଲେ, ଝୁଣ୍ଟିପଡିଲେ, ଆଘାତ ହେଲେ. ବାଟ ହୁଡିଲେ ମା' ତା ପଛରେ ଢାଲ ପରି ଛିଡା ହୋଇଥାଏ । ତା' ସନ୍ତାନକୁ ମମତାବୋଳା ପଣତ ଛାଇରେ ଘୋଡେଇ ରଖିଥାଏ କାହାର ଅଶୁଭ ନଜର ନଲାଗିବା ପାଇଁ । ମହୁଠାରୁ ମିଠା ତାର ଧନ ଡାକ । ଯେତେ ଦୁଃଖ କଷ୍ଟ, ଯନ୍ତ୍ରଣା ଜୀବନରେ ଥିଲେ ମଧ୍ୟ ମା' ର ଉଷୁମ କୋଳ ତାକୁ ସ୍ୱର୍ଗପରି ମନେହୁଏ । ମା' ହାତରନ୍ଧା ଅମୃତର ସ୍ୱର୍ଶ ଦିଏ । ତା ପାଇଁ ଝରି ଆସୁଥିବା ମା' ଆଖିର ଧାରେ ଲୁହ ତାକୁ ଚନ୍ଦନର ଶୀତଳତା ଆଣିଦିଏ । ମାଆ ହାତର ଆଉଁସା ତାର ଦୁଃଖ ଲାଘବ କରେ , ତାକୁ ଖୁବ୍ ଆପଣାର ମନେହୁଏ । ତା' ପାଦ ଛୁଇଁଲା ପରେ ଲାଗେ ସେ ତ ଚଳନ୍ତି ଠାକୁର । ତା' କଥା ଲେଖିବା ପରେ ଲାଗେ ଶବ୍ଦ ସରିଯାଏ ଦୁନିଆର । ଯେତେବେଳେ ସନ୍ତାନଟି ମାତୃହରା ହୋଇପଡେ ସେ ଜାଣିପାରେନି ସ୍ନେହ କଣ , ପରକୁ ଆପଣାର କିପରି କରାଯାଏ କାରଣ ମନ ଭିତରର ନିଭୃତ କୋଣରେ ସାଇତା ଦୁଃଖକୁ ବି ମା' ଜାଣିପାରେ । ମନ ଭିତରେ ଯେତେ ଦୁଃଖ ଥିଲେ ବି ମା' ର 'ଧନ ଖାଇବୁ ଆ' ଡାକରେ ଥାଏ ଅସୁମାରୀ ଆନନ୍ଦ । ମାଆ ଜାଣିପାରେ ସନ୍ତାନର ଦୁଃଖ ଚିହ୍ନିପାରେ ତା ଭୋକିଲା ପେଟକୁ ତେଣୁ ସେ ନିଜେ ନ ଖାଇ ମଧ୍ୟ ସନ୍ତାନ ପାଇଁ ସଞ୍ଚି ରଖିଥାଏ ଖାଦ୍ୟ । ଅଭାବରେ ପଡିଲେ ମଧ୍ୟ କୋଉଠୁ ଭିକ ମାଗି ପୂରାଏ ସନ୍ତାନର ପେଟ । ସଦା ସର୍ବଦା ସନ୍ତାନକୁ ଖୋଜୁଥିବା ମନଟା ହିଁ ମାଆ ।

ମାଆ ଆଖିରେ ସବୁ ସନ୍ତାନ ସମାନ । ମାଆ ସବୁବେଳେ ସବୁ ସନ୍ତାନ ପାଇଁ ଶୁଭ ମନାସି ଥାଏ । ସନ୍ତାନର ମଙ୍ଗଳ ପାଇଁ ବାର ଦିଅଁକୁ ପୂଜା କରେ ତା ପଣତକୁ ଛାଇ କରି ସନ୍ତାନର ମଥା ଉପରେ ଥୋଇଥାଏ ତାକୁ କଳା ଟୋପା ଲଗାଇ ଅଶୁଭ ନଜରରୁ ଦୂରେଇ ରଖିଥାଏ । ସେ ସବୁ ଆପଦର ଆହା । ଅମୃତର ଆଶ୍ୱାସନା । ସବୁ ବ୍ୟଥାର ବେଦନା । ସବୁ ବେଦନାର ଉପଶମ । ସବୁ ରୋଗର ନିଦାନ । ସବୁ ଝଡ ତୋଫାନର ନିର୍ଭୟ ଆଶ୍ରୟସ୍ଥଳୀ । ସବୁ ଉଦାସୀ ମନର ସ୍ନେହଗଙ୍ଗା । ସବୁ ଔଷଧର ସଞ୍ଜୀବନୀ । ସବୁ ସେବାର ଧାତ୍ରୀ । କଷ୍ଟ ସହିଷ୍ଣୁରେ ସର୍ବଂସହା । ସନ୍ତାନ ତା ପାଇଁ ଅନ୍ଧର ଲଉଡି, ଗଳାହାର, ନୟନ ପିତୁଳା । ପିତା ପରିବାରର ଦ୍ରୁମ ହେଲେ ମାଆ ସେ ଦ୍ରୁମର ଛାଇ । ପିତା ଘରର ମେରୁଦଣ୍ଡ ହେଲେ ମାଆ ନିଃଶ୍ୱାସ ପ୍ରଶ୍ୱାସ ।

ପିତା ଅଙ୍ଗୁଠି ଧରି ଚଲେଇବା ଶିଖାନ୍ତି ହେଲେ ମାତା ଖଡି ଧରି ଆଦ୍ୟଗୁରୁ ପାଲଟିଯାନ୍ତି । ସନ୍ତାନକୁ ଭଲ ପାଆନ୍ତି ମାଆ । ତା ଚିତ୍ତ ନିର୍ମଳ । ତା'ର ସମସ୍ତ ସ୍ନେହ ଅଜାଡିଦିଏ ସନ୍ତାନ ପାଇଁ । ନିଜେ ଭୋକରେ ରହି ସନ୍ତାନର ପେଟ ପୂରାଏ । ତା' ହୃଦ କୋମଳ କୁସୁମ ପରି । ଗଛଟିଏ ପରି ବଢେଇଦିଏ ତାର ତ୍ୟାଗ ,ସ୍ନେହ ସବୁକିଛି । ମୋର ବୋଲି କିଛି ରଖି ନ ଥାଏ । ସନ୍ତାନର ଧୂଳି ଧୂସରିତ ଶରୀରରୁ ଧୂଳି ଝାଡିଦିଏ । ସନ୍ତାନର ସଫଳତା କାମନା କରି ବାରଓଷା କରୁଥାଏ । ସେହି ମା ଜଗଦ୍ଧାତ୍ରୀ ସ୍ୱରୂପିଣୀ । ସକାଳରୁ ସଞ୍ଜ ତୁଳସୀ ମୂଳରେ ଦୀପଦେଇ ମନାସୁଥାଏ ସ୍ୱାମୀ ସନ୍ତାନର ମଙ୍ଗଳ । ମାତା ତୀର୍ଥମୟୀ ଆମେ ତା' ତୀର୍ଥର ଗୋଟିଏ ଗୋଟିଏ ବୁନ୍ଦା ଜଳ । ସାତଜନ୍ମ ତପସ୍ୟା କଲେ ବି ମା' ରଣ ଶୁଝି ହୁଏନାହିଁ । ତାର ସରଳ ମୁହଁ ଆଗରେ କିଛି କଥା ଲୁଚେଇ ରଖି ହୁଏନାହିଁ । ସେ ଆମର ମନ ଖୋଲିଦିଏ । ସକାଳରୁ ସଞ୍ଜ ଗୋଟିଏ ଚଳନ୍ତି ମେସିନ ପରି ବିନା ବେତନରେ କାମ କରି ଚାଲିଥାଏ । ସେ ରୋଗରେ ପଡିଲେ ଘର ପାଲଟିଯାଏ ଅଳିଆଗଦା । ହାଣ୍ଡିଶାଳ ଖୋଜୁଥାଏ ତା' ହାତର ନରମ ପରଶ । ତା' ବିନା ଶୂନ୍ୟ ଲାଗେ ଘର ଦ୍ୱାର । ଘରର କୋଣ ଅନୁକୋଣରେ ତା' ସ୍ନେହ ଭରି ରହିଥାଏ । ଆଜି କାଲି ଦେଖାଯାଉଛି ତା' ଠାରୁ ଜନ୍ମିତ ସନ୍ତାନଟି ତା'ର ବୃଦ୍ଧାବସ୍ଥାରେ ଆଉ ପଚାରୁନାହିଁ ଅନାଦର କରୁଛି , ତାକୁ ଜରାଶ୍ରମରେ ନେଇ ରଖୁଛି । ଟିକେ ଭାବି ଦେଖିବା ଦରକାର ଯେଉଁ ଘରର ମୂଳଦୁଆ ସେ । ପିଲାମାନଙ୍କ ପାଇଁ ଦିନେ ସ୍ନେହ ମମତାରେ ସନ୍ତାନ ବୋଲି ରାତି ରାତି ଅନିଦ୍ରାରେ କଟେଇଥିଲା । ନିଜେ ନ ଖାଇ ସନ୍ତାନର ପେଟ ଭରିଥିଲା । ସନ୍ତାନର ମଙ୍ଗଳ ମନାସ କରି ଉପବାସ ରହୁଥିଲା ତା ପାଇଁ କଣ ସନ୍ତାନର ଏ ଉଚିତ କର୍ତ୍ତବ୍ୟ ନା ସ୍ନେହର ଉପହାର ? । ମାଆର ବିକଳ୍ପ କେହିନାହିଁ ବୋଲି ତାକୁ ସମ୍ମାନ ଦେବା ଆପଣାର କରିବା । ବର୍ଷକୁ ଥରେ ମନ୍ଦିର ପୀଠମାନଙ୍କରେ ଦେବୀର ଷୋଡଶ ଦିନ ବ୍ୟାପୀ ପୂଜା ଏବଂ ମଣ୍ଡପମାନଙ୍କରେ ଆକର୍ଷଣୀୟ ତୋରଣ ବାନ୍ଧି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିଜ ଅଭୀଷ୍ଟ ସାଧନ ପାଇଁ ଦେବୀ ପୂଜା କରୁଛେ । ମେଳା ମହୋତ୍ସବ କରି ଆଶିର୍ବାଦ ଭିକ୍ଷା କରୁଛେ ଅଥଚ ଯେଉଁ ମାଆ ପ୍ରତ୍ୟେକ୍ଷ ଭାବରେ ଆମକୁ ଜନ୍ମ ଦେଇ, ଲାଳନ ପାଳନ କରି ଦୁନିଆ ଦାଣ୍ଡରେ ଛିଡା କରାଇଛି , ଦୁଃଖ ସୁଖ ସହି ଆମ ପାଇଁ ତାହାର ତପୋଭୂମି ସୃଷ୍ଟି କରିଛି ତାକୁ ଅବହେଳା କରିବା, ତା' ମନରେ ଦୁଃଖ ଦେବା ଅର୍ଥ ନରକଗାମୀ ହେବା । ତେଣୁ ତ ପ୍ରତିବର୍ଷ ତା ଅବଦାନକୁ ମନେ ରଖିବା ପାଇଁ ମେ ମାସ ଦ୍ୱିତୀୟ ରବିବାର ଦିନ ପାଳନ ହୁଏ ମାତୃଦିବସ । ଏହି ଦିବସଟିକୁ ପାଳନ କରିଥିଲେ ଆମେରିକାର ଆନ୍ନା ଜାର୍ଭିସ୍ ନିଜ ମାଆଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ । ତାଙ୍କର ବଳିଷ୍ଠ ଉଦ୍ୟମ ଫଳରେ ଏହି ଦିବସ ସାରା ବିଶ୍ୱରେ ପ୍ରଶଂସିତ ହେଲା । ପ୍ରତିବର୍ଷ ମେ ମାସ ଦ୍ୱିତୀୟ ରବିବାର ଦିନ ଜନ୍ମଦାତ୍ରୀ ମାଆଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପାଳିତ ହେଲା ସାରା ବିଶ୍ୱରେ ମାତୃଦିବସ । ତେବେ ଆସନ୍ତୁ, ଏହି ଦିବସର ମହତ୍ତ୍ୱକୁ ବୁଝିବା ଆମ ଜୀବନରେ ମାଅରେ ଭୂମିକାକୁ ମନେ ପକାଇବା । ସେ ଚିର ବନ୍ଦନୀୟା । ଆସ ତା ପାଦତଳେ ଭକ୍ତି କୁସୁମ ଥୋଇ ପୂଜିଦେବା ।

ଗଙ୍ଗନଗର ଛକ, ଏସବିଆଇ–
ଏନ୍‌ଆରଆଇ ବ୍ୟାଙ୍କ ପାଖ, ଭୁବନେଶ୍ୱର,
ମୋ–୭୯୭୮୧୧୦୪୭୪

# ଯଥେଷ୍ଟ ପାଣି ପିଇବା ଜରୁରୀ

**ଡାକ୍ତର ଗୁରୁପଦ ମିଶ୍ର**

ବୈଜ୍ଞାନିକଙ୍କ ମତରେ ଜଳ ହିଁ ଜୀବନର ମୂଳତତ୍ତ୍ୱ । ଜଳ ଆମ ଶରୀରରୁ ବାହାରୁ ଥିବା ଅନାବଶ୍ୟକ ପଦାର୍ଥକୁ ବାହାର କରି ସତେଜତା ବଢ଼ାଇଥାଏ । ଖାଇବା ପୂର୍ବରୁ ଗୋଟିଏ କିମ୍ବା ଦୁଇ ଗ୍ଲାସ ପାଣି ପିଇଲେ ସାଧାରଣତଃ ଶରୀରକୁ ଆରାମ ଲାଗିଥାଏ । ଏହା କମ୍ ଖାଇବା ଓ ଡିହାଇଡ୍ରେସନ୍‌ରେ ମଧ୍ୟ ସାହାଯ୍ୟ କରିଥାଏ । ଦୈନନ୍ଦିନ ସ୍ୱାସ୍ଥ୍ୟ ସମସ୍ୟାରେ ଏଚଟୁଓର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ବିଭିନ୍ନ ରୋଗବ୍ୟାଧିର ଉପଶମରେ ସହାୟ ହୋଇଥାଏ । ସେଗୁଡ଼ିକ ହେଲା –

ଜଳପାନ ଦ୍ୱାରା ଶରୀରର ଅଧିକ କ୍ଷମତା ଆସିଥାଏ । ଏକ ସର୍ଭେ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁସାରେ ଏଣ୍ଡୋକ୍ରିନୋଲୋଜି ଏବଂ ମେଟାବୋଲିଜିମ୍ ପାନୀୟ ଜଳରେ ଥିବା ଜର୍ନାଲ ଅଫ୍ କ୍ଲିନିକାଲ ପତ୍ରିକାରେ ପ୍ରକାଶିତ ହୋଇଛି । ତେଣୁ ଅଧିକ ପାଣି ପିଉଥିବା ୩୦ ଭାଗ ସୁସ୍ଥ ମହିଳା ଏବଂ ପୁରୁଷଙ୍କର ମେଟାବୋଲିକ୍ ବଢ଼ିଥାଏ । ପାଣି ପିଇବାର ୩୦–୪୦ ମିନିଟ୍ ପରେ ମେଟାବୋଲିକ୍‌ର ମାତ୍ରା ବୃଦ୍ଧି ପାଇଥାଏ ।

ଅଧିକ ପାଣି ପିଇବା ଦ୍ୱାରା ହୃଦ୍‌ଘାତ ହେବାର ଆଶଙ୍କା କମ୍ ଥାଏ । ୬୦ ବର୍ଷର ପରୀକ୍ଷା ପରେ ଆମେରିକାର ଇପିଡ଼େମିଓଲୋଜି ପତ୍ରିକାରେ ପ୍ରକାଶିତ ହୋଇଥିଲା ଦିନକୁ ଦୁଇଗ୍ଲାସରୁ କମ୍ ପାଣି ପିଉଥିବା ବ୍ୟକ୍ତିଙ୍କ ଠାରୁ ପାଞ୍ଚ ଗ୍ଲାସରୁ ଅଧିକ ପାଣି ପିଉଥିବା ବ୍ୟକ୍ତିଙ୍କର ହୃଦ୍‌ଘାତ ହେବାର ସମ୍ଭାବନା କମ୍‌ଥାଏ ।

ଅଧିକମାତ୍ରାରେ ପାଣି ପିଇବା ଦ୍ୱାରା କର୍କଟରୋଗକୁ କମ୍ କରାଯାଇପାରିବ । ରିସର୍ଚ୍ଚରୁ ଜଣାପଡ଼ିଛି ଯେ ହାଇଡ୍ରେଡ଼ ଦ୍ୱାରା ବୃହଦାନ୍ତ୍ର କର୍କଟକୁ ୪୫ ଭାଗ ରୋକାଯାଇପାରିବ, ମୂତ୍ରାଶୟ କର୍କଟ ୫୦ ଭାଗ ଏବଂ ସ୍ତନ କର୍କଟକୁ ମଧ୍ୟ ରୋକାଯାଇପାରିବ ।

ବୈଜ୍ଞାନିକମାନେ ମାଇଗ୍ରେନ୍‌କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରିଛନ୍ତି । ଗୋଟିଏ ପ୍ଲେସବୋ ନେବା ଅନ୍ୟଟି ଦୈନିକ ୧.୫ ଲିଟର ପାଣି ପିଇବା । ଦୁଇ ସପ୍ତାହ ପରେ ଦେଖିବାକୁ ମିଳିଥିଲା ଯେ ପ୍ଲେସ୍‌ବୋ ନେଉଥିବା ଲୋକଙ୍କ ଅପେକ୍ଷା ପାଣି ପିଉଥିବା ଲୋକଙ୍କ ମୁଣ୍ଡ ବିନ୍ଧା ଦୂର ହୋଇଥିଲା ।

ଆମ ମସ୍ତିଷ୍କ କାର୍ଯ୍ୟ କରିବା ପାଇଁ ଅମ୍ଳଜାନ ଦରକାର କରିଥାଏ । ତେଣୁ ଅଧିକ ମାତ୍ରାରେ ପାଣି ପିଇବା ଦ୍ୱାରା ଆମ ଶରୀରକୁ ଦରକାର କରୁଥିବା ଉପାଦାନ ମିଳିଯାଇଥାଏ । ଦିନକୁ ୮ରୁ ୧୦ କପ୍ ପାଣି ପିଇଲେ ଆମର ସଂଜ୍ଞାନାତ୍ମକ ନିଷ୍ପାଦନର ୩୦ ଭାଗ ବଢ଼ିଥାଏ ।

୬୦ ପ୍ରତିଶତ ଯୁକ୍ତରାଷ୍ଟ୍ରର ଲୋକେ ପାଣି ବୋତଲ କିଣି ପିଇଥାନ୍ତି । ଏହା ଜୁସ୍, ସୋଡ଼ା ଏବଂ ଷ୍ଟାରବକ ଠାରୁ ଶସ୍ତା ହୋଇଥାଏ । ଏହାଦ୍ୱାରା ସେମାନଙ୍କ ପଇସା ବଞ୍ଚିଯାଇଥାଏ । ପ୍ରତିଦିନ ସୋଢ଼ାଠାରୁ ଗୋଟେ ଗ୍ଲାସ ପାଣି ଶ୍ରେୟସ୍କର ହୋଇଥାଏ ।

କର୍ମକ୍ଷେତ୍ରରେ ସତେଜ ରଖିବା ସହ ଡିହାଇଡ୍ରେସନ୍‌ର ପରିମାଣକୁ କମ୍ କରି ମେମୋରୀକୁ ବଢ଼ାଏ ।

ବର୍ତ୍ତମାନ ଖରାଦିନ ହୋଇଥିବାରୁ ଶରୀରକୁ ଯଥେଷ୍ଟ ପରିମାଣର ଜଳ ଆବଶ୍ୟକ ହୋଇଥାଏ ଏହା କେବଳ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିନଥାଏ ବରଂ ସମ୍ଭାବ୍ୟ ଶରୀରୁ ଜଳୀୟ ହ୍ରାସ ଜନିତ କ୍ଷତିରୁ ବଞ୍ଚାଇଥାଏ । ଫୁଟା ହୋଇ ମାଟି ପାତ୍ରରେ ରହିଥିବା ପାଣି ସ୍ୱାସ୍ଥ୍ୟ ସବୁଠାରୁ ପାଇଁ ଭଲ ।

ଫ୍ରିଜରେ ରହିଥିବା ଥଣ୍ଡା ପାଣି ଶରୀର ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ । କଥାରେ ଅଛି 'ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ' ଠିକ୍ ସେହିପରି ଶରୀର ପାଇଁ ଅତ୍ୟଧିକ ପରିମାଣର ଜଳ ମଧ୍ୟ ଅହିତକାର ହୋଇଥାଏ । ତେଣୁ ଆପଣଙ୍କ ଖାଦ୍ୟ ଓ ଶରୀରର ଓଜନକୁ ଦୃଷ୍ଟିରେ ରଖି ସର୍ବନିମ୍ନ ଦିନକୁ ବିଶୁଦ୍ଧ ଆଠଗ୍ଲାସ ପାଣି ପିଅନ୍ତୁ । ଏହା ଆପଣଙ୍କ ଶରୀରର ଉର୍ଜ୍ଜା ବଢ଼ାଇବା ସହିତ ଫୁର୍ତ୍ତି ସୃଷ୍ଟି କରିଥାଏ ।

**ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ**
**ମେଡ଼ିକାଲ କଲେଜ, କଟକ**

# ଭଗବାନ ନୃସିଂହ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳନ କରାଯାଇଥାଏ । ନୃସିଂହ ହେଉଛନ୍ତି ଶକ୍ତିର ଦେବତା । ପୌରାଣିକ ମାନ୍ୟତା ଅନୁଯାୟୀ, ଉପରୋକ୍ତ ପବିତ୍ର ତିଥିରେ ଶ୍ରୀହରି ବିଷ୍ଣୁ ନୃସିଂହ ଅବତାରରେ ପ୍ରକଟ ହୋଇଥିଲେ । ସେ ଦୈତ୍ୟରାଜ ହିରଣ୍ୟକଶିପୁର ବଧ କରିଥିଲେ । ଭଗବାନ ବିଷ୍ଣୁ ଅଧର୍ମ ନାଶ କରିବା ଲାଗି ଅନେକ ଅବତାର ନେଇଛନ୍ତି । ସେ ଅବତାର ନେବା ପରେ ପୃଥିବୀରେ ଧର୍ମ ପ୍ରତିଷ୍ଠା ହୋଇଛି । ଶ୍ରୀବିଷ୍ଣୁ ସର୍ବଦା ନିଜ ଭକ୍ତମାନଙ୍କୁ ସଂକଟରୁ ରକ୍ଷା କରିଥାନ୍ତି । ଶ୍ରୀମଦ୍ ଭାଗବତରେ ଆରମ୍ଭରୁ ଭଗବାନ ନୃସିଂହଙ୍କୁ ସ୍ତୁତି କରାଯାଇ ଲେଖାଯାଇଛି 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'।

ଅଧର୍ମର ବିନାଶ ଲାଗି ଶ୍ରୀହରି ନେଇଥିବା ବିଭିନ୍ନ ଅବତାର ମଧ୍ୟରୁ ନୃସିଂହ ଅବତାରରେ ସେ ଦୈତ୍ୟରାଜ ହିରଣ୍ୟକଶିପୁର ବିନାଶ କରିଥିଲେ । ଧାର୍ମିକ ଗ୍ରନ୍ଥରେ ଥିବା ବର୍ଣ୍ଣନା ଅନୁଯାୟୀ, ଦୈତ୍ୟରାଜ ହିରଣ୍ୟକଶିପୁ ନିଜକୁ ଭଗବାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ବୋଲି ଭାବୁଥିଲା । ସେ ବ୍ରହ୍ମାଙ୍କ ଠାରୁ ବରଦାନ ପାଇଥିଲା । ତାକୁ ମନୁଷ୍ୟ, ଦେବତା, ପକ୍ଷୀ, ପଶୁ ମାରିପାରିବେ ନାହିଁ । ଦିନରେ, ରାତିରେ, ଭୂମିରେ, ଆକାଶରେ, ଅସ୍ତ୍ରରେ କିମ୍ବା ଶସ୍ତ୍ରରେ ସେ ମରିବ ନାହିଁ ବୋଲି ବର ପାଇଥିଲା । ଏହି ବର ପାଇଁ ସେ ଅହଂକାରୀ ହୋଇ ଉଠିଥିଲା । ତା'ର ରାଜ୍ୟରେ ଭଗବାନ ବିଷ୍ଣୁଙ୍କୁ ପୂଜା କରୁଥିବା ଲୋକକୁ ସେ ଦଣ୍ଡ ଦେଉଥିଲା । ହିରଣ୍ୟକଶିପୁର ପୁତ୍ର ଥିଲେ ପ୍ରହ୍ଲାଦ । ପ୍ରହ୍ଲାଦ ପିଲାଦିନୁ ଭଗବାନ ବିଷ୍ଣୁଙ୍କର ପରମଭକ୍ତ ଥିଲେ । ଏହି କଥା ଜାଣିବା ପରେ ହିରଣ୍ୟକଶିପୁ କ୍ରୋଧିତ ହୋଇପଡ଼ିଥିଲା । ସେ ପ୍ରହ୍ଲାଦଙ୍କୁ ବୁଝାଇଲା । କହିଲା, ବିଷ୍ଣୁଙ୍କୁ ଛାଡ଼ି ମୋତେ ପୂଜା କର । ମାତ୍ର ପ୍ରହ୍ଲାଦ ଏଥିପାଇଁ ରାଜି ହେଲେ ନାହିଁ । ହିରଣ୍ୟକଶିପୁ ନିଜ ପୁତ୍ରକୁ ମୃତ୍ୟୁଦଣ୍ଡ ଦେଲା । କିନ୍ତୁ ଭଗବାନଙ୍କ ଚମତ୍କାର ଯୋଗୁ ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ । ଭଉଣୀ ହୋଲିକା କୋଳରେ ବସାଇ ପ୍ରହ୍ଲାଦଙ୍କୁ ମାରିବାକୁ ଚାହିଁଲା ହିରଣ୍ୟକଶିପକୁ । ମାତ୍ର ନିଆଁରେ ହୋଲିକା ପୋଡ଼ିମଲା, ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ ।

ଶ୍ରୀବିଷ୍ଣୁଙ୍କର ଦଶ ଅବତାର ମଧ୍ୟରେ ଭଗବାନ ନୃସିଂହ ଚତୁର୍ଥ ଅବତାର ଅଟନ୍ତି । ସିଂହ ଭଳି ମସ୍ତକ ଏବଂ ମନୁଷ୍ୟ ଶରୀର ଧାରଣ କରି ପ୍ରଭୁ ନୃସିଂହ ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀରେ ଆବିର୍ଭୂତ ହୋଇଥିଲେ । ଭକ୍ତ ପ୍ରହ୍ଲାଦଙ୍କୁ ନିର୍ଯାତନାରୁ ମୁକ୍ତ କରିବା ପାଇଁ ପ୍ରଭୁ ନୃସିଂହ ରୂପରେ ସ୍ତମ୍ଭରୁ ବାହାରି ରାକ୍ଷସରାଜ ହିରଣ୍ୟକଶିପୁର ବଧ କରିଥିବା ପୁରାଣରେ ବର୍ଣ୍ଣନା ରହିଛି । ନୃସିଂହ ପୁରାଣରେ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ନୃସିଂହ ବ୍ରତ ଏବଂ ପୂଜାର ଫଳ କଥା ବର୍ଣ୍ଣନା କରାଯାଇଛି । ଏଥିରେ ଭକ୍ତ ପ୍ରହ୍ଲାଦଙ୍କ ଭକ୍ତି ବିଷୟରେ ପ୍ରଭୁ ନୃସିଂହ କହିଛନ୍ତି ।

ନୃସିଂହ ଜୟନ୍ତୀ ଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ ଆଦି କର୍ମରୁ ନିବୃତ୍ତ ହୋଇ ସ୍ୱଚ୍ଛ ବସ୍ତ୍ର ଧାରଣ କରିବା ଉଚିତ । ଭଗବାନ ନୃସିଂହଙ୍କୁ ବିଧିବିଧାନ ଅନୁଯାୟୀ ପୂଜା କରିବା ଆବଶ୍ୟକ । ଭଗବାନ ନୃସିଂହଙ୍କ ସହିତ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି ସ୍ଥାପନ କରନ୍ତୁ । ଏହା ପରେ ମନ୍ତ୍ର ଉଚ୍ଚାରଣ କରି ଭଗବାନ ନୃସିଂହଙ୍କ ଷୋଡ଼ଶୋପଚାର ପୂଜା କରନ୍ତୁ । ଭଗବାନ ନୃସିଂହଙ୍କ ପୂଜା ନିମନ୍ତେ ଫଳ, ଫୁଲ, କୁଙ୍କୁମ, କେଶର, ଶ୍ରୀଫଳ, ଅକ୍ଷତ, ପୀତାମ୍ବର ରଖିବା ଉଚିତ । ଗଙ୍ଗାଜଳ, କଳା ରାଶି, ପଞ୍ଚଗବ୍ୟ ଏବଂ ହୋମ ଆଦି ସାମଗ୍ରୀ ମଧ୍ୟ ପୂଜାରେ ଉପଯୋଗ କରାଯାଇପାରିବ । ଭଗବାନ ନୃସିଂହଙ୍କୁ ପ୍ରସନ୍ନ କରିବା ଲାଗି ନୃସିଂହ ଗାୟତ୍ରୀ ମନ୍ତ୍ର 'ଓଁ ଉଗ୍ରନୃସିଂହାୟ ବିଦ୍ମହେ ବଜ୍ରନଖାୟ ଧୀମହି! ତନ୍ନୋ ନରସିଂହ ପ୍ରଚୋଦୟାତ୍ ।' କିମ୍ବା 'ଓଁ ବଜ୍ରନଖାୟ ବିଦ୍ମହେ ତୀକ୍ଷ୍ଣଦଂଷ୍ଟ୍ରାୟ ଧୀମହି, ତନ୍ନୋ ନରସିଂହ ପ୍ରଚୋଦୟାତ୍' ଜପ କରିବା ଉଚିତ । ପୂଜା ଶେଷ ହେବା ପରେ ମଧ୍ୟ କୁଶ ନିର୍ମିତ ଆସନରେ ବସି ରୁଦ୍ରାକ୍ଷ ମାଳା ଦ୍ୱାରା ନୃସିଂହ ଭଗବାନଙ୍କ ମନ୍ତ୍ର ଜପ କରାଯାଇପାରିବ । ଏହି ଦିନ ନିଜ ସାମର୍ଥ୍ୟ ଅନୁଯାୟୀ, ରାଶି, ସୁବର୍ଣ୍ଣ କିମ୍ବା ବସ୍ତ୍ରାଦି ଦାନ କରିବା ଉଚିତ । ଏହି ବ୍ରତ କରୁଥିବା ବ୍ୟକ୍ତି ସମଗ୍ର ଲୌକିକ ଦୁଃଖରୁ ମୁକ୍ତି ପାଇଥାଏ । ନୃସିଂହଙ୍କ ମନ୍ତ୍ର 'ଓଁ ଉଗ୍ରଂ ବୀରଂ ମହାବିଷ୍ଣୁଂ ଜ୍ୱଳନ୍ତଂ ସର୍ବତୋମୁଖମ୍ । ନୃସିଂହଂ ଭୀଷଣଂ ଭଦ୍ରଂ ମୃତ୍ୟୁ ମୃତ୍ୟୁଂ ନମାମ୍ୟହମ୍ ।' 'ଓଁ ନୃମ ନୃମ ନୃମ ନରସିଂହାୟ ନମଃ ।' ମନ୍ତ୍ର ଦ୍ୱାରା ମଧ୍ୟ ନୃସିଂହ ଭଗବାନଙ୍କୁ ଉପାସନା କରାଯାଇପାରିବ ।

ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟ ୩୦ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଛଳରେ ପାଣ୍ଡପୁତ୍ର ଅର୍ଜ୍ଜୁନଙ୍କୁ କହୁଛନ୍ତି 'ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍। ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷୀଣାମଃ ।' ଅର୍ଥାତ୍ ଦୈତ୍ୟମାନଙ୍କ ମଧ୍ୟରୁ ମୁଁ ହେଉଛି ପ୍ରହ୍ଲାଦ ଏବଂ ଗଣନାକାରୀଙ୍କ ମଧ୍ୟରେ କାଳ ତଥା ମୁଁ ପଶୁମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼ । ସହଜ ଅର୍ଥରେ କହିଲେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦଙ୍କୁ ସର୍ବଶ୍ରେଷ୍ଠ ଦୈତ୍ୟ ରୂପେ ବର୍ଣ୍ଣନା କରିଛନ୍ତି । ପ୍ରହ୍ଲାଦଙ୍କ ପବିତ୍ର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ । ତାଙ୍କ ଜୀବନରୁ ଆମକୁ ଅନେକ ଶିକ୍ଷା ମିଳିଥାଏ । ଯେପରିକି – ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ସର୍ବଦା ବିଶ୍ୱାସ ରଖିବା ଉଚିତ । ନିଶ୍ଚଳ ଭକ୍ତି ପାଇଁ କୌଣସି ବୟସସୀମା ନଥାଏ । ଭଗବାନ ସର୍ବତ୍ର ବିରାଜମାନ କରିଥାନ୍ତି । ଭଗବାନ ସବୁବେଳେ ଉପସ୍ଥିତ ଥାଆନ୍ତି । ଈଶ୍ୱର ନିଜ ଭକ୍ତକୁ ସର୍ବଦା ରକ୍ଷା କରିଥାନ୍ତି । ଦୁଷ୍ଟମାନଙ୍କର ସଂହାର କରିଥାନ୍ତି ।

ଅଜ୍ଞାତରେ ହେଲେ ବି ସେ ଦୁହେଁ ଉପବାସ ରହିଛି ସେ ଦିନ ବ୍ରତ ପାଳନ କରିଥିବାରୁ ସମସ୍ତ ପାପରୁ ମୁକ୍ତ ହେଲେ । ପୁଣ୍ୟ ଅର୍ଜନ କରିଥିବାରୁ ଉକ୍ତ ଗଣିକା ବ୍ରତ ଫଳରୁ ଅପ୍‌ସରା ହୋଇ ସ୍ୱର୍ଗକୁ ଫେରିଗଲା । ଭକ୍ତ ପ୍ରହ୍ଲାଦ ହିରଣ୍ୟକଶିପୁର ପୁତ୍ର ରୂପେ ଜନ୍ମ ନେଇ ଶ୍ରୀବିଷ୍ଣୁଙ୍କ ପରମ ଭକ୍ତ ହେଲେ । ନୃସିଂହ ବ୍ରତ କଲେ ଭକ୍ତ ଦୀର୍ଘାୟ ହେବା ସହୁ, ଧନ, ଐଶ୍ୱର୍ଯ୍ୟ ଲାଭ କରିଥାଏ। ମହିଳାମାନେ ସ୍ୱାମୀ–ସନ୍ତାନ ସୁଖ ପ୍ରାପ୍ତ କରିଥାନ୍ତି । ଏହି ଦିନ ପୁରୀ ଶ୍ରୀମନ୍ଦିରରେ ନୃସିଂହ ଜନ୍ମୋତ୍ସବ ପାଳନ କରାଯାଇଥାଏ ।

**ଅରୁଣୋଦୟ ମାର୍କେଟ, କଟକ,**
**ମୋ– ୯୪୩୭୦୩୧୨୫୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜବାବୀ...

କାରତପୁର କରିଡରରେ ମଧ୍ୟ ଏକ ବିସ୍ଫୋରଣ ହୋଇଛି । ରାଜସ୍ଥାନରେ ୧୦ ଡ୍ରୋନ୍‌କୁ ସେନା ପକ୍ଷରୁ ପକାଇ ଦିଆଯାଇଛି । ସେହିଭଳି ଅମିତ୍‌ସରରେ ରେଡ୍ ଆଲର୍ଟ ଜାରି କରାଯିବା ସହ ୧୫ ଡ୍ରୋନ୍‌କୁ ଖସାଇ ଦିଆଯାଇଛି । ପାକିସ୍ତାନ ଆଜି ଭାରତର ୨୦ ସହରକୁ ଟାର୍ଗେଟ କରୁଥିବା ସୂଚନା ମିଳିଛି । ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଯୋଗୁ ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି । ଫିରୋଜପୁରରେ ଡ୍ରୋନ୍ କ୍ରାସ୍ ହେବାଯୋଗୁ ୩ ଜଣ ଆହତ ହୋଇଛନ୍ତି । ପାକ୍ ଡ୍ରୋନ୍ ଗୋଟିଏ ଘର ଉପରେ ମାଡ ହୋଇଥିଲା ।

## ୨୪...

ହୋଇଛି । ୬୬ ଘରୋଇ ବିମାନ ଯାହାକି ଏଠାରୁ ଛାଡ଼ିବାର ଥିଲା ଓ ୬୩ ବିମାନ ଯାହା ଆସିବାର ଥିଲା ଏବଂ ୫ ଅନ୍ତର୍ଜାତୀୟ ବିମାନ ଯାହା ଆସିବାର ଥିଲା ଏବଂ ୪ ଯାହା ଯିବାର ଥିଲା, ତାକୁ ମଧ୍ୟ ଭୋର ୫ଟାରୁ ରାତି ୨ଟା ପର୍ଯ୍ୟନ୍ତ ଶୁକ୍ରବାର ବାତିଲ କରାଯାଇଛି । ତେବେ ଦିଲ୍ଲୀ ବିମାନବନ୍ଦରରେ ବିମାନ ଚଳାଚଳ ସ୍ୱାଭାବିକ ରହିଛି । ସୁରକ୍ଷା ବ୍ୟବସ୍ଥା ଯୋଗୁ କେତେକ ବିମାନର ଚଳାଚଳ ଉପରେ ପ୍ରଭାବ ପଡ଼ିଛି । ଜାମ୍ମୁ-କାଶ୍ମୀର ପହଲଗାମ୍‌ରେ ଆତଙ୍କୀ ଆକ୍ରମଣ ପରେ ପାକିସ୍ତାନ ସହ ସୃଷ୍ଟି ହୋଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଏଭଳି ପଦକ୍ଷେପ ନିଆଯାଇଛି ।

## ସେନା...

କରାଯାଇଛି । ରୁଷିଆ ଦ୍ୱାରା ନିର୍ମିତ ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ ଯାହାକୁ ସୁଦର୍ଶନ ଚକ୍ର ନାମରେ ପରିଚିତ ପ୍ରାୟ ୫୦ ସ୍ଥାନରେ ପ୍ରତିହତ କରିଛି । ଇସ୍ରାଏଲର ହାର୍ପୋ ଡ୍ରୋନ୍ ମଧ୍ୟ ପ୍ରତି ଜବାବ ଦେବା ପାଇଁ ପ୍ରସ୍ତୁତ ହୋଇଛି ।

## ୪୦...

ସାମରିକ ଘାଟିକୁ ମଧ୍ୟ ଟାର୍ଗେଟ କରାଯାଇଥିଲା । ମାତ୍ର ଏହାକୁ ସଫଳତାର ସହ ପ୍ରତିହତ କରାଯାଇଛି । ଏଡି ରାଡର ମାଧ୍ୟମରେ ଗୋଟିଏ ଡ୍ରୋନକୁ ଅଚଳ କରିଦିଆଯାଇଥିଲା । ସୀମା ଆରପଟୁ ଡ୍ରୋନ୍ ମାଧ୍ୟମରେ ଆକ୍ରମଣ କରିବାକୁ ଯୋଜନା କରାଯାଇଛି । ସୁନ୍ଦେର, ଉରି, ପୁଞ୍ଚ, ମେନ୍ଦର, ରାଜୋରୀ, ଅଖନୁର, ଉଦ୍ଧାମପୁର ଅଞ୍ଚଳକୁ ଟାର୍ଗେଟ କରାଯାଇଥିଲା । ଏହା ଫଳରେ କିଛି କ୍ଷତି ହେବା ସହ କେତେକ ଭାରତୀୟ ଯବାନ ଆହତ ହୋଇଛନ୍ତି । ତେବେ ପାକିସ୍ତାନ ସେନା ଏହି ଜବାବୀ ଆକ୍ରମଣରେ ବୃହତ୍ତର କ୍ଷତି କରିପାରିନାହିଁ । ତେବେ ଭାରତ ପକ୍ଷରୁ ଯେଉଁ ଜବାବ ହାମ୍‌ଲା କରାଯାଇଥିଲା ପାକିସ୍ତାନ ସେନାର ବହୁ କ୍ଷତି ହୋଇଛି ।

ପାକିସ୍ତାନ ପକ୍ଷରୁ ମଧ୍ୟ ସାଧାରଣ ଲୋକ ଯାଉଥିବା ଏକ ବିମାନକୁ ଢାଲ ଭାବେ ବ୍ୟବହାର କରାଯାଇଥିଲା । ଆକ୍ରମଣ ସମୟରେ ସେମାନେ ତାଙ୍କ ବାୟୁସୀମାକୁ ବନ୍ଦ କରିନଥିଲେ । ଫଳରେ ଯାତ୍ରୀବାହୀ ବିମାନ ଗୁଡିକ ଯାତାୟାତ କରିବା ସମୟରେ ଭାରତର ସହ ଉପରେ ଡ୍ରୋନ୍ ଓ ମିଶାଇଲ ଦ୍ୱାରା ଆକ୍ରମଣ କରିଥିଲା । ଗୁରୁବାର ରାତିରେ ପାକିସ୍ତାନ ଡ୍ରୋନ୍ ଓ ମିସାଇଲ ଦ୍ୱାରା ଜାମ୍ମୁ, ପଠାନକୋଟ, ଉଦ୍ଧାମପୁରରେ ଯେଉଁ ଆକ୍ରମଣ ଯୋଜନା କରିଥିଲା ତାକୁ ଭାରତ ବିଫଳ କରିଛି । ଡ୍ରୋନ୍ ଆକ୍ରମଣ ସମୟରେ ବିମାନ ଯାତ୍ରା କରୁଥିବା ଫଟୋ ମଧ୍ୟ ଆଜି ସରକାରଙ୍କ ପକ୍ଷରୁ ଗଣମାଧ୍ୟମ ଆଗରେ ପ୍ରକାଶ କରାଯାଇଛି । କର୍ଣ୍ଣେଲ ସୋଫିଆ କ୍ୟାରେସୀ କହିଥିଲେ ଯେ, ଭାରତର ବାୟୁସୀମାକୁ ଆକ୍ରମଣ ଆଶଙ୍କା କରି ବନ୍ଦ କରାଯାଇଛି । କେତେକ ବିମାନର ଗତିପଥକୁ ମଧ୍ୟ ପରିବର୍ତ୍ତନ କରାଯାଇଛି । ତେବେ କରାଚି ଓ ଲାହୋରରୁ ଉଡାର ଭରୁଥିବା ସାଧାରଣ ଯାତ୍ରୀବାହୀ ବିମାନ ଗୁଡିକ ଯାତାୟତ କରୁଛି । ଏଥିରେ ଅନେକ ଅନ୍ତର୍ଜାତୀୟ ବିମାନ ମଧ୍ୟ ରହିଛି । ପାକିସ୍ତାନ ପକ୍ଷରୁ ଜାଣିଶୁଣି ଏଭଳି ପଦକ୍ଷେପ ନିଆଯାଇଛି । ତେବେ ଆକ୍ରମଣରେ ଭାରତ ଯାତ୍ରୀମାନଙ୍କୁ ନିରାପଦ ରଖିବାରେ ଚେଷ୍ଟା କରିଛି । ପାକିସ୍ତାନ ପକ୍ଷରୁ ବେସାମରିକ ବିମାନ ଚଳାଚଳ ବ୍ୟବହାର କରାଯାଇ ଭାରତ ଉପରେ ଆକ୍ରମଣ କରାଯାଉଛି । ଏହା ସାଧାରଣ ଯାତ୍ରୀ ପରିବହନ କରୁଥିବା ବିମାନ ସେବା ପାଇଁ ନିରାପଦ ନୁହେଁ । ଏଥିରେ ମଧ୍ୟ ଅନେକ ଆନ୍ତର୍ଜାତୀୟ ବିମାନ ରହିଛି । ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ପାକିସ୍ତାନର ୪ ପ୍ରତିରକ୍ଷା କ୍ଷେତ୍ରରୁ ଏହି ଡ୍ରୋନ୍ ଆକ୍ରମଣ କରାଯାଇଥିଲା । ଗୋଟିଏ ଏୟାର ଡିଫେନ୍ସ ରାଡରକୁ ଧ୍ୱଂସ କରାଯାଇଛି । ବାୟୁସେନା ପକ୍ଷରୁ ଜବରଦସ୍ତ ଜବାବ ଦିଆଯାଉଛି । ସାଧାରଣ ନାଗରିକଙ୍କ ସୁରକ୍ଷା ପାଇଁ ସଚେତନ ରହିନ୍ତୁ ।

## ଟେରିଟୋରିଆଲ୍...

ଦକ୍ଷିଣାଞ୍ଚଳ, ପୂର୍ବାଞ୍ଚଳ, କେନ୍ଦ୍ରାଞ୍ଚଳ, ଉତ୍ତରାଞ୍ଚଳ, ଦକ୍ଷିଣ-ପଶ୍ଚିମାଞ୍ଚଳ, ଆଣ୍ଡାମାନ ଓ ନିକୋବରରେ ଏହି ସେନା ରହିଛନ୍ତି । ତେବେ ବଜେଟ ବ୍ୟବସ୍ଥା ନେଇ ଏମାନଙ୍କୁ ମୁତୟନ କରାଯିବ । ଯେଉଁମାନଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପରିସର ବାହାରେ ମୁତୟନ କରାଯିବ, ସେମାନଙ୍କ ପାଇଁ ସଂପୃକ୍ତ ମନ୍ତ୍ରଣାଳୟରୁ ଅନୁମତି ଦରକାର । ଏହି ନିର୍ଦ୍ଦେଶନାମା ୩ବର୍ଷ ପାଇଁ ବଳବତ୍ତର ରହିବ । ଅପରେସନ ସିନ୍ଦୂରରେ ଭାରତୀୟ ସେନା ପାକିସ୍ତାନରେ ଥିବା ବିଭିନ୍ନ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଛି । ଏହାପରେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି ।

## ସପ୍ତାହେ...

ଓଡ଼ିଶାର ଅଧିକାଂଶ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଲାଗି ରହିବାକୁ ଥିବାରୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ସର୍ବାଧିକ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇଛି । ଅନ୍ୟ ଜିଲ୍ଲାରେ କୌଣସି ବଡ଼ ପରିବର୍ତ୍ତନ ହୋଇ ନାହିଁ । ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩ରୁ ୪ ଡିଗ୍ରୀ କମ୍ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ କମ୍, ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ସ୍ୱାଭାବିକ ଠାରୁ ପ୍ରାୟ ୨ ଡିଗ୍ରୀ ଅଧିକ ରହିଛ

## ହୀରାକୁଦ...

ଏହି ନଦୀବନ୍ଧଟି ପ୍ରକୃତିର ଅପରୂପା ସୌନ୍ଦର୍ଯ୍ୟରେ ଭରପୁର ଅଟେ । ବନ୍ୟା ନିୟନ୍ତ୍ରଣ, କୃଷି କ୍ଷେତ୍ରକୁ ଜଳ ଯୋଗାଣ ଓ ବିଦ୍ୟୁତ ଉତ୍ପାଦନର ଲକ୍ଷ୍ୟ ନେଇ ୧୯୫୭ମସିହାରେ ଏହି ଜଳ ଭଣ୍ଡାର କାର୍ଯ୍ୟକ୍ଷମ ହୋଇଥିଲା । ତେବେ ୧୯୬୨ରେ ଭାରତ- ଚୀନ ଓ ୧୯୭୧ରେ ଭାରତ ଓ ପାକିସ୍ତାନ ଯୁଦ୍ଧ ସମୟରେ ସୁରକ୍ଷା କାରଣରୁ ହୀରାକୁଦ ନଦୀବନ୍ଧକୁ ବନ୍ଦ କରାଯାଇଥିଲା ।

## ପୁଣି...

ବିରୋଧ କରି ଅନେକ ସଂଗ୍ରାମୀ ଏମଆଇଏସଏ, ଡିଆଇଆର, ଡିଆଇଏସଆଇଆର ଆଦି ଆଇନ ବଳରେ ଗିରଫ ହୋଇ ବିଭିନ୍ନ ଜେଲରେ ବନ୍ଦୀ ହୋଇଥିଲେ । ୨୦୨୫ ଜାନୁଆରୀ ୧ ସୁଦ୍ଧା ଜୀବିତ ଥିବା ସବୁ ସଂଗ୍ରାମୀ ପେନସନ ଓ ଚିକିତ୍ସା ସୁବିଧା ପାଇବେ ବୋଲି ନିଷ୍ପତ୍ତି ନିଆଯାଇଛି ।

## ବିମାନ...

କରାଯାଇଛି । ବିମାନବନ୍ଦର ସୁରକ୍ଷାରେ ଥିବା ସିଆଇଏସ୍ଏଫ୍ ଯବାନମାନେ ବିମାନ ଯାତ୍ରୀମାନଙ୍କୁ ତନ ତନ କରି ଯାଞ୍ଚ କରିବା ସହ ସେମାନଙ୍କ ପରିଚୟ ସଠିକ୍ ଭାବେ ନିରୀକ୍ଷଣ କରୁଛନ୍ତି । ଇତିମଧ୍ୟରେ ଭୁବନେଶ୍ୱରକୁ ଆସୁଥିବା ବିମାନ ମଧ୍ୟରୁ ଗୋଟିଏ ବିମାନ ବାତିଲ କରାଯାଇଥିବା ସୂଚନା ମିଳିଛି । ଯାଞ୍ଚ ପାଇଁ ସମୟ ଲାଗୁ ଥିବାରୁ ବିମାନ ଯାତ୍ରୀମାନଙ୍କୁ ସେହି ଅନୁସାରେ ଆସିବା ପାଇଁ ପରାମର୍ଶ ଦିଆଯାଉଛି । ବିମାନ ବନ୍ଦର ନିର୍ଦ୍ଦେଶକଙ୍କୁ ଫୋନ୍ ଯୋଗେ ସୁରକ୍ଷା ସମ୍ପର୍କରେ ପଚାରିବାରୁ ଗାଇଡ୍‌ଲାଇନ୍ ଅନୁସାରେ ସୁରକ୍ଷା ଟାଇଟ୍ କରାଯାଇଥିବା ଆମ ପ୍ରତିନିଧିଙ୍କୁ କହିଛନ୍ତି । ସବିଶେଷ ତଥ୍ୟ ଦେଇ ହେବନାହିଁ ବୋଲି ସେ ମନା କରିଛନ୍ତି । ଶୁକ୍ରବାର ବିମାନ ବନ୍ଦର ନିକଟରେ ଏକ ବ୍ୟାଗ୍ କେହି ଜଣେ ଛାଡିଯାଇଥିଲେ । ସେହି ବ୍ୟାଗ୍‌କୁ ନେଇ ସନ୍ଦେହ ସୃଷ୍ଟି ହେବାରୁ ଯାଞ୍ଚ କଡାକଡି କରାଯାଇଥିଲା । ବ୍ୟାଗ୍ ଛାଡିଯାଇଥିବା ମହିଳା ତାଙ୍କ ସ୍ୱାମୀକୁ ପଠାଇବା ପରେ ତାଙ୍କ ପରିଚୟ ଯାଞ୍ଚ କରାଯିବା ପରେ ବ୍ୟାଗ୍‌କୁ ହସ୍ତାନ୍ତର କରାଯାଇଥିଲା । ବ୍ୟାଗ୍ ହସ୍ତାନ୍ତର ବେଳେ ତାଙ୍କ ଫଟୋଚିତ୍ରକୁ ସୁରକ୍ଷା କର୍ମୀମାନେ କରାୟତ କରିଛନ୍ତି ।

ଶତ୍ରୁପକ୍ଷ ପାକିସ୍ତାନ-ଭାରତର ବିମାନ ବନ୍ଦର ସମେତ ସମ୍ବେଦନଶୀଳ ସ୍ଥାନ ଗୁଡିକୁ ଟାର୍ଗେଟ କରୁଥିବାରୁ ସେଥିପାଇଁ ବିମାନ ବନ୍ଦର ସମେତ ରେଳ ଷ୍ଟେସନ ସୁରକ୍ଷାକୁ ବଢାଇ ଦିଆଯାଇଛି । ସଶସ୍ତ୍ର ଫୋର୍ସ ରେଳ ଷ୍ଟେସନରେ ଫ୍ଲାଗ୍‌ମାର୍ଚ୍ଚ କରିବା ପରେ ସନ୍ଦିଗ୍ଧ ଯାତ୍ରୀମାନଙ୍କୁ ଯାଞ୍ଚ କରିଛନ୍ତି । ଅନୁରୂପ ଭାବେ ଭୁବନେଶ୍ୱର ବିମାନ ବନ୍ଦରରେ ଯାଞ୍ଚ ଦୁଇଗୁଣିତ ହୋଇଛି । ସେହିପରି ପୁରୁଣା ଭୁବନେଶ୍ୱରରେ ଥିବା ଶ୍ରୀଲିଙ୍ଗରାଜ ମନ୍ଦିର ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଛି । ବରିଷ୍ଠ ପୋଲିସ ଅଧିକାରୀମାନେ ଶ୍ରୀଲିଙ୍ଗରାଜ ମନ୍ଦିର ଉପରେ କଡା ନଜର ରଖିଛନ୍ତି । ନିୟମିତ ମନ୍ଦିରରେ ଗୋଟିଏ ପ୍ଲାଟୁନ୍ ଫୋର୍ସ ସୁରକ୍ଷାରେ ନିୟୋଜିତ ରୁହନ୍ତି । ଚନ୍ଦନ ଯାତ୍ରା ପାଇଁ ଆଉ ଗୋଟିଏ ପ୍ଲାଟୁନ ଅଧିକ ଫୋର୍ସ ଆସୁଛନ୍ତି । ବରିଷ୍ଠ ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି ଦୁଇ ପ୍ଲାଟୁନ୍ ଫୋର୍ସ ତାଙ୍କ ଯାଞ୍ଚ ବ୍ୟବସ୍ଥାକୁ ସୁଦୃଢ କରିବା ସହ ସନ୍ଦିଗ୍ଧଙ୍କୁ ଦେଖିଲେ ପଚରାଉଚରା କରୁଛନ୍ତି । ଭାରତ-ପାକିସ୍ତାନ ଆକ୍ରମଣ ପ୍ରତିଆକ୍ରମଣକୁ ନେଇ ସାରା ଦେଶ ହାଇଆଲଟ୍ ଥିବାବେଳେ ରାଜଧାନୀ ସମେତ ରାଜ୍ୟ ମଧ୍ୟ ହାଇଆଲର୍ଟରେ ରହିଛି । ସବୁ ସମ୍ବେଦନଶୀଳ ସ୍ଥାନମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ତୀକ୍ଷ୍ଣ ନଜରରେ ରଖିଛି ପ୍ରଶାସନ ।

## ଚାନ୍ଦିପୁର...

ସୂଚନା ପ୍ରଦାନ କରାଯାଇ ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଆଇଟିଆର ଓ ପିଏକ୍ସଇ ପରିସରରେ ପ୍ରତିରକ୍ଷା ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ରହିଥିବା ବେଳେ ବାହାର ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ନିମନ୍ତେ ଜିଲ୍ଲା ପୁଲିସ ପ୍ରଶାସର ସହଯୋଗ ଲୋଡ଼ାଯାଇଛି । ଏହି ବୈଠକ ପ୍ରାୟ ଦେଢଘଣ୍ଟା ଧରି ଚାଲୁ ରହିଥିଲା । ନିର୍ଭର ଯୋଗ୍ୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଚାନ୍ଦିପୁର ଅଞ୍ଚଳକୁ ଆସୁଥିବା ବିଭିନ୍ନ ଗାଡ଼ି ମଟର ଯାଞ୍ଚ ସହ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଚଳାଚଳ ଉପରେ ନଜର ରଖାଯିବ। ପ୍ରତିରକ୍ଷା ବିଭାଗ ପକ୍ଷରୁ ଓ ପୋଲିସ ବିଭାଗ ପକ୍ଷରୁ ଚାନ୍ଦିପୁର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ଜଣାପଡ଼ିଛି ।ପ୍ରତିରକ୍ଷା ସୁରକ୍ଷା ବ୍ୟବସ୍ଥା ନେଇ ପୂର୍ବାଞ୍ଚଳ ରେଞ୍ଜ ପୁଲିସ ଡିଆଇଜି ବାଲେଶ୍ୱର ଅପରାହ୍ନ ୨ଟାରେ ଚାନ୍ଦିପୁର ସ୍ଥିତ ଡିଆରଡିଓ ପିଏକ୍ସଇ କ୍ୟାମ୍ପସରେ ବୈଠକ ବସିଥିଲା। ବୈଠକରେ ଜିଲ୍ଲାପାଳ ଏବଂ ଏସପି ଉପସ୍ଥିତ ଥିଲେ। ବାଲେଶ୍ୱରରୁ ଗଞ୍ଜାମ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଫୋକସ୍ରେ ରଖାଯାଇଛି।ତଟରକ୍ଷୀ ବାହିନୀମାନଙ୍କୁ ସତର୍କ ରହିବାକୁ କୁହାଯାଇଛି।ପୁଲିସ ଓ ତଟରକ୍ଷୀ ବାହିନୀମଧ୍ୟରେ ରୀତିମତ ଯୋଗାଯୋଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସର୍ବୋପରି ଡିଜିପି, କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସହ ନିୟମିତ ବ୍ୟବଧାନରେ ଯୋଗାଯୋଗରେ ଥିବା ଜଣାପଡ଼ିଛି।


**AFFIDAVIT**

By virtue of an affidavit sworn before Executive Magistrate, Erasama dated. 02.05.2025. I Umakant Parida, Address At-Badabuda, P.O.- Balitutha, P.S.- Kujang, Dist- Jagatsinghpur, State-Odisha, Pin- 754141 declare that I have changed my daughter's name from Lipi Parida (Old Name) to Truptimayee Parida (New Name). Henceforth she shall be known as Truptimayee Parida (New Name) for all purposes.

**AFFIDAVIT**

I Madhusmita Pattanaik W/o Uttam Keshari Das resident of Plot No-N-3/88, IRC Village , Ps-Nayapalli, Bhubaneswar Dist- khurda, Odisha, Pin-751015 Declare by this Affidavit No-19974, Date-19/12/2023, that now onwards I shall be known as Madhusmita Das for all Future purposes.

**AFFIDAVIT**

By virtue of an affidavit before the Excutive Magistrate, Balasore, I, Bulimani Pusti, aged 56 years, W/o: Rabindra Pusti resident of Vill/PO: Chhanua, PS: Basta, Dist.: Balasore, Odisha, PIN - 756027, have changed my name from Ramamani Pusti to Bulimani Pusti. That, Bulimani Pusti and Ramamani Pusti, W/o: Rabindra Pusti and D/o: Bidyara Barik is one and same person i.e. my own name.

**AFFIDAVIT**

By virtue of an affidavit sworn before Executive Magistrate, Erasama dated. 02.05.2025. I Umakant Parida, Address At-Badabuda, P.O.- Balitutha, P.S.- Kujang, Dist- Jagatsinghpur, State-Odisha, Pin- 754141 declare that I have changed my daughter's name from Lipi Parida (Old Name) to Truptimayee Parida (New Name). Henceforth she shall be known as Truptimayee Parida (New Name) for all purposes.

**LOST**

I Makar Biswal, S/o- Kanduri Biswal, At: Hatimara, P.O.: Dhansar, P.S.: Banki, Cuttack, Odisha, do hereby declare by this Affidavit No.: 540/19125 we lost our Original Sale Deed beaning ID-1174, Dt. on 11.05.1990 under Mouza: Tarapur, Khata No.: 907/28, Plot No.: 360/3360 are Total Area: Ac.0.210dec., We could not trace it out this affidavit are true the best of my knowledge and belief within 7days from the date of Publication of advertisement relating to the above property.

Contact No.: 7504692788


### ଦ.ପୂ. ରେଳପଥ-ଟେଣ୍ଡର

ସିପିଏମ୍/ଜିଏସୟୁ/ଦ.ପୂ. ରେଳପଥ ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓପନ ଟେଣ୍ଡର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । **ଟେଣ୍ଡର ନୋଟିସ ନଂ : ସିକେପି-ଜିଏସୟୁ-୨୦୨୪-୨୫-ଜିଏସ-୨ ତାରିଖ : ୦୭.୦୫.୨୦୨୫ ।** କାର୍ଯ୍ୟର ନାମ : ପଟାସାହି (ପିଏସକେ) ଏବଂ ରାଗ୍ରା (ଆରଜିଜେଡ୍) ଠାରେ ଥିବା ଗୁଡ୍‌ସ ସେଡ୍‌ର ଭିତ୍ତିଭୂମିର ଅପଗ୍ରେଡେସନ/ଆଧୁନିକିକରଣ । **ଟେଣ୍ଡର ମୂଲ୍ୟ :** ଟ. ୨୩,୭୪,୪୯.୯୫୯, ଇଏମଡି: ଟ. ୧୩,୩୭,୩୦୦/- । **ଟେଣ୍ଡର ଫର୍ମ ମୂଲ୍ୟ :** ଟ. ୦ । **ଖୋଲା ତାରିଖ :** ୦୨.୦୬.୨୦୨୫ । ୱେବସାଇଟ୍ , **http://www.ireps.gov.in** ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପ୍‌ଲୋଡ୍ ହୋଇଥିବା ଆବଶ୍ୟକ । ସୂଚନା : ସମସ୍ତ ଟେଣ୍ଡରଦାତାଙ୍କୁ ମାଗଣାରେ ଇ-ଟେଣ୍ଡର ଫର୍ମ ଯୋଗାଇ ଦିଆଯିବ । (ଅଥରଟି - ରେଳବାଇ ବୋର୍ଡର ପତ୍ରାଙ୍କ ନଂ ୨୦୨୦/ସିଇ-ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ : ୧୬.୦୭.୨୦୨୦) । (PR-142)

**ଇ-ଟେଣ୍ଡର ନୋଟିସ୍ ନଂ. : ଆରଏସଓ-କେଜିପି-ଏସଆରସି-ଆରରୁମ୍-୨-୨୦୨୫ ତାରିଖ : ୦୮.୦୫.୨୦୨୫ ।** ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଇଇ/ଓପି/ଖଡଗପୁର, ଡିଆରଏମ୍ ବିଲ୍ଡିଂ ପ୍ରଥମ ମହଲା, ଦକ୍ଷିଣ ପୂର୍ବ ରେଳପଥ, ଖଡଗପୁର-୭୨୧୩୦୧ ନିମ୍ନୋକ୍ତ କାର୍ଯ୍ୟ ପାଇଁ ପ୍ରତିଟି ଆଇଟମ୍ ପାଇଁ ସୂଚିତ ତାରିଖର **୧୨ ଘଟିକା ପୂର୍ବରୁ** ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ **୧୨.୩୦ ଘଟିକା**ରେ ଖୋଲାଯିବ । କାର୍ଯ୍ୟର ବିବରଣୀ : ସାନ୍ତ୍ରାଗାଛି ରନିଂ ରୁମ୍ (ଏସଆରସି)ର ରକ୍ଷଣାବେକ୍ଷଣ କାର୍ଯ୍ୟ ଯାହା ମଧ୍ୟରେ ଅକୁପାଣ୍ଟଙ୍କ ଲାଗି ବ୍ୟକ୍ତିଗତ ଭାବେ ରେସନ ମିଲ୍ ଏବଂ ରିହାତି ଦରରେ ସେବା ଏବଂ ପ୍ରସ୍ତୁତି, କେୟାର ଟେକିଂ ସହିତ କପଡା ବିତରଣ, ରନିଂ ରୁମ୍ ସଫେଇ, କପଡା ସଫେଇ, ଗାର୍ଡେନିଂ ଇତ୍ୟାଦି କାର୍ଯ୍ୟ ୨ ବର୍ଷ ଅବଧି ଯଥା : ୭୩୦ ଦିନ ଲାଗି ବାହାର ସଂସ୍ଥା ଦ୍ୱାରା ସମ୍ପାଦନ କରିବା । **ଟେଣ୍ଡର ମୂଲ୍ୟ :** ଟ. ୨,୪୧,୪୮,୬୧୧.୧୨ (ଜିଏସଟି ସମେତ) **ଇଏମଡି :** ଟ. ୨,୭୦,୮୦୦/- । **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ :** ଟ. ୧୦,୦୦୦/- । **ଖୋଲା ତାରିଖ :** ୦୨.୦୬.୨୦୨୫ । **ସମାପ୍ତି ସମୟ :** ୦୨ ବର୍ଷ (୭୩୦ ଦିନ) । **ଦାଖଲ ତାରିଖ :** ୦୨.୦୬.୨୦୨୫ ମଧ୍ୟାହ୍ନ **୧୨.୦୦ ଘଟିକା ପର୍ଯ୍ୟନ୍ତ ।** ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ସବିଶେଷ ତଥ୍ୟ ସ୍ପେସିଫିକେସନ ପାଇଁ ୱେବସାଇଟ୍ **www.ireps.gov.in** କୁ ଦେଖିପାରିବେ ଏବଂ ସେମାନଙ୍କ ବିଡ୍ ଅନ୍‌ଲାଇନ ଦାଖଲ ହେବ । ଏହି କାର୍ଯ୍ୟ ଲାଗି କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ସୂଚନା : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ **www.ireps.gov.in** କୁ ଦେଖିପାରିବେ । **(PR-144)**

---

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MAHANADI BARRAGE DIVISION,
GANDARPUR, CUTTACK-753003
e-Mail-eembarragedivnctc@gmail.com
File No. MBD Estr./01/129/1708/ Dt. 08.05.2025

A-151

**1st CORRIGENDUM**
**(Cancellation of Tender)**

This is regarding to all the concerned bidders to the 'e' Procurement Notice **No. 02/2025-26 and bid identification No. MBD 04/2025-26 (Sl.No.1) with tender Id-2025_CELBB_112985_1** for name of the work **"Construction of new drainage system at Division Office & Sub-Division Office building of M.B. Division, Gandarpur, Cuttack for the year 2025-26"** is hereby cancelled due to **Error in creation of Tender.**

Sd/- Superintending Engineer
Mahanadi Barrage Division, Cuttack

OIPR : 32165/11/0001/2526

---

e-Mail I.D.- eerbjspr@gmail.com

OFFICE OF THE SUPERINTENDING ENGINEER
JAGATSINGHPUR (R&B) DIVISION,
JAGATSINGHPUR

B-108

**GOVERNMENT OF ODISHA**
**('e' PROCUREMENT NOTICE)**
**Bid Identification No. S.E, JSP (R&B)-02 of 2025-26**
**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in **Double cover system** in ONLINE MODE from eligible contractor for Building works as mentioned below.
2. No. of Work : **01 No.**
3. Nature of work : **Building work**
4. Class of Contractor : **"B"**
5. Tender Paper Cost : **Rs. 10000/- (Online)**
6. Available of bid documents in the website : **From 15.05.2025 to 5 PM. of 29.05.2025**
7. Date of Opening of Bid : **11AM of 30.05.2025**

The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in.** Any addendum/corrigendum/cancellation of tender can also be seen in the said website.

(Er. Sarbendu Sutar)
Sd/- Superintending Engineer
Jagatsinghpur (R&B) Division

OIPR : 34093/11/0017/2526

---

e-Mail I.D.- eerbjspr@gmail.com

OFFICE OF THE SUPERINTENDING ENGINEER
JAGATSINGHPUR (R&B) DIVISION,
JAGATSINGHPUR

B-109

**GOVERNMENT OF ODISHA**
**('e' PROCUREMENT NOTICE)**
**Bid Identification No. S.E, JSP (R&B)-01 of 2025-26**
**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in **Single cover system** in ONLINE MODE from eligible contractor for Building works as mentioned below.
2. No. of Work : **01 No.**
3. Nature of work : **Building work**
4. Class of Contractor : **"C" & "D"**
5. Tender Paper Cost : **Rs. 6000/- (Online)**
6. Available of bid documents in the website : **From 15.05.2025 to 5 PM. of 29.05.2025**
7. Date of Opening of Bid : **11AM of 30.05.2025**

The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in.** Any addendum/corrigendum/cancellation of tender can also be seen in the said website.

(Er. Sarbendu Sutar)
Sd/- Superintending Engineer
Jagatsinghpur (R&B) Division

OIPR : 34093/11/0019/2526

---

T- 18(JANA SUNANI CLOSE)

### ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

*****

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା. **12/05/2025** ରିଖ ସରକାରୀ ଛୁଟି ଦିନ ଥିବା ହେତୁ, ୟୁନିଟ-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି** ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0109/2526

---

### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-379 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୭୨ **ବିଜ୍ଞାପନ** ତା : ୦୩.୦୫.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ ଗୋପବନ୍ଧୁ ଦାସ<br>ପିତା-ସ୍ୱର୍ଗତ ରଘୁନାଥ ଦାସ<br>ସା-ବାଜପୁର, ପୋ-ବାଜପୁର,<br>ଥାନା-ଖୋର୍ଦ୍ଧା<br>ଜିଲ୍ଲା-ଖୋର୍ଦ୍ଧା | ଏମ୍‌ଆଇଜି-୧-୫୮<br>(MIG-1-58)<br>କମ୍ପୋଜିଟ ହାଉସିଂ ସ୍କିମ୍<br>ମୁକୁନ୍ଦପ୍ରସାଦ,<br>ଖୋର୍ଦ୍ଧା | ୧. ବସନ୍ତ ମଞ୍ଜରୀ ଦାସ (ସ୍ତ୍ରୀ)<br>୨. ସନ୍ତୋଷ କୁମାର ଦାସ (ପୁତ୍ର)<br>୩. ସୁଶାନ୍ତ କୁମାର ଦାସ (ପୁତ୍ର)<br>୪. ସୁକାନ୍ତ କୁମାର ଦାସ (ପୁତ୍ର)<br>୫. ସୀମାଞ୍ଜଳି ଦାସ (କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0604/2526

---

### କଟକ ଉନ୍ନୟନ କର୍ତ୍ତୃପକ୍ଷ

CDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

CAD- 361

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା ପେରିଫେରି ମାର୍କେଟ କମ୍ପ୍ଲେକ୍ସ, ବକ୍ସିବଜାର ସ୍ଥିତ ଦୋକାନ ଘରନଂ D/26 (ପ୍ରଥମ ମହଲା) ଟିଙ୍କୁ ସିଦ୍ଧାର୍ଥ ଦାସ (HUF) ପିତା- ସ୍ୱର୍ଗତ ବିକ୍ରମ ଦାସ, ସା-ଦାସ ଭିଲା (ମେନ୍ ରୋଡ) ପୋ/ଥାନା-ଦରଘା ବଜାର, ଜିଲ୍ଲା-କଟକ, ରାଜ୍ୟ-ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ବର୍ତ୍ତମାନ ଉକ୍ତ ଦୋକାନ ଗୃହକୁ ଡକ୍ଟର ସିଦ୍ଧାର୍ଥ ଦାସ (HUF) ତୃତୀୟ ପକ୍ଷ ପରିବର୍ତ୍ତନ ସୂତ୍ରରେ ଭବାନି ଶଙ୍କର ସାହୁ, ପିତା- ସ୍ୱର୍ଗତ ସୁରେନ୍ଦ୍ର କୁମାର ସାହୁ, ଚାଉଳିଆଗଞ୍ଜ, ପୋଷ୍ଟ- ନୟାବଜାର, ଥାନା-ଚାଉଳିଆଗଞ୍ଜ, ଜିଲ୍ଲା-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର (୧୫) ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ଆପଣଙ୍କ ବିଶ୍ୱସ୍ତ
ସ୍ୱା/- ସଚିବ

OIPR : 13037/11/0260/2526

---

**GOVERNMENT OF ODISHA "e" Procurement Notice**
**Bid Identification No. PWDK-04/2025-26**
No. G2/4406 Dt. 05.05.2025
e-mail : eepwdkeonjhar@yahoo.com

GOVT. OF ODISHA

B-99

1. No. of the work : 01 No. Civil Work
2. Estimated Cost : Rs. 9.51 Lakh
3. Period of Completion : 01 (One) Calendar Month.
4. Date and Time of availability of Bid document in the portal : From 10.00 Hr 13.05.2025 to 17.00 HR of 22.05.2025
5. Last date / Time of receipt of bids in the portal : 17.00 Hr of 22.05.2025
6. Date of openign of Bid from Portal : 10.30 Hr of 23.05.2025
7. Name and address of the officer inviting Bid : Superintending Engineer, Keonjhar (R&B) Division, Keonjhar

Further details can be seen from the e-procurement portal **"http://tendersodisha.gov.in"**

Sd/- S.Mohanty
Superintending Engineer
Keonjhar (R&B) Division

OIPR : 34004/11/0031/2526

---

GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER
CENTRAL RURAL WORKS CIRCLE, BHUBANESWAR

**Corrigendum**

O-140

No. 2385 / Date 07.05.2025

**1st Corrigendum to Bid Identification No. Tender-Online-C.C. 10 of 2025 Dated. 28.04.2025 invited vide this office Lr. No. 2153 dated 28.04.2025**

The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.-10 of 2025 Dt. 28.04.2025 issued vide this office Lr. No. 2153 Dt. 28.04.2025 is here by rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding | Date & Time of Opening of Tender | |
|---|---|---|---|---|
| | | Up to | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.-10 of 2025 | 13.05.2025 upto 5.00 P.M. | 14.05.2025 at 11.00 A.M. | To be intimated later on |

All other conditions remain unaltered.

Sd/- Chief Construction Engineer
Central Rural Works Circle, Bhubaneswar

OIPR : 25194/11/0043/2526

---

GOVERNMENT OF ODISHA : OFFICE OF THE EXECUTIVE ENGINEER
RURAL WORKS DIVISION, RAYAGADA
Letter No. 1830 Date : 08.05.2025 e-mail ID : rw_rayagada@yahoo.co.in

O-144

**1st Corrigendum**

In continuation to this office Bid Identification No. EERWRGD-Online-11/2024-25 this office letter No. 1013 dated. 01.03.2025 partial modification of TCN has been made as follows :

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1. | Availability of tender online for bidding | 11.03.2025 at 11.00 AM to 25.03.2025 upto 5.00 PM | 09.05.2025 at 11.00 AM to 23.05.2025 upto 5.00 PM |
| 2 | Date & Time of Opening Tender | 25.03.2025 at 5.30 PM | 23.05.2025 at 5.30 PM |

| Sl. No. | Sl.No. work | Estimated cost as per original TCN (Rs. in Lakh) | Revised Estimated cost as per corrigendum notice (Rs. in Lakh) | EMD cost as per Original TCN | Required EMD cost as pr corrigendum Notice |
|---|---|---|---|---|---|
| 1 | 5 | 58.83 | 56.92 | Rs. 58.830/- | Rs. 56,920/- |

Sl. No. of work 1 to 4 is hereby cancelled due to unavoidable circumstances.
All other terms and conditions remain unchanged.

Yours faithfully
Sd/- Executive Engineer, Rural Works Division, Rayagada

OIPR : 25072/11/0021/2526

---

OFFICE OF THE MUNICIPAL COUNCIL, CHOUDWAR
CUTTACK (ODISHA) PIN - 754071
Phone No-0671-2394272 (O) Fax No. - 0671-2394272
e-mail : choudwarmunicipality@gmail.com

C-298

**E-Procurement Notice**
**TENDER REF NO - CHM-SAN-01/2025-26**
**Tender Call Notice No. 770 / Date : 07.05.2025**

1. Name of the Work : Individual Sanitation works as published the website.
2. No of works put to tender : 02 Nos. individual work
3. Estimated Cost Per Month : Rs. 24,19,120.00 & Rs. 22.18,012.00
4. Date and time of availability : from 11.00 AM of Dt. 13.05.2025
5. Pre-Bid Meeting : 11.00 AM of Dt. 19.05.2025
6. Last date / Time for the receipt of bids (Online) : 5.30 PM of dt. 27.05.2025
7. Last date / Time for the receipt of bids (hardcopy) : 01.00 PM of dt. 29.05.2025
8. Date and Time of opening of Technical Bid : 11.00 AM of dt. 30.05.2025
9. Date and Time of openig of Financial Bid : Intimated later

1-. Name and address of the Officer Inviting Bid : Executive Officer, Choudwar Municipality

Further details can be from the e-procurement portal **https://tenderorissa.gov.in**

Sd/- Executive Officer
Choudwar Municipality

OIPR : 13138/11/0032/2526

---

OFFICE OF THE BLOCK DEVELOPMENT
OFFICER, DHENKANAL SADAR, DHENKANAL
Mail Id. ori-bdhenkanal@nic.in

i-85

**Tender Call Notice No. BDO/DHENKANAL SADAR/01/2025-26**

| Sl. No. | Name of the Work | Approximate Value of work | Cost of Bid Documents | Class of Bidder | EMD 1% | Period of Completion (In Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional Class Room at Govt. UPS, Kankadahada of Sadar Block | Rs. 14,63,487.20 | Rs.6000.00 | "C" & "D" Class | Rs. 14635.00 | 4 Calendar Month |
| 2 | Construction of Additional Class Room at Govt. PS, Tenua, Bhapur of Sadar Block | Rs. 14,43,080.89 | Rs.6000.00 | "C" & "D" Class | Rs. 14431.00 | 4 Calendar Month |
| 3 | Construction of Addl. Class Room at Govt. P.S Balyamba of Sadar Block | Rs. 14,56,254.99 | Rs.6000.00 | "C" & "D" Class | Rs. 14563.00 | 4 Calendar Month |
| 4 | Construction of Additional Class Room at Ramachandra Govt. HS Talabarkote of Sadar Block | Rs. 12,31,612.06 | Rs.6000.00 | "C" & "D" Class | Rs. 12316.00 | 4 Calendar Month |
| 5 | Construction of Additional Class Room at Bansidhar Nodal High School, Bhaliabolkateni of Sadar Block | Rs. 12,31,744.60 | Rs.6000.00 | "C" & "D" Class | Rs. 12317.00 | 4 Calendar Month |
| 6 | Construction of Additional Class Room at Satyabadi Nodal High School, Mangalpur of Sadar Block | Rs. 12,30,132.22 | Rs.6000.00 | "C" & "D" Class | Rs. 12301.00 | 4 Calendar Month |
| 7 | Construction of Additional Class Room at Batabihari Bidyapitha Tarava of Sadar Block | Rs. 12,09,499.92 | Rs.6000.00 | "C" & "D" Class | Rs. 12095.00 | 4 Calendar Month |
| 8 | Construction of Additional Class Room at Govt. High School, Sankarpur of Sadar Block | Rs. 12,21,914.97 | Rs.6000.00 | "C" & "D" Class | Rs. 12219.00 | 4 Calendar Month |
| 9 | Construction of Additional Class Room at Sarangadhar Nodal High School, Beltikiri of Sadar Block | Rs. 12,11,406.97 | Rs.6000.00 | "C" & "D" Class | Rs. 12114.00 | 4 Calendar Month |
| 10 | Construction of Additional Class Room at Govt. High School, Kaimati of Sadar Block | Rs. 13,10,954.50 | Rs.6000.00 | "C" & "D" Class | Rs. 13109.00 | 4 Calendar Month |

For detailed information please visit the website : **http//dhenkanal.odisha.gov.in**

Sd/- Block Development Officer
Dhenkanal Sadar

OIPR : 19433/11/0003/2526

---

# ପୁଞ୍ଛ ହୀରୋ ରବୀନ୍ଦ୍ର

## ଖସାଇଛନ୍ତି ଶତ୍ରୁପକ୍ଷର ଅନେକ ଡ୍ରୋନ୍



ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ପୁଞ୍ଛ ସୀମା ସମେତ ଅନେକ ସ୍ଥାନରୁ ପାକିସ୍ତାନ ପକ୍ଷରୁ ନିରନ୍ତର ଗୁଳିମାଡ଼ ଜାରି ରହିଛି । ମଙ୍ଗଳବାର ରାତିରେ, ଶିବପୁରୀର ଜାନୌରୀ ଗାଁର ବାସିନ୍ଦା ତଥା ଭାରତୀୟ ଯବାନ ରବୀନ୍ଦ୍ର ସିଂହ ପରମାର ପୁଞ୍ଛ ସୀମାରେ ଡ୍ୟୁଟି କରୁଥିଲେ । ଏହି ସମୟରେ, ସେ ତୋପର କମାଣ୍ଡର ଥିଲେ, ଯାହା ଭାରତୀୟ ସୀମାରେ ପ୍ରବେଶ କରିବା ପୂର୍ବରୁ ପାକିସ୍ତାନୀ ଡ୍ରୋନଗୁଡ଼ିକୁ ଗୁଳି କରି ଖସାଇ ଦେଉଥିଲା । ସେ ଶତ୍ରୁର ଡ୍ରୋନଗୁଡ଼ିକୁ ଲକ୍ଷ୍ୟ କରି ୧୩୦ଟି ଗୋଳାମାଡ଼ କରିଥିଲେ । ଏହି ଆକ୍ରମଣରେ ଅନେକ ଡ୍ରୋନ ଖସିପଡ଼ିଥିଲା ।

ଏହି ସମୟରେ ଗୁଳିଚାଳନା ସମୟରେ, ପାକିସ୍ତାନୀ ସେନାର ଏକ ଗୁଳି ସୈନିକ ରବୀନ୍ଦ୍ରଙ୍କ ଗୋଡରେ ବାଜିବାରୁ ସେ ଆହତ ହୋଇଥିଲେ । ବର୍ତ୍ତମାନ ରବୀନ୍ଦ୍ର ସିଂହ ପରମାର ହସ୍ପିଟାଲରେ ଭର୍ତ୍ତି ଅଛନ୍ତି । ଆହତ ସୈନିକଙ୍କ ବିଷୟରେ ସୂଚନା ପାଇବା ପରେ, କରୈରା ବିଧାୟକ ରମେଶ ପ୍ରସାଦ ଖାଟିକ୍ ଆହତ ସୈନିକଙ୍କ ପରିବାରକୁ ଭେଟି ସେମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ସୈନିକଙ୍କ ସହ କଥା ହୋଇଥିଲେ । ଆହତ ହେବା ପୂର୍ବରୁ, ସୈନିକ ଜଣକ ତୋପର କମାଣ୍ଡ ନେଇଥିଲେ ଏବଂ ଭାରତୀୟ ସୀମାରେ ପ୍ରବେଶ କରିବା ପୂର୍ବରୁ ଅନେକ ପାକିସ୍ତାନୀ ଡ୍ରୋନକୁ ଗୁଳି କରି ଖସାଇ ଦେଇଥିଲେ ।

## ଗୋଟିଏ ନୁହେଁ, ୫୦୦ ଧ୍ୱଂସ

ନୂଆଦିଲ୍ଲୀ: ଭାରତ ଉପରେ ପାଖାପାଖି ୫୦୦ ଡ୍ରୋନ୍ ହମଲା କରିଛି ପାକିସ୍ତାନ । ଗୁରୁବାର ରାତିରେ ପାକିସ୍ତାନ ପକ୍ଷରୁ ଭାରତର ୨୪ଟି ସହରକୁ ଟାର୍ଗେଟ୍ କରାଯାଇଥିଲା । ଜାମ୍ମୁ କାଶ୍ମୀର, ପଞ୍ଜାବ, ରାଜସ୍ଥାନ ଏବଂ ଗୁଜୁରାଟର ୨୪ ସହରକୁ ଟାର୍ଗେଟ୍ କରି ପାକିସ୍ତାନ ଡ୍ରୋନ୍ ହମଲା କରିବାକୁ ଉଦ୍ୟମ କରିଥିଲା । ଯାହାର କଡା ଜବାବ ଦିଆଯାଇ ସମସ୍ତ ଡ୍ରୋନକୁ ପ୍ରତିହତ କରିଛି ଭାରତ । ତେବେ ଗତକାଲି ରାତି ୮ଟାରୁ ୧୧ଟା ୩୦ ଯାଏଁ ପାକିସ୍ତାନ ଲଗାତାର ଭାବେ ଡ୍ରୋନ ଆକ୍ରମଣ କରିଥିଲା । ଅନ୍ଧାର ହେଉ ହେଉ ଆକାଶରୁ ଆକ୍ରମଣ କରିଥିଲା , ଯାହାର ଜବାବ ଏସ-୪୦୦ ଏବଂ ଅନ୍ୟାନ୍ୟ ଆଣ୍ଟି ମିସାଇଲ ସିଷ୍ଟମ୍ ଦେଇଥିଲା ବୋଲି ଆର୍ମି ସୂତ୍ରରୁ ସୂଚନା ମିଳିଛି ।

# ପାକିସ୍ତାନକୁ ଭୁଆଁ ବୁଲାଇଲା ତୁର୍କୀ




ନୂଆଦିଲ୍ଲୀ: ଭାରତ ଉପରେ ଆକ୍ରମଣ କରିବାକୁ ତୁର୍କୀ ଅସ୍ତ୍ରର ପ୍ରୟୋଗ କରି ବିଫଳ ହୋଇଛି ପାକିସ୍ତାନ । ଗୁରୁବାର ରାତିରେ ପାକିସ୍ତାନ ଭାରତ ଉପରେ ଯେଉଁ ଡ୍ରୋନ ଆକ୍ରମଣ କରିଥିଲା ସେଥିରେ ତୁର୍କୀର ଡ୍ରୋନ ବ୍ୟବହାର ହୋଇଥିଲା ବୋଲି ଏମଇଏ ପ୍ରେସମିଟରେ ଖୁଲାସା ହୋଇଛି ।

ତେବେ ଭାରତ-ପାକିସ୍ତାନ ଉତ୍ତେଜନା ଭିତରେ ଗୁରୁବାର ରାତିରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା । ପାକିସ୍ତାନ ଭାରତର ୩୬ଟି ସ୍ଥାନରେ ଡ୍ରୋନ ଆକ୍ରମଣ ପାଇଁ ଉଦ୍ୟମ କରିଥିଲା । ପ୍ରାୟ ୩୦୦ରୁ ୪୦୦ ଡ୍ରୋନ ଆକ୍ରମଣ କରିଛି ପାକିସ୍ତାନ । ଯେଉଁଥିରେ ଭାରତର କିଛି ଯବାନ ଆହତ ହୋଇଛନ୍ତି । ସେପଟେ ଭାରତ ଏସ-୪୦୦ ଜରିଆରେ ପାକ୍‌ର ସବୁ ଡ୍ରୋନକୁ ନଷ୍ଟ କରାଯାଇଛି । ପାକିସ୍ତାନ ଭାରତର ସୈନ୍ୟ ଠିକଣାରେ ହମଲା କରିଥିବା ବେଳେ କାଉଣ୍ଟର ଆଟାକରେ ପାକିସ୍ତାନର ରାଡାର ଧ୍ୱଂସ କରିଛି ଭାରତ ।

# ବରିଷ୍ଠ ଅଧିକାରୀଙ୍କ ସହ କଥା ହେଲେ ନଡ୍ଡା

ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ଯୁଦ୍ଧ ଭଳି ପରିସ୍ଥିତି ଉପୁଜିବା ପରେ ପ୍ରଚୁର ଔଷଧ ମହଜୁଦ୍ ରଖିବାକୁ ଔଷଧ ନିର୍ମାତା କମ୍ପାନୀ ଓ ବିତରକମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା । ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିବା ପରେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଖିଲାପ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚେତବନୀ ବି ଦେଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ।

ଆଜିର ସମୀକ୍ଷା ବୈଠକରେ ସେ ଦେଶରେ ଥିବା ଡାକ୍ତରଖାନା ଓ ସ୍ୱାସ୍ଥ୍ୟ ସୁବିଧା ସଂପର୍କରେ ସବିଶେଷ ତଥ୍ୟ ହାସଲ କରିଥିଲେ । ଏହାଛଡ଼ା ଜରୁରୀକାଳୀନ ପରିସ୍ଥିତିରେ କିପରି ଲୋକଙ୍କୁ ସହଜରେ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ କରି ହେବ ସେ ନେଇ ଆଲୋଚନା କରିଥିଲେ । ସମସ୍ତ ସ୍ୱାସ୍ଥ୍ୟ ସେବାକୁ ନିୟନ୍ତ୍ରଣ କକ୍ଷରୁ ତଦାରଖ କରାଯିବା ଉପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଗୁରୁତ୍ୱାରୋପ କରିଛନ୍ତି । ଆଜିର ସମୀକ୍ଷା ବେଠକରେ ସେ ଦେଶରେ ଥିବା ଡାକ୍ତରଖାନା ଓ ସ୍ୱାସ୍ଥ୍ୟ ସୁବିଧା ସଂପର୍କରେ ସବିଶେଷ ତଥ୍ୟ ହାସଲ କରିଥିଲେ ।

ଏହାଛଡ଼ାଓ ଜରୁରୀକାଳୀନ ପରିସ୍ଥିତିରେ କିପରି ଲୋକଙ୍କୁ ସହଜରେ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ କରି ହେବ ସେ ନେଇ ଆଲୋଚନା କରିଥିଲେ । ସମସ୍ତ ସ୍ୱାସ୍ଥ୍ୟ ସେବାକୁ ନିୟନ୍ତ୍ରଣ କକ୍ଷରୁ ତଦାରଖ କରାଯିବା ଉପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡା ଗୁରୁତ୍ୱାରୋପ କରିଛନ୍ତି ।



# ପାକ୍ ସେନାମୁଖ୍ୟ ଗଲେ କୁଆଡ଼େ ?

ଭାରତର କାଉଣ୍ଟର ଆଟାକରେ ଛିନଛତ୍ର ପାକିସ୍ତାନ । ଲାହୋର ଠାରୁ ଆରମ୍ଭ କରି କରାଚି ଓ ଇସଲାମାବାଦ ଭାରତର ପ୍ରଚଣ୍ଡ ହମଲାରେ ଥରରଛ ଭାରତର ଘନଘନ ମିସାଇଲ ଓ ଡ୍ରୋନ ମାଡ଼ରେ ପାକିସ୍ତା ବ୍ଲାକଆଉଟ୍ । ଭାରତର ଆକ୍ରମଣ ଭୟରେ ପୂରା ପାକିସ୍ତାନ ଅନ୍ଧାର । ଭାରତର ଆକ୍ରମଣରେ କରାଚି ବନ୍ଦର ଛିନଛତ୍ର ହୋଇଯାଇଛି । ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଘର ଠାରୁ ୨୦ କିମି ଦୂରରେ ବିସ୍ଫୋରଣ ହୋଇଛି । ଭାରତର ଏପରି ଗର୍ଜନ ଶୁଣି ଗାତରେ ପସିଲେଣି ପାକିସ୍ତାନର ଦୁଇ ମୁଷା । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଓ ସେନା ମୁଖ୍ୟ ଜେନେରାଲ୍ ଅସୀମ ମୁନିର ଏବେ ଅଜ୍ଞାତବାସରେ ।



ପାକିସ୍ତାନ ନାଗରିକ ତାଙ୍କ ଠିକଣା ଖୋଜି ପାଉ ନାହାନ୍ତି । ଶୁଣିବାକୁ ମିଳୁଛି ରାତିରେ ଲୁଚି ଲୁଚି ଜୀବନ ବିକଳରେ ସରିଫ୍ ଦୁବାଇ ପଳାଇଲେଣି । ଏପଟେ ଚର୍ଚ୍ଚା ହେଉଛି ଘରେ ବସି ଫଁ ଫଁ ହେଉଥିବା ମୁନୀରକୁ ଗିରଫ କରି ଦେଇଛନ୍ତି ପାକିସ୍ତାନୀ ସେନା । ଏ ନେଇ ଜାତୀୟ ଗଣମାଧମରେ ଚର୍ଚ୍ଚା ହେଉଥିବା ବେଳେ ପାକିସ୍ତାନ ପକ୍ଷରୁ କୌଣସି ସ୍ୱଷ୍ଟ ସୂଚନା ମିଳିନାହିଁ ।

ଦିନେ ଯାହା ହୁକୁମ୍‌ରେ ଚାଲୁଥିଲା ପାକିସ୍ତାନ, ସେ ଏବେ ବନ୍ଦୀ । ଭାରତର ସୁଦର୍ଶନ ଚକ୍ରରେ ଛାର ଖାର୍ ହୋଇ ଯାଇଛି ପାକିସ୍ତାନ । ଶିର ଛେଦନ ହୋଇଛି ପାକ୍ ସେନାପତିଙ୍କ ପଦ । ଏବେ ତାଙ୍କ ସ୍ଥାନରେ ଜେନେରାଲ ସାହିର ଶାମଶଦ ମିରଜା ସେନାର କମାଣ୍ଡ ଧରିବେ ବୋଲି ଚର୍ଚ୍ଚା ହେଉଛି । ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଖୁସି ବନାଉଥିବା ମୁନିର ଆଜି କଇଁ କଇଁ ହୋଇ କାନ୍ଦୁଛି ।

# ଷ୍ଟକ୍‌ବଜାର ଉପରେ ଯୁଦ୍ଧ ପ୍ରଭାବ

ମୁମ୍ବାଇ : ଭାରତ ପାକିସ୍ତାନ ଉତ୍ତେଜନାର ପ୍ରଭାବର ଷ୍ଟକ ବଜାର ଉପରେ ପଡ଼ିଛି । ଶୁକ୍ରବାର ବିଏସଇ ସେନସେକ୍ସ ଏବଂ ଏନଏସଇ ନିଫଟି ୫୦ ପ୍ରାରମ୍ଭିକ ସେସନରୁ ହିଁ ନିମ୍ନଗାମୀ ଧାରା ଦେଖିଥିଲା । ସନ୍ଧ୍ୟାରେ କାରବାର ବନ୍ଦ ହେବା ବେଳକୁ, ସେନସେକ୍ସ ୮୮୦.୩୪ ପଏଣ୍ଟ ହ୍ରାସ ପାଇ ୭୯,୪୫୪.୪୭ ପଏଣ୍ଟରେ ବନ୍ଦ ହୋଇଥିଲା । ଯେତେବେଳେ ନିଫ୍ଟି ୫୦ ମଧ୍ୟ ୨୬୫.୮୦ ପଏଣ୍ଟ ହ୍ରାସ ପାଇ ୨୪,୦୦୮ ପଏଣ୍ଟରେ ବନ୍ଦ ହୋଇଥିଲା । ଏହା ନିବେଶକମାନଙ୍କୁ ବହୁତ କ୍ଷତି ପହଞ୍ଚାଇଛି ।

ଗୁରୁବାର ଦିନ ବି ସେନସେକ୍ସ ଓ ନିଫ୍ଟିରେ ହ୍ରାସ ପରିଲକ୍ଷିତ ହୋଇଥିଲା । ସେନସେକ୍ସ ପ୍ରାୟ ୪୧୧.୯୭ ପଏଣ୍ଟ ହ୍ରାସ ପାଇ ୮୦,୩୩୪ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ନିଫଟି ୧୪୦ ପଏଣ୍ଟ ହ୍ରାସ ପାଇ ୨୪,୨୭୩ ପଏଣ୍ଟରେ ବନ୍ଦ ହୋଇଛି । ଗତ ୨ ଦିନରେ ସେନସେକ୍ସ ପ୍ରାୟ ୧୨୦୦ ପଏଣ୍ଟ ହ୍ରାସ ପାଇଛି । ଯୁଦ୍ଧ ଉତ୍ତେଜନା ଲାଗି ରହିଲେ ଆଗକୁ ବଜାର ଆହୁରି ନିମ୍ନଗାମୀ ହେବାର ଅଶଙ୍କା ରହିଛି । ଅନ୍ୟପକ୍ଷରେ ପାକିସ୍ତାନର କରାଚୀ ଷ୍ଟକ ମାର୍କେଟରେ ପ୍ରବଳ ହ୍ରାସ ପରିଲକ୍ଷିତ ହୋଇଥିଲା ଓ ସୂଚକାଙ୍କ ଲୋୟର ସର୍କିଟ ଛୁଇଁବା ପରେ କାରବାରକୁ ବାଧ ହୋଇ ବନ୍ଦ କରାଯାଇଥିଲା ।

## ଚର୍ଚ୍ଚାରେ ବ୍ଲାକ୍ ଆଉଟ୍ ବେଳର ବାହାଘର

ଜୟପୁର: ରାଜସ୍ଥାନ ଯୋଧପୁରରେ ଗତକାଲି ବର କନ୍ୟାଙ୍କ ଭିତରେ ବିବାହ ଚାଲୁଥିବା ବେଳେ ବ୍ଲାକ୍ ଆଉଟ୍ ପାଇଁ ନିର୍ଦ୍ଦେଶ ଆସିଥିଲା । ଦେଶର ସୁରକ୍ଷା ଏବଂ ପାକିସ୍ତାନୀ ସେନାର ଆକ୍ରମଣରୁ ଜନଜୀବନ ରକ୍ଷା ପାଇଁ ବ୍ଲାକ୍ ଆଉଟ୍ ପାଇଁ ପୂର୍ବରୁ ନିର୍ଦ୍ଦେଶ ଥିବାରୁ ବିବାହ ସମୟରେ ହିଁ ବ୍ଲାକ୍ ଆଉଟ୍ କରାଯାଇଥିଲା । ଯାହାକୁ ସମ୍ମତି ଜଣାଇ ସେହି ଅନ୍ଧାର ଭିତରେ ବର ଜଣଙ୍କ କନିଆଁଙ୍କ ମଥାରେ ସିନ୍ଦୂର ଦେବା ସହ ବେଦୀରେ ବସି ବାହାହୋଇଥିଲେ ଏବଂ ସାତ ଫେରା ନେଇ ସାତ ଜନ୍ମର ସାଥୀ ହେବାକୁ ଶପଥ ନେଇଥିଲେ । ତେବେ ଏହି ଘଟଣା ଏବେ ସବୁଠି ଚର୍ଚ୍ଚାର ପରିସରକୁ ଆସିଥିବା ବେଳେ ବ୍ଲାକ ଆଉଟ୍ ବେଳେ ବାହାଘରର ଭିଡିଓ ସୋସିଆଲ ମିଡିଆରେ ଜୋର୍ ଭାଇରାଲ ହେଉଥିବା ବେଳେ ବରଙ୍କୁ ସବୁଆଡୁ ପ୍ରଶଂସା କରାଯାଇଛି ।



# ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିବ ପଞ୍ଜାବ

ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ପଞ୍ଜାବ ସରକାର ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ପାକିସ୍ତାନ କ୍ରମାଗତ ଭାବେ ଅସ୍ତ୍ରବିରତି ଉଲ୍ଲଂଘନ କରିବାକୁ ଉଦ୍ୟମ କରୁଛି ।

ଏହାକୁ ଦୃଷ୍ଟିରେ ରଖି ପଞ୍ଜାବ କ୍ୟାବିନେଟ ସୀମାରେ ନଅଟି ଆଣ୍ଟି ଡ୍ରୋନ ସିଷ୍ଟମ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛି । ଏଥିସହିତ ପାକିସ୍ତାନର ଷଡ଼ଯନ୍ତ୍ରକୁ ବିଫଳ କରିବା ପାଇଁ ହାଇ-ଟେକ୍ ସିଷ୍ଟମ ମାଧ୍ୟମରେ ନଜର ରଖାଯିବ । ପ୍ରଥମ ଥର ପାଇଁ ପଞ୍ଜାବ ସରକାର ଡ୍ରୋନ ମାଧ୍ୟମରେ



ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ପାଇଁ ଆଣ୍ଟି ଡ୍ରୋନ ସିଷ୍ଟମ ନିୟୋଜିତ କରିବେ ।

ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଶୁକ୍ରବାର (୯ ମଇ) ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକ ଡାକିଥିଲେ । ଏହି ବୈଠକରେ ମୋଟ ୧୫ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଯେଉଁଥିରେ ସୁରକ୍ଷାଠାରୁ ଆରମ୍ଭ କରି କୃଷି ଏବଂ ଶିଳ୍ପ ବିକାଶ ପର୍ଯ୍ୟନ୍ତ ପ୍ରସଙ୍ଗ ଅନ୍ତର୍ଭୁକ୍ତ ରହିଛି ।

ମୁଖ୍ୟମନ୍ତ୍ରୀ ଡାକିଥିବା କ୍ୟାବିନେଟ ବୈଠକରେ ସବୁଠାରୁ ବଡ଼ ନିଷ୍ପତ୍ତି ଥିଲା ରାଜ୍ୟରେ ଆଣ୍ଟି ଡ୍ରୋନ ସିଷ୍ଟମକୁ ସକ୍ରିୟ କରିବା । ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନାକୁ ଦେଖି ଅମୃତସର, ପଠାଣକୋଟ, ଫିରୋଜପୁର ଏବଂ ଗୁରୁଦାସପୁର ସମେତ ପଞ୍ଜାବର ଅନେକ ସୀମାନ୍ତ ଜିଲ୍ଲାଗୁଡ଼ିକରେ ସମ୍ପୂର୍ଣ୍ଣ ବ୍ଲାକଆଉଟ୍ ଲାଗୁ କରିଦିଆଯାଇଛି ।

# ଆମେ ମୁଣ୍ଡ ପୁରାଇବୁ ନାହିଁ : ଆମେରିକା

ୱାଶିଂଟନ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ ଆମେ ଯୁଦ୍ଧରେ ମୁଣ୍ଡ ପୁରାଇବୁ ନାହିଁ, ଏହା ସହିତ ଆମର କୌଣସି ସଂପର୍କ ନାହିଁ । ଏହା ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ ମାମଲା । ଭାନ୍ସ ଏହା ମଧ୍ୟ କହିଛନ୍ତି ଯେ ଆଶା କରାଯାଉଛି ଯେ କୌଣସି ପରମାଣୁ ଯୁଦ୍ଧ ହେବ ନାହିଁ । ତେବେ ଉତ୍ତେଜନା ହ୍ରାସ ପାଇଁ ଆମେ ଉଦ୍ୟମ କରିପାରିବୁ । ପୂର୍ବରୁ, ଆମେରିକା ଭାରତ ଏବଂ ପାକିସ୍ତାନକୁ ଉତ୍ତେଜନା ହ୍ରାସ କରିବା ଏବଂ ଆଲୋଚନା ଜାରି ରଖିବାକୁ ଅପିଲ କରିଛି । ତୁର୍କିର ରାଷ୍ଟ୍ରପତି କହିଛନ୍ତି ଯେ ଆମେ ଉତ୍ତେଜନା ହ୍ରାସ କରିବାକୁ ଚେଷ୍ଟା କରୁଛୁ । ଆମେରିକା ଭାରତୀୟମାନଙ୍କୁ ସେମାନଙ୍କର ଅସ୍ତ୍ର ରଖିବାକୁ କହିପାରିବ ନାହିଁ । ଆମେ ପାକିସ୍ତାନୀମାନଙ୍କୁ ସେମାନଙ୍କର ଅସ୍ତ୍ର ରଖିବାକୁ କହିପାରିବୁ ନାହିଁ ଏବଂ ତେଣୁ ଆମେ କୂଟନୈତିକ ମାଧ୍ୟମରେ ଏହି ମାମଲାକୁ ଅନୁସରଣ କରିବାକୁ ଯାଉଛୁ ।

# 'ୱାଟର୍ ଆଟାକ୍'

ପହଲଗାମ୍: ପହଲଗାମ୍ ଆତଙ୍କୀ ଆକ୍ରମଣର ପ୍ରତିଶୋଧ ନେଇସାରିଛି ଅପରେସନ୍ ସିନ୍ଦୂର । ଏବେ ଅପରେସନ୍ ସିନ୍ଦୂର ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଛି ଘମାଘଟ୍ ଲଢେଇ । ସୀମାରେ ପ୍ରବଳ ଉତ୍ତେଜନା । ପାକ୍ ସେନାକୁ କଡା ଜବାବ ଦେଉଛି ଭାରତୀୟ ସେନା । ପାକ୍ ପକ୍ଷରୁ ହେଉଥିବା ଆକ୍ରମଣକୁ ଉଚିତ୍ ଜବାବ ଦେଉଛି ଇଣ୍ଡିଆନ୍ ଆର୍ମୀ । ଭାରତର ଡ୍ରୋନ୍ ମାଡ, ମିସାଇଲ୍ ମାଡ଼ରେ ଥରହର ହେଲାଣି ପାକିସ୍ତାନ । ପାକ୍‌ର ଅଧା ସହର ଉପରେ ଆକ୍ରମଣ କରିସାରିଛି ଭାରତ । ଭାରତ ଆକ୍ରମଣରେ ଘାଇଲା ହେଲାଣି



ପାକିସ୍ତାନ । ଖାଲି ମିସାଇଲ୍ ମାଡ଼ କି ଡ୍ରୋନ ମାଡ଼ ନୁହେଁ ଏବେ ପାକିସ୍ତାନ ଉପରେ ଭାରତର ୱାଟର ପ୍ରହାର । ଜମ୍ମୁ କଶ୍ମୀର ଚେନାବ ନଦୀର ସଲାଲ ଡ୍ୟାମର ଗେଟ୍ ଖୋଲିଦିଆଯାଇଛି । ଯାହାଦ୍ୱାରା ପାକିସ୍ତାନରେ ଜଳମଗ୍ନ ହେବ । ଜମ୍ମୁ କାଶ୍ମୀରରେ ପ୍ରବଳ ବର୍ଷା ଯୋଗୁଁ ସଲାଲ୍ ଡ୍ୟାକ ଖୋଲଲିଦିଆ ଯାଇଛି । ଏଥିସହିତ ବଗଲିଆର ଡ୍ୟାମ୍ର କିଛି ଗେଟ୍ ମଧ୍ୟ ଖୋଲିଦିଆଯାଇଛି । ଯାହାଦ୍ୱାରା ପାକିସ୍ତାନ ପଟୁ ଯାଉଥିବା ପାଣିର ପ୍ରବାହ ବଢି ଯାଇଛି । ରିପୋର୍ଟ ଅନୁସାରେ କିଛି ଦିନ ପୂର୍ବରୁ ଭାରତ ତରଫରୁ ପାକିସ୍ତାନ ଆଡକୁ ବହୁଥିବା ପାଣି ରୋକିବା ପାଇଁ ସଲାଲ ଏବଂ ବଗଲିହାର ଡ୍ୟାମ୍ର ଗେଟ୍ ବନ୍ଦ କରିଦିଆଯାଇଥିଲା । ଏହି କାରଣରୁ ପାକିସ୍ତାନରେ ଚେନାବ ନଦୀର ଜଳସ୍ତର ବହୁତ ହ୍ରାସ ପାଇଥିଲା । ପୂର୍ବରୁ ଜଳସ୍ତର ୨୫ ରୁ ୩୦ ଫୁଟ ଥିଲା, ଏବେ ଏହା ମାତ୍ର ୨ ରୁ ୩ ଫୁଟଝରେ ପହଞ୍ଚିଥିଲା । କିନ୍ତୁ ବର୍ତ୍ତମାନ ଗେଟ୍ ଖୋଲି ଦିଆଯିବାର ପାକିସ୍ତାନରେ ଜଳ ପ୍ରବାହ ଜାରି ରହିଛି ।

# ଅପରେସନ 'ସିନ୍ଦୂର'କୁ ଆର୍‌ଏସ୍‌ଏସ୍‌ର ସମର୍ଥନ

ନାଗପୁର: ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଏକ ବିବୃତ୍ତି ମଧ୍ୟ ଜାରି କରାଯାଇଛି । ଏହି ପରିସ୍ଥିତିରେ ସେ ସରକାର ଏବଂ ସଶସ୍ତ୍ର ବାହିନୀ ସହିତ ଠିଆ ହେବେ ବୋଲି ଆରଏସଏସ ମୁଖ୍ୟ ମୋହନ ଭାଗବତ କହିଛନ୍ତି ।

ମୋହନ ଭାଗବତ ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ କହିଛନ୍ତି, ଅପରେସନ ସିନ୍ଦୂର ପାଇଁ ଭାରତ ସରକାର ଏବଂ ସଶସ୍ତ୍ର ବାହିନୀର ନେତୃତ୍ୱକୁ ହାର୍ଦ୍ଦିକ ଅଭିନନ୍ଦନ । ହିନ୍ଦୁ ପର୍ଯ୍ୟଟକଙ୍କ ନିର୍ମମ ହତ୍ୟାକାଣ୍ଡରେ ପୀଡିତ ପରିବାର ଏବଂ ସମଗ୍ର ଦେଶକୁ ନ୍ୟାୟ ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟ ସମଗ୍ର ଦେଶର ଆତ୍ମସମ୍ମାନ ଏବଂ ସାହସ ବୃଦ୍ଧି କରିଛି । ସେ ଆହୁରି କହିଛନ୍ତି, ଆମେ ଭାରତ ସୀମାରେ ଧାର୍ମିକ ସ୍ଥଳ ଏବଂ ନାଗରିକ ବସତି ଅଞ୍ଚଳ ଉପରେ ପାକିସ୍ତାନୀ ସେନା ଦ୍ୱାରା କରାଯାଉଥିବା ଆକ୍ରମଣକୁ ନିନ୍ଦା କରୁଛୁ ଏବଂ ଏହି ଆକ୍ରମଣର ଶିକାର ହୋଇଥିବା ଲୋକଙ୍କ ପରିବାର ପ୍ରତି ଆମର ହୃଦୟର ସମବେଦନା ପ୍ରକାଶ କରୁଛୁ । ଆରଏସଏସ ମୁଖ୍ୟ କହିଛନ୍ତି, ଏହି ସମୟରେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସମସ୍ତ ଦେଶବାସୀଙ୍କୁ ସରକାର ଏବଂ ପ୍ରଶାସନ ଦ୍ୱାରା ଦିଆଯାଇଥିବା ସମସ୍ତ ସୂଚନାର ପୂର୍ଣ୍ଣ ଅନୁପାଳନ ସୁନିଶ୍ଚିତ କରିବାକୁ ଅନୁରୋଧ କରୁଛି ।

ଏହା ସହିତ, ଏହି ଅବସରରେ ଆମର ନାଗରିକ କର୍ତ୍ତବ୍ୟ ପାଳନ କରିବା ସମୟରେ, ଆମ ସମସ୍ତଙ୍କୁ ସତର୍କ ରହିବାକୁ ପଡିବ ଯେ ଆମେ ସାମାଜିକ ଏକତା ଏବଂ ସଦଭାବକୁ ବିପର୍ଯ୍ୟସ୍ତ କରିବା ପାଇଁ ରାଷ୍ଟ୍ର ବିରୋଧୀ ଶକ୍ତିର କୌଣସି ଷଡ଼ଯନ୍ତ୍ରକୁ ସଫଳ ହେବାକୁ ନ ଦେଉ । ମୋହନ ଭାଗବତ କହିଛନ୍ତି, ସମସ୍ତ ଦେଶବାସୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ସେମାନଙ୍କର ଦେଶପ୍ରେମ ପ୍ରଦର୍ଶନ କରନ୍ତୁ ଏବଂ ଯେକୌଣସି ସ୍ଥାନରେ ଏବଂ ଯେକୌଣସି ପ୍ରକାରେ ଆବଶ୍ୟକ ହେଲେ ସେନା ଏବଂ ବେସାମରିକ ପ୍ରଶାସନକୁ ସହଯୋଗ କରିବାକୁ ପ୍ରସ୍ତୁତ ରୁହନ୍ତୁ ଏବଂ ଜାତୀୟ ଏକତା ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ସମସ୍ତ ପ୍ରୟାସକୁ ମଜବୁତ କରନ୍ତୁ ।



# ପିସିବିକୁ ଶକ୍ତ ଧକ୍କା

## ପିଏସଏଲ୍ ଆୟୋଜନ ଲାଗି ମନାକଲା ୟୁଏଇ

ଦୁବାଇ, ୯।୫ (ଏଜେନ୍ସି) : ଭାରତ ସହ ଯୁଦ୍ଧ ଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବା ପାକିସ୍ତାନ ଅନ୍ତର୍ଜାତୀୟ ସ୍ତରରେ ଲଜ୍ଜିତ ହୋଇଛି । ୟୁଏଇ ପାକିସ୍ତାନ ସୁପର ଲିଗ (ପିଏସଏଲ)ର ଅବଶିଷ୍ଟ ମ୍ୟାଚ ଆୟୋଜନ ଲାଗି ମନା କରିଦେଇଛି ।

ଗତକାଲି ଅର୍ଥାତ ଗୁରୁବାର ପାକିସ୍ତାନର ରାୱଲପିଣ୍ଡିଠାରେ କରାଚୀ ଓ ପେଶାୱର ମଧ୍ୟରେ ପିଏସଏଲ ମ୍ୟାଚ ଚାଲିଥିବାବେଳେ ଷ୍ଟାଡିୟମ ନିକଟରେ ଭାରତର ଡ୍ରୋନ ପଡ଼ିଥିଲା । ଏହାପରେ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳିଯାଇଥିଲା । ବିଦେଶୀ ଖେଳାଳିମାନେ ପାକିସ୍ତାନରେ ଖେଳିବାକୁ ଅମଙ୍ଗ ହେଲେ ।

ଏହା ପରେ ବାଧ୍ୟ ହୋଇ ପାକିସ୍ତାନ କ୍ରିକେଟ ବୋର୍ଡ ପିଏସଏଲକୁ ସ୍ଥଗିତ ରଖି ଅବଶିଷ୍ଟ ମ୍ୟାଚ ଦୁବାଇରେ କରିବାକୁ ନିଷ୍ପତ୍ତି ନେଇଥିଲା । କିନ୍ତୁ ଆଜି ୟୁଏଇ ଏଥିପାଇଁ ମନା କରିବାରୁ ପିସିବି ନିରାଶ ହୋଇଛି । ଏବର୍ଷ ପିଏସଏଲର ୧୦ମ ସଂସ୍କରଣ ଖେଳାଯାଉଛି । ପିଏସଏଲର ଆଉ ୮ଟି ମ୍ୟାଚ ରହିଛି । ଶେଷ ୮ଟି ମ୍ୟାଚ ଲାହୋର, ପେଶାୱର ଓ ମୂଲତାନରେ ଖେଳାଯିବାର ଥିଲା । କିନ୍ତୁ ଯୁଦ୍ଧ ପରିସ୍ଥିତି ମଧ୍ୟରେ ସେଠାରେ ମ୍ୟାଚକୁ ବାତିଲ କରାଯାଇଥିଲା ।




# ସ୍ଥଗିତ ରହିଲା ଆଇପିଏଲ




ନୂଆଦିଲ୍ଲୀ, ୯।୫ (ଏଜେନ୍ସି) : ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଗୁରୁବାର ରାତିରେ, ମେ ୮ ରାତିରେ, ଆଇପିଏଲ ୨୦୨୫ର ପଞ୍ଜାବ କିଙ୍ଗସ୍ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ବାତିଲ କରିବାକୁ ପଡିଥିଲା । ଗୋଟିଏ ମ୍ୟାଚ୍ ପୂର୍ବରୁ ଧର୍ମଶାଳାରୁ ସ୍ଥାନାନ୍ତରିତ ହୋଇସାରିଛି ଏବଂ ଏବେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଅର୍ଥାତ ବିସିସିଆଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଲିଗ୍ ସ୍ଥଗିତ ରଖିଛି । ବାସ୍ତବରେ ଗତକାଲି ହିମାଚଳପ୍ରଦେଶର ଧର୍ମଶାଳାଠାରେ ଖେଳାଯାଉଥିବା ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚକୁ ୧୦.୧ ଓଭର ପରେ ବନ୍ଦ କରିଦିଆଯାଇଥିଲା । ହଠାତ ୩ଟି ଫ୍ଲଡ୍ଲାଇଟ୍ ଲିଭିଯିବାରୁ ଖେଳ ଅଟକି ଯାଇଥିଲା । ୧୧ ମିନିଟ୍ ପରେ ଏହାକୁ ବାତିଲ ଘୋଷଣା କରିଦିଆଯାଇଥିଲା ।

ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତି କାରଣରୁ ଏଚ୍ପିସିଏ ଷ୍ଟାଡିୟମରୁ ତୁରନ୍ତ ଦର୍ଶକଙ୍କୁ ହଟାଯାଇଥିଲା । ଏବେ ଆଇପିଏଲର ସ୍ଥଗିତ ହେବାର ଖବର ମଧ୍ୟ ଆସିଛି । ବିସିସିଆଇ ଅଧିକାରୀ କହିଛନ୍ତି ଯେ ଦେଶରେ ଯୁଦ୍ଧ ଚାଲିଥିବା ସମୟରେ କ୍ରିକେଟ୍ କିପରି ଚାଲିପାରିବ । ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଆଇପିଏଲକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି । ତଥାପି, ଭାରତର ଇଂଲଣ୍ଡ ଗସ୍ତ ପରେ, ପ୍ଲେଅଫ୍ ମ୍ୟାଚ୍ ଏବଂ ଡଜନେ ଲିଗ୍ ମ୍ୟାଚ୍ ସମେତ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ମ୍ୟାଚ୍ ଖେଳାଯାଇପାରିବ ।

ଭାରତୀୟ ଦଳ ଜୁନ୍ ୬ ତାରିଖରେ ଇଂଲଣ୍ଡ ଗସ୍ତ ପାଇଁ ଯିବାର କାର୍ଯ୍ୟକ୍ରମ ରହିଛି । ବାସ୍ତବରେ ଆଇପିଏଲ ଲିଗ୍ ମେ ୨୫ ତାରିଖରେ କୋଲକାତାରେ ଶେଷ ହେବାର ଥିଲା । ଆଇପିଏଲ୍ ୨୦୨୫ ସ୍ଥଗିତ କରାଯାଉଛି । ବିସିସିଆଇ ଖୁବ୍ ଶୀଘ୍ର ଏ ସମ୍ପର୍କରେ ଏକ ଆନୁଷ୍ଠାନିକ ଘୋଷଣା କରିବ । ଆଇପିଏଲ୍ ୨୦୨୫ର ଲିଗ୍ ପର୍ଯ୍ୟାୟର ଶେଷ ପର୍ଯ୍ୟାୟ ଚାଲିଥିଲା । ବିସିସିଆଇ ସୂତ୍ର କହିଛି ଯେ ଦେଶରେ ଯୁଦ୍ଧ ଭଳି ପରିସ୍ଥିତି ରହିଛି । ଏପରି ପରିସ୍ଥିତିରେ ଲିଗ୍ ସ୍ଥଗିତ କରାଯାଉଛି ।

### ପୂର୍ବରୁ କେବେ ବନ୍ଦ ଥିଲା

**ଆଇପିଏଲ ୨୦୦୯ :** ଆଇପିଏଲର ଦ୍ୱିତୀୟ ସିଜିନ ଦକ୍ଷିଣ ଆଫ୍ରିକାରେ ଆୟୋଜିତ ହୋଇଥିଲା । ୨୦୦୯ରେ ଅନୁଷ୍ଠିତ ଲୋକସଭା ନିର୍ବାଚନ ଯୋଗୁଁ, ଦେଶ ବାହାରେ ଲିଗ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ତେଣୁ ଆଇପିଏଲର ମ୍ୟାଚ ସବୁ ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିଲା ।

**ଆଇପିଏଲ ୨୦୧୪ :** ୨୦୦୯ ପରେ, ୨୦୧୪ ମସିହାରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏପରି ପରିସ୍ଥିତିରେ, ପୁଣି ଥରେ ଲିଗର ତାରିଖ ଏବଂ ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା ଲିଗର ୭ମ ସିଜିନ ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଭାରତରେ ଆୟୋଜିତ ହୋଇଥିଲା । ଆଇପିଏଲ ୨୦୦୯ର ପ୍ରଥମ ୨୦ ମ୍ୟାଚ୍ ସଂଯୁକ୍ତ ଆରବ ଏମିରେଟ୍ସରେ ଖେଳାଯାଇଥିଲା । ଏହାପରେ ଅବଶିଷ୍ଟ ମ୍ୟାଚ୍ ଭାରତରେ ଅନୁଷ୍ଠିତ ହୋଇଥିଲା ।

**ଆଇପିଏଲ ୨୦୨୦ :** କରୋନା ମହାମାରୀ ଯୋଗୁଁ, ଆଇପିଏଲ ୨୦୨୦ ୟୁଏଇରେ ଖେଳାଯାଇଥିଲା । କୋଭିଡ୍ ପଜିଟିଭ୍ ଖେଳାଳିମାନଙ୍କୁ ମ୍ୟାଚ୍ ଖେଳିବାକୁ ଅନୁମତି ଦିଆଯାଇନଥିଲା । କେବଳ ଏତିକି ନୁହେଁ, ଖେଳାଳିମାନଙ୍କୁ କ୍ୱାରେଣ୍ଟାଇନ୍ କରାଯାଇଥିଲା । ଏହି ସମୟ ମଧ୍ୟରେ ଅନେକ ଖେଳାଳି ଲିଗ୍ ମଝିରେ ଛାଡି ଦେଇଥିଲେ ।

**ଆଇପିଏଲ ୨୦୨୧ :** ୨୦୨୧ ବର୍ଷରେ ମଧ୍ୟ କରୋନା ଭାଇରସ ତାଣ୍ଡବ ସୃଷ୍ଟି କରିଥିଲା । ଏପରି ପରିସ୍ଥିତିରେ, ଆଇପିଏଲ ୨୦୨୧କୁ ମଧ୍ୟଭାଗରେ ସ୍ଥଗିତ ରଖିବାକୁ ପଡିଥିଲା । କୋଲକାତା ଏବଂ ବାଙ୍ଗାଲୋର ମଧ୍ୟରେ ୩୦ ତମ ମ୍ୟାଚ୍ ପୂର୍ବରୁ ଟୁର୍ଣ୍ଣାମେଣ୍ଟ ସ୍ଥଗିତ ରଖାଯାଇଥିଲା । ଏହାପରେ ଲିଗର ଅବଶିଷ୍ଟ ସିଜିନ୍ ୟୁଏଇରେ ଆୟୋଜିତ ହୋଇଥିଲା ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ଓଡ଼ିଶା କୁଡୋ ସଂଘ

# 'କୁଡୋ'କୁ ଦିଆଯାଉ ରାଜ୍ୟସ୍ତରୀୟ ମାନ୍ୟତା

ଭୁବନେଶ୍ବର ,୯।୫ (ସବ୍ୟୁ): ଆଜି ଲୋକସେବା ଭବନରେ ଓଡ଼ିଶା କୁଡୋ ଆସୋସିଏସନର ସଦସ୍ୟ, କୋଚ ଓ ଖେଳାଳୀଙ୍କ ସମେତ ୭୦ ଜଣ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।

ସୂଚନାଯୋଗ୍ୟ ଯେ କୁଡୋ ଏକ ପ୍ରକାର ମିଶ୍ରିତ ସାମରିକ କଳା, ଯାହା ଜୁଡୋ, କରାଟେ, ଏବଂ ତାଇକୱାଣ୍ଡୋ ଖେଳର ସମାହାର । ଏହି ଖେଳ ଭାରତର ବିଭିନ୍ନ ରାଜ୍ୟ ସମେତ ବିଦେଶରେ ମଧ୍ୟ ଅନେକ ପ୍ରସିଦ୍ଧି ଲାଭ କରିଛି । ଓଡ଼ିଶାର ମଧ୍ୟ ଅନେକ ଜିଲ୍ଲାରେ ଏହି ଖେଳ ପାଇଁ ତାଲିମ୍ ଦିଆଯାଉଛି । ଏଣୁ ରାଜ୍ୟରେ ଏହି କୁଡୋ ଖେଳର ପ୍ରସାର ଓ ଏହି ଖେଳକୁ ମାନ୍ୟତା ଦେବା ପାଇଁ ଏହି ଆସୋସିଏସନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ଖେଳାଳୀଙ୍କ ସହ କଥା ହୋଇ ସେମାନଙ୍କୁ ଅଭ୍ୟାସ ଜାରି ରଖିବାପାଇଁ କହିଥିଲେ ଏବଂ ଏହି କ୍ରୀଡ଼ାକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବାପାଇଁ ବିଚାର କରାଯିବ ବୋଲି ସେ କହିଥିଲେ । ଜୁଡୋ ଖେଳାଳିଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ବ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ କୁଡୋ ଆସୋସିଏସନ ଅଫ ଓଡ଼ିଶାର ମୁଖ୍ୟ କୋଚ ନିତାଇ ଶଙ୍କର ଗୁଇଁ ପ୍ରମୁଖ ଉପସ୍ଥିତ ଥିଲେ ।



# ବିଶ୍ୱ ପୋଲିସ ହକି ପ୍ରତିଯୋଗିତାରେ ଭାଗ ନେବେ ଗାୟତ୍ରୀ

ଝାରସୁଗୁଡ଼ା,୯।୫ (ସବ୍ୟୁ): ଝାରସୁଗୁଡା ଜିଲ୍ଲା ମହିଳା ହକି ଦଳର ଖେଳାଳି ଲଇକେରା ଅଞ୍ଚଳର ଗାୟତ୍ରୀ କିଶାନ ପୋଲିସ ବିଭାଗରେ ରେ ଚାକିରୀ ପାଇ ୨୦୨୪ ମସିହାରେ କାର୍ଯ୍ୟରେ ଯୋଗ ଦେଇଥିଲେ । ଚଳିତ ୨୦୨୫ ମସିହାରେ ଓଡିଶା ମହିଳା ପୋଲିସ ହକି ଦଳରେ ସ୍ଥାନ ପାଇ ଗତ ଏପ୍ରିଲ ମାସରେ ସବ-ଭାରତୀୟ ପୋଲିସ ପ୍ରତିଯୋଗିତାରେ ଉଚ୍ଚମାନର ଖେଳ ଖେଳି ଗାୟତ୍ରୀ କିଶାନ ଭାରତୀୟ ମହିଳା ପୋଲିସ ହକି ଦଳରେ ଅଗ୍ରଭାଗର ଖେଳାଳି ଭାବରେ ମନୋନୀତ ହୋଇଛନ୍ତି ।



ଆସନ୍ତା ଜୁନ ମାସରେ ଭାରତୀୟ ମହିଳା ହକି ଦଳ ତରଫରୁ ଆମେରିକାର ବର୍ମିଗମ ବିଶ୍ୱ ପୋଲିସ ହକି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଯାତ୍ରା କରିବେ । ଚିଠି ନମ୍ବର ଏନ.ଓ.ଏକ୍ସ.ଆଇ.ଏମ-୦୯-୨୦୨୩/୩୨୪/ପୋଲିସ ଖେଳ ବିଭାଗ ୨୯-୪-୨୦୨୫ ର ଚିଠି ହସ୍ତଗତ ହେବା ପରେ ଗାୟତ୍ରୀଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି । ଏସପି ପି.ସ୍ମିତ.ପରମାର , ଅତିରିକ୍ତ ଏସ.ପି ମଧୁଶିକ୍ତା ମିଶ୍ର, ହକି ଆସୋସିଏସନର ସଭାପତି ତଥା ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ , ହକି ଆସୋସିଏସନର ସଂପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ପୂର୍ବତନ ଭାରତୀୟ ମହିଳା ହକିଦଳର ଅଧିନାୟୀକା ଶୁଭଦ୍ରା ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି । ହକି ଆସୋସିଏସନର ଓଡିଶାର ଉପ-ସଭାପତି ଜୀବନ ମହାନ୍ତି, ଜିଲ୍ଲା ହକି ଆସୋସିଏସନର କ୍ଲେମେଣ୍ଟ ରୋନାଲଟ ଗାୟିତ୍ରି କିଶାନଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି ।

# ଆବଶ୍ୟକ ପଡ଼ିଲେ ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇ ପାରନ୍ତି ଧୋନି



ନୂଆଦିଲ୍ଲୀ, ୯।୫: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଦିନକୁ ଦିନ ଆହୁରି ବୃଦ୍ଧି ପାଇବାରେ ଲାଗିଛି । ଉଭୟ ଦେଶ ତିନି ଦିନ ଧରି କ୍ରମାଗତ ଭାବେ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି । ଆଗାମୀ ଦିନରେ ଯଦି ଏପରି ପରିସ୍ଥିତି ଲାଗି ରୁହେ ତେବେ ଯୁଦ୍ଧ ପାଇଁ ଆଞ୍ଚଳିକ ସେନାକୁ ମଧ୍ୟ ପ୍ରସ୍ତୁତ ରହିବାକୁ କୁହାଯାଇଛି ।

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏମଏସ ଧୋନି ମଧ୍ୟ ଏହି ଆଞ୍ଚଳିକ ସେନାର ଜଣେ ସଦସ୍ୟ ଅଟନ୍ତି । ଏହି ସେନାରେ ତାଙ୍କୁ ଲେଫ୍ଟନାଣ୍ଟ କର୍ଣ୍ଣେଲର ସମ୍ମାନଜନକ ଉପାଧି ଦିଆଯାଇଛି । ଯଦି ଆବଶ୍ୟକ ପଡ଼େ ତେବେ ଏମ୍ ଏସ୍ ଧୋନିଙ୍କୁ ମଧ୍ୟ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ପଡିବ । ଭାରତକୁ ତିନୋଟି ଆଇସିସି ଟାଇଟଲ ଜିତାଇଥିବା ଅଧିନାୟକ ଏମଏସ ଧୋନି ଏବେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ସମ୍ପ୍ରତି ଧୋନିଙ୍କୁ ଆଇପିଏଲରେ ଖେଳୁଥିବା ଦେଖିବାକୁ ମିଳିଥିଲା । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ଆଇପିଏଲକୁ ସ୍ଥଗିତ ରଖାଯାଇଛି । ଏପରି ପରିସ୍ଥିତିରେ ସମସ୍ତ ଖେଳାଳି ଧୀରେ ଧୀରେ ନିଜ ଘରକୁ ଫେରି ଯାଉଛନ୍ତି । ଯୁଦ୍ଧ ଭଳି ପରିସ୍ଥିତିକୁ ଦେଖି ଭାରତ ସରକାର ମଧ୍ୟ ଏହି ସମ୍ପୂର୍ଣ୍ଣ ମାମଲାର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଥିବା ସହିତ ଭାରତୀୟ ଆଞ୍ଚଳିକ ସେନାକୁ ପ୍ରସ୍ତୁତ ରହିବାକୁ ସୂଚନା ଦେଇଛନ୍ତି । ଯଦିଓ ଭାରତୀୟ ଆଞ୍ଚଳିକ ସେନା ସିଧାସଳଖ ମୋର୍ଚ୍ଚା ଗ୍ରହଣ କରେ ନାହିଁ, କିନ୍ତୁ ଯେତେବେଳେ ଯୁଦ୍ଧ ସମୟ ଆସେ, ଏହାକୁ ଯୁଦ୍ଧକ୍ଷେତ୍ରରେ ନିୟୋଜିତ କରାଯାଇଥାଏ । ଏହା ଭାରତୀୟ ସେନାର ଏକ ଅଂଶ ଓ ସ୍ୱେଚ୍ଛାସେବୀ ସଂଗଠନ । ଠିକ୍ ସମୟରେ ଉପଯୋଗୀ ପାଇଁ ସେନା ପକ୍ଷରୁ ଆଞ୍ଚଳିକ ସେନାକୁ ତାଲିମ ଦିଆଯାଇଥାଏ । ସଙ୍କଟ ସମୟରେ ଆଭ୍ୟନ୍ତରୀଣ ସୁରକ୍ଷା ଯୋଗାଇବା ହେଉଛି ଏହି ସେନାର କାମ । ଆଞ୍ଚଳିକ ସେନାର ସଦସ୍ୟମାନଙ୍କୁ ଆବଶ୍ୟକ ପଡ଼ିଲେ ଯୁଦ୍ଧକ୍ଷେତ୍ରକୁ ଯିବାକୁ ପଡ଼ିଥାଏଛ

### ଜଗବନ୍ଧୁ ମେମୋରିଆଲ ଫୁଟବଲ

# ଖଡଗପୁରକୁ ହରାଇ ଫାଇନାଲରେ ଜଗନ୍ନାଥ କ୍ଲବ

ବାସୁଦେବପୁର,୯।୫ (ସବ୍ୟୁ): ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଟାଉନ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଆନ୍ତରାଜ୍ୟ ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ମ୍ୟାଚରେ ରୁଦ୍ରାଂଶୁ ଖଡ଼ଗପୁର ଓ କଟକର ଜୟ ଜଗନ୍ନାଥ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କଟକର ଜୟ ଜଗନ୍ନାଥ କ୍ଲବ ୩-୨ଗୋଲରେ ଖଡ଼କପୁରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଖେଳର ପ୍ରଥମାର୍ଦ୍ଧରେ ଦୁଇ ମିନିଟ ଓ ୬ମିନିଟରେ ଲଗାତର ଦୁଇଟି ଗୋଲ ମାରିଥିଲା ରୁଦ୍ରାଂଶ ଖଡ଼କପୁର । ପରେ କଟକ କ୍ରମାଗତ ଭାବେ ତିନୋଟି ଗୋଲ କରି ୩-୨ରେ ଥିଲେ । ଦ୍ୱିତୀୟାର୍ଦ୍ଧରେ ମ୍ୟାଚ ରୋମାଂଚକର ଥିଲା । ଫାଇନାଲରେ ପ୍ରବେଶ କରିବା ଉଭୟଙ୍କ ପାଇଁ କର ବା ମର ପରିସ୍ଥିତି ହୋଇ ପଡିଥିଲା । ହେଲେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ । ଖେଳରେ ମୁଖ୍ୟଅତିଥି ଭାବେ ଆଇଆଇସି ଲୋପମୁଦ୍ରା ନାୟକ, ଯୁବନେତା ଉଦୟ ନାରାୟଣ ମଲ୍ଲିକ, କ୍ଲବ ସମ୍ପାଦକ ମହେଶ ଚନ୍ଦ୍ର ମହାନ୍ତି, ଲକ୍ଷ୍ମଣ କୁମାର ବାରିକ ଉପସ୍ଥିତ ଥିଲେ । ଖେଳକୁ ମାନସ ବିଶ୍ୱାଳ, ଗଣେଶ୍ୱର ସିଂ, ରାମଚନ୍ଦ୍ର ବେସ୍ରା ଓ ଉତ୍ତମ ବାରିକ ପରିଚାଳନା କରିଥିଲେ ।

# ଅମ୍ବାତିଙ୍କ ବିବାଦୀୟ ପୋଷ୍ଟ ନେଇ ପ୍ରଶଂସକ ଖପ୍ପା

ନୂଆଦିଲ୍ଲୀ, ୯।୫ (ଏଜେନ୍ସି) : ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଗୁରୁବାର ଦିନ ଆଇପିଏଲ ମ୍ୟାଚକୁ ବାତିଲ କରାଯାଇଥିଲା 'ଅପରେସନ୍ ସିନ୍ଦୂର' ପରେ, ଉଭୟ ଦେଶର ସେନା ମୁହାଁମୁହିଁ ହୋଇଛନ୍ତି । ଭାରତୀୟ ସେନା ପାକିସ୍ତାନର ପ୍ରତ୍ୟେକ ମନ୍ଦ ଉଦ୍ଦେଶ୍ୟର ଉଚିତ ଜବାବ ଦେଉଛି । ଟିମ୍ ଇଣ୍ଡିଆର କ୍ରିକେଟରମାନେ ମଧ୍ୟ ଦେଶର ସେନାକୁ ନିରନ୍ତର ଉତ୍ସାହିତ କରୁଛନ୍ତି । ଏହି ସମୟରେ ପୂର୍ବତନ ଭାରତୀୟ କ୍ରିକେଟର ଅମ୍ବାତି ରାୟୁଡୁଙ୍କ ଏକ ପୋଷ୍ଟ ହଙ୍ଗାମା ସୃଷ୍ଟି କରିଛି । ଅମ୍ବାତି ରାୟୁଡୁ ଏକ୍ସରେ ପୋଷ୍ଟ କରିଥିଲେ । ଏହି ପୋଷ୍ଟ ସେତେବେଳେ କରାଯାଇଥିଲା ଯେତେବେଳେ ପାକିସ୍ତାନ ଡ୍ରୋନ୍ ଏବଂ ମିସାଇଲ୍ ସହିତ ଭାରତ ଉପରେ ଆକ୍ରମଣ କରିଥିଲା । ଭାରତୀୟ ସେନାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏହି ଆକ୍ରମଣଗୁଡ଼ିକୁ ବିଫଳ କରିଥିଲା । ଭାରତର ପ୍ରତିଶୋଧ ମଧ୍ୟରେ, ରାୟୁଡୁ ଟ୍ୱିଟ୍ କରିଥିଲେ, ଆଖି ବଦଳରେ ଆଖି ଦେଖାଇବା ସମଗ୍ର ବିଶ୍ୱକୁ ଅନ୍ଧ କରିଦିଏ ।

ଭାରତୀୟ ୟୁଜର୍ସମାନେ ତାଙ୍କ ପୋଷ୍ଟକୁ ପସନ୍ଦ କରିନଥିଲେ । ଜଣେ ୟୁଜର୍ସ ତାଙ୍କୁ ତୁରନ୍ତ ଟ୍ୱିଟ୍ ଡିଲିଟ କରିବାକୁ କହିଥିଲେଛ ସେହି ସମୟରେ, ଅନ୍ୟ ଜଣେ କହିଥିଲେ ଯେ ଯେତେବେଳେ ଆମେ ଏପରି ଭାବିବୁ, ସେତେବେଳେ ଆମର ଉଭୟ ଆଖି ଚାଲିଯାଇଥିବ ।

ବିବାଦ ବଢ଼ିବା ଦେଖି, ରାୟୁଡୁ ଆଉ ଏକ ପୋଷ୍ଟ କରିଥିଲେ ଏବଂ ଲେଖିଥିଲେ ଯେ- ''ଜମ୍ମୁ ଓ କାଶ୍ମୀର, ପଞ୍ଜାବ ଏବଂ ଭାରତୀୟ ସୀମାର ଅନ୍ୟାନ୍ୟ ଅଂଶରେ ସମସ୍ତଙ୍କ ସୁରକ୍ଷା ଏବଂ ଶାନ୍ତି ପାଇଁ ପ୍ରାର୍ଥନା କରୁଛି । ମୁଁ ଏହା ଦ୍ୱାରା ପ୍ରଭାବିତ ସମସ୍ତଙ୍କ ପାଇଁ ସୁରକ୍ଷା ଏବଂ ଏକ ଶୀଘ୍ର ସମାଧାନ ଆଶା କରୁଛି । ଜୟ ହିନ୍ଦ ।''

ଆପଣଙ୍କୁ ଜଣାଇ ଦେଉଛୁ ଯେ ଏପ୍ରିଲ ୨୨ ତାରିଖରେ ପାକିସ୍ତାନୀ ଆତଙ୍କବାଦୀମାନେ ପହଲଗାମରେ ୨୬ ନିରୀହ ଲୋକଙ୍କୁ ହତ୍ୟା କରିଥିଲେ । ଏହାର ଜବାବରେ, ଭାରତ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଶିବିର ଉପରେ ଗୋଟିଏ ପରେ ଗୋଟିଏ ୯ଟି ଆକ୍ରମଣ କରିଥିଲା । ଏହି ବିମାନ ଆକ୍ରମଣରେ ପାକିସ୍ତାନ ଭିତରେ କାର୍ଯ୍ୟ କରୁଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରାଯାଇଥିଲା ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି